PRGI NO - ORORI/26/A1298

# ଆମର ପ୍ରୟାସ
AAMAR PRAYAS

ବର୍ଷ-୦୧,ସଂଖ୍ୟା-୦୨, ଗୁରୁବାର, ୧୯ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮) VOL- 01, Issue- 02 Thursday,19 March 2026, Bhubaneswar, Rs. 5.00 (Page - 08)






ବିଲୁପ୍ତପ୍ରାୟ ପରମ୍ପରାର ମର୍ମସ୍ପର୍ଶୀ ଦଲିଲ

## ସଂକ୍ଷିପ୍ତ ଖବର

### ବୌଦ୍ଧରୁ ଅନୁକୂଳ ହେଲା ରଥକାଠ

ହରଭଙ୍ଗା : ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବୌଦ୍ଧ ଜିଲ୍ଲାରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଛି । ବୁଧବାର



ହରଭଙ୍ଗା ବ୍ଲକ ମାଧପୁର ରେଞ୍ଜ ଅନ୍ତର୍ଗତ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ( ୨ )ରେ ଅସନ ଗଛରେ ପୂଜାର୍ଚ୍ଚନା କରି ରଥକାଠ କଟା ଶୁଭାରମ୍ଭ ହୋଇଛି । ରଥକାଠ ଅନୁକୂଳ ପୂର୍ବରୁ ବନଦୁର୍ଗା ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା ।
ରଥକାଠ ଅନୁକୂଳ ଅବସରରେ ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତ, ମାଧପୁର ରେଞ୍ଜ ଅଧିକାରୀ ଆସିକ ଡିଗାଲ, ବାରିଙ୍ଗ ବିଟର ଫରେଷ୍ଟର ଭକ୍ତବତ୍ସଳ ମଲିକ, ବନରକ୍ଷୀ ବୀଣାପାଣି ଖଟୁଆ ଓ ବାରିଙ୍ଗ ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀ ଉପସ୍ଥିତ ରହି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ହୋଇଥିଲା । ଚଳିତବର୍ଷ ବୌଦ୍ଧ ଜିଲ୍ଲାର ପାଞ୍ଚଟି ରେଞ୍ଜ ମାଧପୁର, ପୁରୁଣା କଟକ, ବୌଦ୍ଧ, ମନମୁଣ୍ଡା ଓ କଣ୍ଟାମାଳରୁ ମୋଟ ୨ଶହ ଖଣ୍ଡ ରଥକାଠ ପୁରୀକୁ ପଠାଯିବ । ଏଥିରୁ ମାଧପୁର ରେଞ୍ଜରୁ ପ୍ରାୟ ୫୦ଖଣ୍ଡ ଅସନ ଓ ୨୦ଖଣ୍ଡ ଧଉରା କାଠ ପୁରୀ ପଠାଯିବ ।
ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ତିନି ଠାକୁରଙ୍କ ରଥ ନିର୍ମାଣ ପାଇଁ ବୌଦ୍ଧରୁ ପ୍ରତିବର୍ଷ ରଥକାଠ ପ୍ରେରଣରେ ବିଶେଷ ଅବଦାନ ରହିଛି ।

### ଆଜି ବି ଏସସିବି ତାତି : ଚାଲିପାରିଲାନି ବିଧାନସଭା



ଭୁବନେଶ୍ୱର: ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଆଜି ହେଉଛି ସପ୍ତମ ଦିନ । ଆଜି ବି ପ୍ରଶ୍ନକାଳ ଚାଲିପାରିଲାନି । ଏସସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରି ହୋହଲ୍ଲା କରିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ବାଚସ୍ପତି ସାଢେ ୧୧ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଛନ୍ତି । ଗତକାଲି ମଧ୍ୟ ସମାନ ପ୍ରସଙ୍ଗ ଉଠିଥିବାରୁ ଗୃହକୁ ବାରମ୍ବାର ମୁଲତବୀ କରାଯାଇଥିଲା ।

## ମୁନ୍ଦ୍ରା ବନ୍ଦରରେ ପହଞ୍ଚିଲା 'ଜଗ ଲାଡକି'



ନୂଆଦିଲ୍ଲୀ: ତୃତୀୟ ଭାରତୀୟ ପତାକା ଥିବା ଜାହାଜ ଜଗ୍ ଲଡକି ସୁରକ୍ଷିତ ଭାବରେ ଆଜି ସକାଳେ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ଜଗ୍ ଲଡକି ଏକ ତୈଳ ଟ୍ୟାଙ୍କରରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ୮୦ ହଜାର ଟନ୍ ମର୍ବାନ୍ ଅଶୋଧିତ ତୈଳ ନେଇ ଭାରତ ଆସିଛି । ପୂର୍ବରୁ, ଦୁଇଟି ଭାରତୀୟ ଏଲପିଜି ଟ୍ୟାଙ୍କର୍ ଶିବାଲିକ୍ ଏବଂ ନନ୍ଦା ଦେବୀ ଇରାନର ହରମୁଜ୍ ପ୍ରଣାଳୀ ଦେଇ ଆସିବାପରେ ଭାରତୀୟ ନୌସେନାର ସୁରକ୍ଷା କବଚରେ ଭାରତରେ ପହଞ୍ଚିଥିଲେ । ଓମାନ ଉପସାଗରରେ ଥିବା ୟୁଏଇର ଫୁଜୈରା ବନ୍ଦରରେ ଅଶୋଧିତ ତୈଳ ଲୋଡ୍ କରୁଥିବା ସମୟରେ ଇରାନ ଜଗ୍ ଲଡକି ଉପରେ ଆକ୍ରମଣ କରିଥିଲା । ଜଗ୍ ଲଡକି ଉପସ୍ଥିତିରେ ଫୁଜାଇରା ବନ୍ଦର ଆକ୍ରମଣ କରିଥିଲା । ଜଗ୍ ଲଡକି ଏବଂ ଏଥିରେ ଥିବା ସମସ୍ତ ଭାରତୀୟ ନାବିକ ଭାରତୀୟ ନୌସେନାର ସୁରକ୍ଷାରେ ସୁରକ୍ଷିତ ଭାବରେ ନିଜ ସ୍ୱଦେଶକୁ ଫେରି ଆସିଛନ୍ତି । ଜଗ୍ ଲଡକି ରବିବାର ଫୁଜୈରାହ ବନ୍ଦରରୁ ବାହାରିଥିଲା ଏବଂ ଶନିବାର ଇରାନ ଆକ୍ରମଣ ଯୋଗୁଁ ତେଲ କାରବାର ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଥିଲା ।

## ସ୍ୱତନ୍ତ୍ର ସଚିବଙ୍କୁ ଅଗ୍ନିକାଣ୍ଡ ସୁରକ୍ଷା ଦାୟିତ୍ୱ ଉନ୍ନୟନ, ଶିଳ୍ପ ପ୍ରକଳ୍ପ ଭଳି ଅଗ୍ନି ସୁରକ୍ଷାକୁ ଗୁରୁତ୍ୱ ଦିଅ: ମୁଖ୍ୟ ସଚିବ

ଭୁବନେଶ୍ୱର, ୧୭।୩ : ଏଣିକି ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଥା ସ୍ୱାସ୍ଥ୍ୟ ବିଭାଗର ଜଣେ ସ୍ୱତନ୍ତ୍ର ଶାସନ ସଚିବ ବୁଝିବେ । ସେହିପରି ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାରୀ କୋଠା ନିର୍ମାଣ ସମୟରେ ବିଲ୍ଡିଂ ପ୍ଲାନ ଅନୁମୋଦନ କରାଯିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡ଼ିକରେ ଅଗ୍ନିଶମ ପ୍ରସ୍ତୁତିକୁ ବ୍ୟାପକ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । କଟକସ୍ଥିତ ଏସସିବି ମେଡିକାଲ୍‌ରେ ଭୟାବହ ଅଗ୍ନିକାଣ୍ଡ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି ।
ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ନିୟମିତ ଭାବରେ ଅଗ୍ନି ନିର୍ବାପନ ଉପକରଣଗୁଡିକୁ ଯାଞ୍ଚ କରିବା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଆବଶ୍ୟକ ସ୍ଥଳେ ତୃତୀୟ ପକ୍ଷ ଅଡିଟ୍ କରାଇବା ପାଇଁ କୁହାଯାଇଛି । ଜିଲାସ୍ତରରେ ଅଗ୍ନି ନିରାପତ୍ତା ସମ୍ପର୍କିତ ଅଭ୍ୟାସକୁ ଅଧିକରୁ ଅଧିକ ଆୟୋଜନ କରିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ କହିଲେ, ଶିଳ୍ପ, ଭିତ୍ତିଭୂମି ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପକୁ ଆମେ ଯେପରି ଗୁରୁତ୍ୱ ଦେଉଛୁ, ସେହିଭଳି ଅଗ୍ନି ନିରାପତ୍ତାକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଥିରେ ସମ୍ପୃକ୍ତ ସମସ୍ତ ବିଭାଗ, ଅଗ୍ନିଶମ ସେବା ଓ ଜିଲାପାଳମାନେ ସର୍ବଦା ପ୍ରସ୍ତୁତିକୁ ଅଗ୍ରାଧିକାର ଦେବା ଆବଶ୍ୟକ । ବୈଠକରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓ ରଞ୍ଜନ କୁମାର ସିଂ, ଅଗ୍ନିଶମ ସେବା ମହା ନିର୍ଦ୍ଦେଶକ ଡା. ସୁଧାଂଶୁ ଷଡ଼ଙ୍ଗୀ, ପୂର୍ତ୍ତ



ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗଣଶିକ୍ଷା ବିଭାଗ ଆଦିର ସଚିବ ଯୋଗ ଦେଇଥିବା ବେଳେ ଜିଲାପାଳମାନେ ଆଭାସି ମାଧ୍ୟମରେ ଯୋଡି ହୋଇଥିଲେ ।

## ଇରାନର ସର୍ବୋଚ୍ଚ ସୁରକ୍ଷା ମୁଖ୍ୟ ଲାରିଜାନି ନିହତ

ନୂଆଦିଲ୍ଲୀ : ଇସ୍ରାଏଲ୍-ଇରାନ ଯୁଦ୍ଧ ୧୫ ଦିନରେ ପହଞ୍ଚିଲାଣି । ଏହାରି ଭିତରେ ଇରାନର ସୁରକ୍ଷା ମୁଖ୍ୟ ଅଲୀ ଲାରିଜାନିଙ୍କ ମୃତ୍ୟୁ ହୋଇଛି । ଖାମେନେଇଙ୍କ ପରେ ଇରାନର ଜଣେ ପ୍ରଭାବଶାଳୀ ନେତା ଅଲୀ ଲାରିଜାନିଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ତେହେରାନରେ ହୋଇଥିବା ଏୟାରଷ୍ଟ୍ରାଇକରେ ଅଲୀ



ଲାରିଜାନିଙ୍କର ମୃତ୍ୟୁ ହୋଇଥିବା ପୂର୍ବରୁ ଇସ୍ରାଏଲ ଦାବି କରିଥିଲା । ଖାମେନେଇଙ୍କ ପରେ ଲାରିଜାନିଙ୍କ ମୃତ୍ୟୁ ଇରାନ ପାଇଁ ବଡ଼ ଝଟକା ଲାଗିଛି । ସୋମବାର ରାତିରେ ଇରାନର ରାଜଧାନୀ ତେହରାନ୍ ସମେତ ଅନେକ ସହର ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା । ଏହି ସମୟରେ ଇରାନର କ୍ଷମତାଶାଳୀ ଅଧିକାରୀ ଅଲୀ ଲାରିଜାନିଙ୍କୁ ଟାର୍ଗେଟ୍ କରାଯାଇଥିଲା । ଏବେ ଇରାନ ପକ୍ଷରୁ ଏ ସଂପର୍କରେ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଲାରିଜାନିଙ୍କ ମୃତ୍ୟୁ ହୋଇଥିବା ସ୍ୱୀକାର କରିଛି ତେହରାନ । ଲାରିଜାନିଙ୍କୁ ଇରାନର ପୂର୍ବତନ ସୁପ୍ରିମଲିଡର ଆୟୋତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ଅତି ଘନିଷ୍ଠ ଥିଲେ ।

# ବିକଶିତ ଓଡ଼ିଶା ଦିଗରେ ବଡ଼ ପଦକ୍ଷେପ

ଭୁବନେଶ୍ୱର: ଓଡ଼ିଶାର ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ଚଳିତ ବଜେଟ୍ ?ରେ ରାଜ୍ୟ ସରକାର ଅଭୂତପୂର୍ବ ଗୁରୁତ୍ୱ ପ୍ରଦାନ କରିଛନ୍ତି ଓ ବୁଧବାର ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ସମ୍ମିଳନୀ କକ୍ଷରେ ମାନନୀୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ବିଭାଗୀୟ ବଜେଟ୍ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ମୋଟ ୩୪,୧୦୪.୦୬ କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ମୋଟ ୧୦,୨୦୪.୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହି ପ୍ରସ୍ତାବ ଗୃହରେ ପାରିତ ହୋଇଛି ଓ ଏହି ବୃହତ ପାଣ୍ଠି ମାଧ୍ୟମରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ସଡ଼କ ସଂଯୋଗୀକରଣ ଏବଂ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି କରାଯିବ ବୋଲି ଆଶା ରଖାଯାଇଛି ।
ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଆବାସ ଯୋଜନାକୁ ବଜେଟ୍ ?ରେ ପ୍ରାଧାନ୍ୟ ଦିଆଯାଇଛି ଓ ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୨,୪୪୫ କୋଟି ଟଙ୍କା, ଅନ୍ତ୍ୟୋଦୟ ଯୋଜନା ପାଇଁ ୨,୦୦୦ କୋଟି ଟଙ୍କା ଏବଂ ପିଏମ୍-ଜନମନ ଯୋଜନା ପାଇଁ ୩୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି ଓ ରାଜ୍ୟରେ ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ 'ଭିବି-ଜି ରାମ ଜି' ଯୋଜନା ପାଇଁ ୫,୫୭୫ କୋଟି ଟଙ୍କା ରଖାଯାଇଛି ଓ ଏହି ଯୋଜନାରେ ବାର୍ଷିକ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ସହ ଚାଷ ସମୟରେ ୬୦ ଦିନର ବିରତି ସୁବିଧା ରହିଛି ଓ କାର୍ଯ୍ୟ ଶେଷ ହେବାର ସର୍ବାଧିକ ୧୫ ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ ଏବଂ କାମ ନମିଳିଲେ ଦୈନିକ ବେକାରୀ ଭତ୍ତାର ବ୍ୟବସ୍ଥା ମଧ୍ୟ କରାଯାଇଛି ଓ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ମନରେଗା ପାଇଁ ୧,୬୨୬ କୋଟି ଟଙ୍କା ରଖାଯାଇଛି ଓ ଏଥିସହିତ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ପରି ୯ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ଦାଦନ ସମସ୍ୟା ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା- 'କର୍ମବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି' କାର୍ଯ୍ୟକାରୀ କରାଯିବ ଓ ୩୬ ମାସର ଏହି ମିଶନ ପାଇଁ ୨୦୨୬-୨୭ ବର୍ଷରେ ୨୨୦ କୋଟି ଟଙ୍କା ଅନୁମୋଦିତ ହୋଇଛି ।
୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମୀଣ ପରିବାରକୁ ଶତପ୍ରତିଶତ ପାଇପ୍ ଜଳ ଯୋଗାଇ ଦେବାର ଲକ୍ଷ୍ୟ ମାନନୀୟ ମନ୍ତ୍ରୀ ଶ୍ରୀ ନାଏକ ଦୋହରାଇଥିଲେ ଓ ୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୭୭.୧୫ % ପରିବାର ଏହି ସୁବିଧା ପାଇଥିବା ବେଳେ ଚଳିତ ବର୍ଷ ପାଇଁ 'ଜଳ ଜୀବନ ମିଶନ'ରେ ୭,୦୦୦ କୋଟି, 'ବସୁଧା' ଯୋଜନାରେ ୪୯୫ କୋଟି ଏବଂ ଆରପିଡବ୍ଲୁଏସ୍ (RPWS) ଯୋଜନା ପାଇଁ ୧,୦୦୦ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି ଓ ଏଥିସହିତ ନୂତନ 'ମିଶନ ପାୱାର' ଯୋଜନାରେ ୧,୦୦୦ କୋଟି ଟଙ୍କା ବିନିଯୋଗ କରାଯାଇ ୧,୦୪୩ଟି ଅଣ-ସଂଯୋଗୀକୃତ ବସତିକୁ ମୋଟ ୮୯୯୨.୯୭ କି.ମି ସଡ଼କ ଓ ଘାଟ ନିର୍ମାଣ ମାଧ୍ୟମରେ ସଂଯୋଗ କରାଯିବ ।
ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୨୦୦ କି.ମି ସଡ଼କ ଓ ୩୦୦ଟି ସେତୁ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ୯,୭୦୦ କି.ମି ନୂତନ ରାସ୍ତା ଓ ୩୫୦ଟି ନୂତନ ସେତୁ ପ୍ରକଳ୍ପ ହାତକୁ ନେବ ଓ ଏଥିସହିତ ୧୪୨ଟି ନିର୍ବାଚନ ମଣ୍ଡଳୀରେ ରାସ୍ତାର




ଉନ୍ନତିକରଣ ପାଇଁ ୧୪୨ କୋଟି ଏବଂ ଦୈବୀଦୁର୍ବିପାକରୋଧି (Disaster Resilient) ରାସ୍ତା ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଓ ଆର୍ଥିକ ବର୍ଷ ୨୦୨୬-୨୭ରେ କୋଠାବାଡି ନିର୍ମାଣ ନିମନ୍ତେ ୧୦୨.୫୦ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି ଓ ରାଜ୍ୟର ଗ୍ରାମାଞ୍ଚଳକୁ ଆତ୍ମନିର୍ଭରଶୀଳ କରିବା ଏବଂ ବିକାଶର ସୁଫଳ ଶେଷ ଧାଡ଼ିର ମଣିଷ ପାଖରେ ପହଞ୍ଚାଇବା ପାଇଁ ସରକାର ଏହି ବଜେଟ୍ ?ରେ ବ୍ୟାପକ ବ୍ୟବସ୍ଥା କରିଛନ୍ତି ଓ 'ସେବା, ସୁବିଧା ଓ ସଶକ୍ତିକରଣ' ମନ୍ତ୍ରକୁ ପାଥେୟ କରି ଗ୍ରାମୀଣ ଓଡ଼ିଶାର ରୂପରେଖ ବଦଳାଇବା ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତ ।

## ମାର୍ଚ୍ଚ ସୁଦ୍ଧା ମାଲକାନଗିରିରୁ ଉଡ଼ିବ ବିମାନ ଖୁବଶୀଘ୍ର ପରୀକ୍ଷାମୂଳକ ଅବତରଣ, ବୈଷୟିକ ଦଳର ସମୀକ୍ଷା

ମାଲକାନଗିର :ବହୁ ପ୍ରତୀକ୍ଷିତ ମାଲକାନଗିରିରୁ ଭୁବନେଶ୍ୱର ବିମାନ ସେବା ଚଳିତ ମାସ ଶେଷସୁଦ୍ଧା ଆରମ୍ଭ ହେବାକୁ ଯାଉଛି । ଏଥିନେଇ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ମାଲକାନଗିରି ଜିଲାର ବିମାନବନ୍ଦର ପରିଦର୍ଶନ କରିଛନ୍ତି । ରାଜ୍ୟ ସରକାରଙ୍କ ପରିବହନ ବିଭାଗର ଉଚ୍ଚସ୍ତରୀୟ ଦଳ ଏବଂ ଇଣ୍ଡିଆ ୱାନ୍ ଏୟାର କମ୍ପାନୀର ବୈଷୟିକ ଦଳ ମାଲକାନଗିରି ପହଞ୍ଚିଥିଲେ । ରାଜ୍ୟ ସରକାରଙ୍କ ବେସାମରିକ ବିମାନ ଚଳାଚଳ ପରାମର୍ଶଦାତା ସୁରେଶଚନ୍ଦ୍ର ହୋତା ଓ ସୁରକ୍ଷା ପରାମର୍ଶଦାତା ମନୋଜ କୁମାର ଦାସଙ୍କ ନେତୃତ୍ୱରେ ଏହି ଦଳ ମାଲକାନଗିରିର ବିମାନ ବନ୍ଦର ତନ୍ନତନ୍ନ ଯାଞ୍ଚ କରିଛନ୍ତି । ବିଶେଷ କରି ରନୱେ, ବିମାନ ବନ୍ଦର ପାଚେରି, ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା, ଟିକଟ କାଉଣ୍ଟରଠାରୁ




ଆରମ୍ଭ କରି ବିମାନ ବନ୍ଦରର ସମସ୍ତ ଗୃହ ମଧ୍ୟ ଯାଞ୍ଚ କରିଛନ୍ତି । ସାମାନ୍ୟ କିଛି ତ୍ରୁଟି ଥିବାବେଳେ ତୁରନ୍ତ ସେଗୁଡିକୁ ସମାଧାନ କରିବାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିମାନ ଚଢ଼ିବା ପାଇଁ ସ୍ୱତନ୍ତ୍ର ଶିଡ଼ି ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାସୁଯୋଗ ଯେପରି ଯାତ୍ରୀମାନେ ପାଇପାରିବେ ସେଥିନେଇ ମଧ୍ୟ ତୁରନ୍ତ ପଦକ୍ଷେପ ନେବାକୁ ଏହି ଦଳ ନିଷ୍ପତ୍ତି ନେଇଛି । ପ୍ରଥମାର୍ଦ୍ଧରେ ଜୟପୁରଠାରୁ ଭୁବନେଶ୍ୱର ଯାଉଥିବା ଇଣ୍ଡିଆ ୱାନ ବିମାନକୁ ପରୀକ୍ଷାମୂଳକ ଭାବେ ମାଲକାନଗିରି ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇ ଏଠାରୁ ଜୟପୁରକୁ ସଂଯୋଗ କରି ବିମାନ ଉଡିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରଥମେ ୯ ଆସନ ବିଶିଷ୍ଟ ଯାତ୍ରୀବାହୀ ବିମାନ ଚଳାଚଳ କରିବ । ଆଗାମୀ ଦୁଇଦିନ ମଧ୍ୟରେ ରନୱେରେ ପରୀକ୍ଷାମୂଳକ ଭାବେ ବିମାନ ଅବତରଣ କରିବା ନେଇ ମଧ୍ୟ ସୂଚନା ମିଳିଛି । ପ୍ରକାଶଥାଉକି ୨୦୨୪ ନିର୍ବାଚନ ପୂର୍ବରୁ ସେତେବେଳର ସରକାର ଏହି ବିମାନ ବନ୍ଦରକୁ ଉଦ୍ ?ଘାଟନ କରିଥିଲ । ଦୁଇବର୍ଷ ବିତି ଯାଇଥିଲେ ସୁଦ୍ଧା ଏଠାରୁ କୌଣସି ଯାତ୍ରୀବାହୀ ବିମାନ ଉଡି ପାରି ନଥିଲା । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ତରଫରୁ ଅନୁମତି ମିଳିନଥିବା ସରକାର କହିଥିବା ବେଳେ ବର୍ତ୍ତମାନ ଘରୋଇ ବିମାନ ଉଡିବାକୁ ଅନୁମତି ମିଳିଛି ।

## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା: ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦାବି କଲା ବିଜେଡ

ଭୁବନେଶ୍ୱର: କଟକର ଏସ୍‌ସିବି ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍ (ଏସ୍‌ସିବି ଏମସିଏଚ୍)ରେ ମାର୍ଚ୍ଚ ୧୬, ୨୦୨୬ରେ ହୋଇଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ଭାବେ ନିନ୍ଦା କରୁଛି । ଏହି ଦୁର୍ଘଟଣାରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି ଓ ଏହା ଓଡ଼ିଶା ସରକାରୀ ହସ୍ପିଟାଲ୍ ଅଗ୍ନିକାଣ୍ଡ ଇତିହାସରେ ସର୍ବାଧିକ । ଏହା ବିଜେପି ସରକାରଙ୍କର ଗଭୀର ଅବହେଳାକୁ ପ୍ରକାଶ କରୁଛି ।
ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଏବଂ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜେପି ସରକାରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି । ଯାହାଫଳରେ ଏସ୍ ?ସିବି ଅଗ୍ନିକାଣ୍ଡ ଘଟଣାରେ ୧୩ଟି ନିରୀହ ଜୀବନ ଚାଲିଗଲା ବୋଲି କହିଥିଲେ ।
ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟ୍ରମା ସେଣ୍ଟର ସମେତ ୩୩ଟି ଭବନରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇନାହିଁ । ପୂର୍ବ ଘଟଣାରୁ ପ୍ରଶାସନ କୌଣସି ଶିକ୍ଷା ନେଇପାରିଲା ନାହିଁ । ଏସ୍ ?ସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଚାର ବିଭାଗୀୟ ନିଦ୍ରେ୍ଦଶ ସ୍ୱାଗତଯୋଗ୍ୟ । ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତଦନ୍ତ କମିଟି ଏଯାଏଁ ରିପୋର୍ଟ ଦାଖଲ ନ କରିବା ଦୁର୍ଭାଗ୍ୟଜନକ । ପରିବାରବର୍ଗ ଶୋକରେ ଥିବା ସମୟରେ ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭାରେ ରାଜନୈତିକ କାର୍ଯ୍ୟକଳାପରେ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ୟସ୍ତ ରହିବା ନିନ୍ଦନୀୟ । ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ।
ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଏସ୍ ?ସିବିଏମ୍ସିଏଚ୍‌ରେ ସୁପରିନଟ୍ଟେଣ୍ଡେଣ୍ଟଙ୍କ ନିଯୁକ୍ତି ନ୍ୟାସନାଲ ମେଡ଼ିକାଲ କମିସନ ନିୟମ ଉଲ୍ଲଙ୍ଘନ କରୁଛି । ବିଜେପି ଚାପରେ ରାଜନୈତିକ ସମ୍ପର୍କିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେପି ସରକାର ଆସିବା ପରେ କୌଣସି ସ୍ୱାସ୍ଥ୍ୟ ସୁରକ୍ଷା ଅଡିଟ୍ ହୋଇନାହିଁ । ସ୍ୱାସ୍ଥ୍ୟମନ୍ତ୍ରୀ ନୈତିକ ଭିତ୍ତିରେ ତୁରନ୍ତ ଇସ୍ତଫା ଦେବା ଦରକାର । ଏସ୍ ?ସିବିର




ସୁପରିନଟେଣ୍ଡେଣ୍ଟ ଏବଂ ଅତିରିକ୍ତ ସୁପରିନଟେଣ୍ଡେଣ୍ଟଙ୍କୁ ଅପରାଧିକ ଅବହେଳା ପାଇଁ ଗିରଫ କରାଯିବା ଦରକାର । ଏହାସହିତ ମୃତକଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯାଉ ।
ତଦନ୍ତ ରିପୋର୍ଟ ଶୀଘ୍ର ଦାଖଲ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସମସ୍ତ ସରକାରୀ ହସ୍ପିଟାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ । ବିଜେଡି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ନ ଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଥିଲେ ।

## ସୁପ୍ରିମ୍‌କୋର୍ଟରେ ଦାରା ସିଂହଙ୍କ ମୁକ୍ତି ଆବେଦନର ଶୁଣାଣି

ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟର ବିଚାରପତି ମନମୋହନ ଓ ମନୋଜ ମିଶ୍ରଙ୍କ ଦୁଇଜଣିଆ ଖଣ୍ଡପୀଠରେ ବୁଧବାର ବହୁଚର୍ଚ୍ଚିତ ଦାରା ସିଂହ ମାମଲାର ଶୁଣାଣି ହୋଇଥିଲା । ଉଲ୍ଲେଖଯୋଗ୍ୟ, ଦାରା ସିଂହଙ୍କୁ ସମ୍ପୂର୍ଣ୍ଣ କାରାମୁକ୍ତ କରିବାକୁ ସୁପ୍ରିମ୍‌କୋର୍ଟରେ ମାମଲା ଦାୟର ହୋଇଛି ।
ଦାରାଙ୍କ ଓକିଲ ଏକେ ସିଂହ ଖଣ୍ଡପୀଠରେ ଯୁକ୍ତି କରି ଦର୍ଶାଇଥିଲେ ଦାରା ସିଂହ ଦୀର୍ଘ ୨୬ ବର୍ଷ ୬ ମାସ କାରାଦଣ୍ଡ ଭୋଗି ସାରିଲେଣି । ଆଜୀବନ କାରାଦଣ୍ଡର ସମୟସୀମା ହେଉଛି ୧୪ ବର୍ଷ । ସେ ୨୫ ବର୍ଷରୁ ଅଧିକ ସମୟ ବନ୍ଦୀ ଭାବେ ରହିସାରିଲେଣି । ଜେଲ୍ ରିପୋର୍ଟ କହୁଛି, ଦାରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଜେଲ୍‌ରେ ବନ୍ଦୀ ଜୀବନ କାଟିବା ସହିତ ଯୋଗ ଓ ପୂଜାପାଠ ସହ ଧାର୍ମିକ ବ୍ୟକ୍ତି ଭାବେ ରହିଆସୁଛନ୍ତି । ଦୀର୍ଘ ୨୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଜେଲ ଜେଣେ ବନ୍ଦୀ ଭାବେ ରହିବା ସମୟରେ ସେ କୌଣସି ପ୍ରକାର ଆପରାଧିକ ହିଂସା କିମ୍ବା ବିଶୃଙ୍ଖଳା ସୃଷ୍ଟି କରିବାର ପ୍ରୟାସ କରିନାହାନ୍ତି । ତେଣୁ ଓଡ଼ିଶା ସରକାରଙ୍କ କ୍ଷମା ନୀତି ଓ ଦଣ୍ଡବିଧି ସଂହିତା ଅନୁଯାୟୀ ଦାରାଙ୍କୁ ମୁକ୍ତ କରିବାକୁ ଏକେ ସିଂହ କୋର୍ଟଙ୍କୁ ନିବେଦନ କରିଥିଲେ । ସବୁ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଆସନ୍ତା ମେ ୧୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ କରିଛନ୍ତି ।

# ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା







ସୁବର୍ଣ୍ଣପୁର :- ସୋନପୁରର ସର୍ବ ପୁରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୨ ଘଣ୍ଟିଆ ଧାରଣା ଦେଇଛି ପୁରାତନ ଛାତ୍ର ସଂଘ ତଥା ଆଲୁମିନୀ ଆସୋସିଏସନ । ଏବଂ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କ ଜରିଆରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ କ୍ଷ ସଂଘ ପକ୍ଷରୁ କୁହାଯାଇଛି ଯେ ୧୯୬୪ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ପୁରାତନ ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନଥିବାରୁ ଆଲୁମିନୀ ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବୀ କରାଯାଇଛି । ବିଭିନ୍ନ ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି କ୍ଷ ଏପରିକି ମୁଖ୍ୟମନ୍ତ୍ରୀ ଙ୍କ ସୋନପୁର ଗସ୍ତ ସମୟରେ ମଧ୍ୟ ସାକ୍ଷାତ ଆଲୋଚନା ହୋଇଛି । ସଂଘ ପକ୍ଷରୁ କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତଥା କଲେଜ କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଙ୍କ ନେତୃତ୍ୱରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଙ୍କ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି କ୍ଷ ସଂଘ ପକ୍ଷରୁ କଲେଜରେ ପିଜି ପାଠ୍ୟକ୍ରମ ଆରମ୍ଭ, ଏକ ଅଡିଟରିୟମ ନିର୍ମାଣ, ଛାତ୍ରୀ ନିବାସ, ଛାତ୍ର ନିବାସ ନିର୍ମାଣ ସହ କଲେଜ କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦାବୀ ପତ୍ର ମନ୍ତ୍ରୀଙ୍କ କାର୍ଯ୍ୟାଳୟ ସଚିବାଳୟ ଠାରେ ପ୍ରଦାନ କରାଯାଇଥିଲା କ୍ଷ ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀ କଲେଜ ର ଭିତ୍ତିଭୂମିର ବିକାଶ ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ସହ ଛାତ୍ରଛାତ୍ରୀ ହଷ୍ଟେଲ ଏବଂ ଅଡିଟରିୟମ ନିର୍ମାଣ ପାଇଁ ପୂର୍ଣ୍ଣ ସହମତି ପ୍ରଦାନ କରିଥିବା ବେଳେ ସରକାରୀ ମାନ୍ୟତା ପାଇଁ ଯୋଗ୍ୟତା ଭିତ୍ତିରେ ସରକାର ସହୃଦୟତା ର ସହ ବିଚାର କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ସଂଘ ପକ୍ଷରୁ ଡିସେମ୍ବର ମାସରେ ଦସ୍ତଖତ ଅଭିଯାନ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ସ୍ୱଇଚ୍ଛା ରେ ଦସ୍ତଖତ କରିଥିଲେ । ସଂଘ ପକ୍ଷରୁ କୁହାଯାଇଛି ଯେ ନୂତନ ଭାବରେ ପ୍ରତିଷ୍ଠିତ କଲେଜ ସରକାରୀ ମାନ୍ୟତା ପାଇ ସାରିଥିବା ବେଳେ ପୁରାତନ ସୋନପୁର କଲେଜକୁ ଅଣଦେଖା କରାଯାଇଛି । କଲେଜକୁ ସରକାରୀ ମାନ୍ୟତା ପାଇଁ ଯାହା ପଦକ୍ଷେପ ନେବାକୁ ପଡେ ଆଗକୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଗ୍ରହଣ କରାଯିବା ପାଇଁ ବିଭିନ୍ନ ଛାତ୍ର ନେତା ପ୍ରକାଶ କରିଛନ୍ତି ।

କାର୍ଯକ୍ରମରେ ପୁରାତନ ଛାତ୍ର ସଂଘର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ଉପ ସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ, ସହ ସମ୍ପାଦକ ସରୋଜ ପ୍ରଧାନ, ବିଶ୍ୱବୀର ମିଶ୍ର, ବିଶ୍ୱ ରଞ୍ଜନ ପୂଜାହାରୀ, ସୁଧିର ପଣ୍ଡା, ସୁଦାମ ମିଶ୍ର, ସିତାଂଶୁ ମିଶ୍ର, ପର୍ଶୁରାମ ମିଶ୍ର, ସନ୍ତୋଷ ପାଢ଼ୀ, କଲ୍ୟାଣ ପାଢ଼ୀ, ଘନଶ୍ୟାମ ପାଣିଗ୍ରାହୀ, ଶ୍ରୀଧର ବାଗ, ଶ୍ୟାମାଓଁ ପ୍ରସାଦ ମିଶ୍ର, ବିନୋଦ ପାତ୍ର, ଗଦାଧର ବାରିକ, ମାଧବ କୁମ୍ଭାର, ଦିଲିପ ରଥ, ମଦନ ଗୋପାଳ ମିଶ୍ର, ଧର୍ମେନ୍ଦ୍ର ଥନାପତି, ଶାଶ୍ୱତ ମିଶ୍ର, ରାଜ କିଶୋର ତ୍ରିପାଠୀ, ଦୀପକ ମହାପାତ୍ର, ସ୍ୱରୂପ ପାତ୍ର, ପ୍ଲାବନ ମହାପାତ୍ର, ଅଭିଷେକ ଶର୍ମା, ଦେବାଶିଷ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ଶ୍ରମିକ ସଙ୍ଗଠନ ର ଗୋବିନ୍ଦ ମହାରଣା, ଓଡ଼ିଶା ସାମ୍ବାଦିକ ସଂଘ ଜିଲ୍ଲା ଶାଖା ସଭାପତି ମନୋରଂଜନ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ସଭାପତି ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଜିଲ୍ଲା କୃଷକ ସଂଗଠନ ସଭାପତି ପଦ୍ମ ଲୋଚନ ମିଶ୍ର, ବାପୁଜୀ କ୍ଲବ୍ ଜିତେନ୍ଦ୍ର ପଟ୍ଟନାୟକ, ଠିକାଦାର ସଙ୍ଘ ରାମକୃଷ୍ଣ ଦାସ, ଟ୍ରାକ୍ଟର ସଂଘ ର ଶିବ ନାରାୟଣ ବହିଦାର, ବୁଢ଼ୀମା କ୍ଲବ୍ ର ସହଦେବ ପାତ୍ର, ଜିଲ୍ଲା ସାମ୍ବାଦିକ ସଂଘ ଗୋରେଖ ନାଥ ସାହୁ, ବୁଢ଼ାରଜା ସଂଘ ର ତାପସ ବେଉରା, ଗୋପଲଜୀ ଯୋଗାଳୟ ରାଧା କିଷନ ଅଗ୍ରୱାଲ, ପର୍ଏଁରୀ ଗୌରୀଶଙ୍କର ରଥ ଙ୍କ ସହ ଅନେକ ପୁରାତନ ଛାତ୍ର ସଙ୍ଘ୍ କର୍ମକର୍ତ୍ତା ତଥା ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନ ସଚେତନତା ଶିବିର ଅନୁଷ୍ଠିତ




ସୁବର୍ଣ୍ଣପୁର :- ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ଆଦେଶ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧକ୍ଷ ଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଉତ୍କଳ ବାଳାଶ୍ରମ, ସୋନପୁର ଠାରେ ବାଳିକା ମାନଙ୍କ ଅଧିକାର ବିଷୟ ତଥା ବାଲ୍ୟ ବିବାହ ମୁକ୍ତ ଭାରତ (ଘଇଖଝଇ-ଇଝଐଇ) ବିଷୟ ବାବଦରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି ଓ ଉକ୍ତ ସଭା ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଭାରପ୍ରାପ୍ତ ସଚିବ ତଥା ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀମତୀ ପ୍ରଜ୍ଞା ପାରମିତା ପ୍ରତିହାରୀ, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟ ଶ୍ରୀମତୀ ରଂଜିତା ସାହୁ, ପାରା ଲିଗାଲ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ରଣା ଶ୍ରୀମତୀ ଜ୍ୟୋତିଃଶ୍ରୀ ବେହୁରା ଏବଂ ଅନୁପମା ମିଶ୍ର ଯୋଗ ଦେଇଥିଲେ ଓ ଶ୍ରୀମତୀ ପ୍ରଜ୍ଞା ପାରମିତା ପ୍ରତିହାରୀ ବାଳିକା ମାନଙ୍କ ଆଇନଗତ ଅଧିକାର ବିଷୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ ଓ କିଶୋର ନ୍ୟାୟ ବୋର୍ଡ ର ସଦସ୍ୟ ଶ୍ରୀମତୀ ରଂଜିତା ସାହୁ ବାଲ୍ୟ ବିବାହ ଉପରେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ ।

# ଆଇନ ସେବାରେ ନିୟୋଜିତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ କାର୍ଯ୍ୟକ୍ରମ




ସୁବର୍ଣ୍ଣପୁର :- ଆଇନ ସେବାରେ ନିୟୋଜିତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କୁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା କ୍ଷ ଜିଲ୍ଲା ଶିଶୁ ସୁରକ୍ଷା ଅଧିକରୀ ଚତୁର୍ଭୁଜ ଦାସ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲପାଳ ଅଞ୍ଜଳୀନା ପଧାନ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ର ରେଣୁକା ସୁନା, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଶଙ୍କର୍ଷଣ ପଣ୍ଡା, କିଶୋର ନ୍ୟାୟ ବୋର୍ଡ ର ରଂଜିତା ସାହୁ, ଏ ପି ପି ଧନଞ୍ଜୟ ମିଶ୍ର ,ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଧରୁଆ, ପ୍ରୋଗ୍ରାମ ଅଫିସର ସୁଦେଶନା ମେହେର , ଶିଶୁ ମଙ୍ଗଳ କମିଟି ସଭ୍ୟ ଶାନ୍ତନୁ କର୍ଣ୍ଣ, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଅନୁଷ୍ଠାନ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ, ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଉପରେ ନିଜ ନିଜ ବ୍ୟକ୍ତବ୍ୟ ରଖିଥିଲେ । ତାଲିମ ଦାତା ଭାବେ କନ୍ସଲଷ୍ଟାଣ୍ଟ ଶିଶୁ ସୁରକ୍ଷା ୟୁନିସେଫ,ଶ୍ରୀ ଘାସିରାମ ପଣ୍ଡା ତାଲିମ ପ୍ରଦାନ କରି ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାରେ ଥିବା ସମସ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ ଯୋଗଦାନ କରିଥିବା ବେଳେ, ଶକ୍ତିସଦନ ସୋନପୁର କର୍ମଚାରୀ ଜ୍ୟୋତିମୟୀ ବେହେରା,ସଖୀ ସୋନପୁର ପ୍ରଶାସକ ଅନୁସ୍ମିତା ବେହେରା, କେଶ ଓ୍ୱରକର ସୁକେଶିନୀ ଏକା, ଚାଇଲଡ ହେଲ୍ପ ଲାଇନ ର ରୋଜି ସା ଉପସ୍ଥିତ ଥିବା ବେଳେ ସୁରକ୍ଷା ଅଧିକାରୀ ଅଣ ଅନୁଷ୍ଠାନିକ ଗୌତମ ମହାପାତ୍ର ଧନ୍ୟବାଦ ଅର୍ପପନ କରିଥିବା ବେଳେ ଜିଲ୍ଲା ସୁରକ୍ଷା ବିଭାଗ ସୁବର୍ଣ୍ଣପୁର ର ଜିତେନ୍ଦ୍ର ମଣ୍ଡଳ, ଥବିର କଲ୍ ସେ ପ୍ରଶାନ୍ତ ମହାକୁଡ଼, ରୁଦ୍ରପ୍ରସନ୍ନ ମିଶ୍ର, ମୃତୁଞ୍ଜୟ ସାହୁ , ସ୍ୱାଗତରଜ ମିଶ୍ର, ସରିତା ସୁନା, ମାନିନୀ ମହାନ୍ତି ଓ ଅନିଲ ମହଲା ପ୍ରମୁଖ ଏହି କାର୍ଯ୍ୟକ୍ରକୁ ସହଯୋଗ କରିଥିଲେ ।

# ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବଢୁଛି ପ୍ରଯୁକ୍ତିବିଦ୍ୟାର ଲୋକପ୍ରିୟତା

ଭୁବନେଶ୍ୱର : ଓଡ଼ିଶା ଶିକ୍ଷା କ୍ଷେତ୍ରରେ ବଢୁଛି ପ୍ରଯୁକ୍ତିବିଦ୍ୟାର ଲୋକପ୍ରିୟତା । ସ୍ମାର୍ଟଫୋନ୍ ମାଧ୍ୟମରେ ପାଠପଢ଼ା ପ୍ରତି ଆକୃଷ୍ଟ ହେଉଛନ୍ତି ରାଜ୍ୟର ଶିକ୍ଷାର୍ଥୀ । ଓଡ଼ିଶାରେ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟର ବ୍ୟବହାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନ (CSF) ପକ୍ଷରୁ ପ୍ରକାଶିତ 'ଭାରତ ସର୍ଭେ ଫର ଏଡଟେକ୍' (ଇବଝର) ଦ୍ୱିତୀୟ ସଂସ୍କରଣର ରିପୋର୍ଟ ଅନୁସାରେ, ରାଜ୍ୟର ପ୍ରାୟ ୪୦% ଶିକ୍ଷାର୍ଥୀ ପାଠପଢା ପାଇଁ ବିଭିନ୍ନ ଡିଜିଟାଲ୍ ସାଧନ ବ୍ୟବହାର କରୁଛନ୍ତି । ଏହି ସର୍ବେକ୍ଷଣରୁ ଜଣାପଡିଛି ଯେ, ରାଜ୍ୟର ପ୍ରାୟ ୯୪% ପରିବାର ପାଖରେ ଅତିକମରେ ଗୋଟିଏ ସ୍ମାର୍ଟଫୋନ୍ ରହିଥିବା ବେଳେ ୬୮% ପରିବାରରେ ଏକରୁ ଅଧିକ ସ୍ମାର୍ଟଫୋନ୍ ରହିଛି । ପ୍ରାୟ ୭୧% ଶିକ୍ଷାର୍ଥୀ ସ୍ମାର୍ଟଫୋନ୍ ବ୍ୟବହାର କରିବାର ସୁଯୋଗ ପାଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୬୬% ଶିକ୍ଷାର୍ଥୀ ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି । ଯଦିଓ ଅଧିକାଂଶ ଶିକ୍ଷାର୍ଥୀ ପରିବାରର ଅନ୍ୟ ସଦସ୍ୟଙ୍କ ଫୋନ୍ ଉପରେ ନିର୍ଭର କରନ୍ତି, ତଥାପି ସେମାନଙ୍କ ମଧ୍ୟରୁ ୯୦% ସହଜରେ ଇଣ୍ଟରନେଟ୍ ବ୍ୟବହାର କରିପାରୁଛନ୍ତି । ସର୍ବେକ୍ଷଣରୁ ଅନୁଯାୟୀ, ରାଜ୍ୟର ୫୮% ଶିକ୍ଷାର୍ଥୀ ଏଡଟେକ୍ (EdTech) ଉପକରଣ ବିଷୟରେ ଅବଗତ ଅଛନ୍ତି ଏବଂ ୪୦% ସକ୍ରିୟ ଭାବେ ପାଠପଢ଼ା ପାଇଁ ଏହାର ବ୍ୟବହାର କରୁଛନ୍ତି । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ୟୁଟ୍ୟୁବ୍ (୯୧%) ସବୁଠାରୁ ଲୋକପ୍ରିୟ ପ୍ଲାଟଫର୍ମ ହୋଇଥିବା ବେଳେ ହ୍ୱାଟସଆପ୍ (୮୭%), ଗୁଗଲ (୬୩%), ଚାଟଜିପିଟି (୪%), ଗୁଗଲ ଜେମିନି (୩%) ଏବଂ ମେଟା ଇଓ (୩%) ର ବ୍ୟବହାର ମଧ୍ୟ ଦେଖିବାକୁ ମିଳିଛି । ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ସଚେତନତା ପରିଲକ୍ଷିତ ହୋଇଛି । ପ୍ରାୟ ୯୧% ଶିକ୍ଷକ/ଶିକ୍ଷୟିତ୍ରୀ ଏଡଟେକ୍ ଉପକରଣ ବିଷୟରେ ଜାଣିଥିବା ବେଳେ ୯୮% ଏହାକୁ ଶିକ୍ଷାଦାନ ପାଇଁ ବ୍ୟବହାର କରୁଛନ୍ତି । ସେମାନେ ମୁଖ୍ୟତଃ ହ୍ୱାଟସଆପ୍ (୯୬%), ଗୁଗଲ (୮୦%) ଏବଂ ୟୁଟ୍ୟୁବ୍ (୭୬%) ଉପରେ ନିର୍ଭର କରୁଥିବା ବେଳେ ୧୬% ଶିକ୍ଷକ 'ଦୀକ୍ଷା' (DIKSHA) ଏବଂ ୧୩% 'ଇ-ପାଠଶାଳା' ବ୍ୟବହାର କରୁଛନ୍ତି । ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ନେଇ ସର୍ଭେରେ କୁହାଯାଇଛି ଯେ, ୪୮% ଶିକ୍ଷାର୍ଥୀ କୃତ୍ରିମ ବୁଦ୍ଧିମତା ବିଷୟରେ ଶୁଣିଛନ୍ତି ଏବଂ ୨୦% ଏହାର ଶୈକ୍ଷିକ ଉପଯୋଗିତା ବିଷୟରେ ଜାଣନ୍ତି । ପ୍ରାୟ ୧୩% ଶିକ୍ଷଣ ପାଇଁ 'ଜେନ୍ ଇଓ' (GenAI) ବ୍ୟବହାର କରନ୍ତି, ଯେଉଁଥିରୁ ୭୪% ଏହାକୁ ପ୍ରତିଦିନ ବ୍ୟବହାର କରୁଥିବା ଜଣାପଡ଼ିଛି । ସେହିପରି ୬୭% ଶିକ୍ଷକ/ଶିକ୍ଷୟିତ୍ରୀ କୃତ୍ରିମ ବୁଦ୍ଧିମତା ବିଷୟରେ ଶୁଣିଥିବା ବେଳେ ୪୦% ଏହାକୁ ଶିକ୍ଷାଦାନରେ ବ୍ୟବହାର କରନ୍ତି । ୧୨% ଏଡଟେକ ବ୍ୟବହାରକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାଦାନ ଏବଂ ବିଦ୍ୟାଳୟ-ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ଜେନଏଆଇ ବ୍ୟବହାର କରନ୍ତି । ଜେନଏଆଇ ବ୍ୟବହାର କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ୫୩% ଏହାକୁ ସପ୍ତାହରେ ଅନେକ ଥର ବ୍ୟବହାର କରୁଥିବା ବେଳେ, ୩୩% ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି । ଏନେଇ ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଶଭେତା ଶର୍ମା କୁକ୍ରେଜା କହିଛନ୍ତି, 'ଏହି ରିପୋର୍ଟ ଭାରତରେ ଶିକ୍ଷା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କିଭଳି ହେଉଛି, ତାହାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି । ଆଜି ଅଧିକାଂଶ ପରିବାରରେ ଡିଜିଟାଲ୍ ସାଧନ ବା ସ୍ମାର୍ଟଫୋନ୍ ପହଞ୍ଚି ପାରିଛି । ଶିକ୍ଷାର୍ଥୀ ଏବଂ ଶିକ୍ଷକମାନେ କିଭଳି ଏହି ପ୍ରଯୁକ୍ତିବିଦ୍ୟାକୁ ନିଜର ଦୈନନ୍ଦିନ ପାଠପଢ଼ାରେ ସାମିଲ କରୁଛନ୍ତି ତାହା ଆମକୁ ବୁଝିବାକୁ ହେବ । ଏହି ତଥ୍ୟଗୁଡ଼ିକ ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ନୂତନ ଜ୍ଞାନକୌଶଳ ସୃଷ୍ଟିକାରୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମକୁ ଶିକ୍ଷାର ମାନ ବୃଦ୍ଧି ନିଶ୍ଚିତ କରିବାକୁ ହେବ । ଏହି ଅଧ୍ୟୟନଟି ପ୍ରାୟ ୧,୫୦୦ ଜଣଙ୍କୁ ନେଇ କରାଯାଇଥିଲା, ଯେଉଁଥିରେ ୧,୨୫୦ ପରିବାର ଏବଂ ୨୫୦ ଶିକ୍ଷକ/ଶିକ୍ଷୟିତ୍ରୀ ଅନ୍ତର୍ଭୁକ୍ତ ଥିଲେ । ଏହି ସର୍ବେକ୍ଷଣରେ ମୁଖ୍ୟତଃ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଏବଂ କମ୍ ବିଦ୍ୟାଳୟ ଦେୟ ଥିବା ବେସରକାରୀ ବିଦ୍ୟାଳୟରେ ପଢୁଥିବା ୬ ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ସାମିଲ କରାଯାଇଥିଲା । ଏହା ସହିତ ସମାନ ଅଞ୍ଚଳର ଶିକ୍ଷକମାନଙ୍କ ସହ ଆଲୋଚନା କରି ଶ୍ରେଣୀଗୃହ ମଧ୍ୟରେ ଡିଜିଟାଲ୍ ଉପକରଣର ବ୍ୟବହାରକୁ ଗଭୀର ଭାବେ ଅନୁଧ୍ୟାନ କରାଯାଇଥିଲା । ନୀତି ନିର୍ଦ୍ଧାରକ, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଏଡଟେକ୍ ପରିସଂସ୍ଥା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଶିକ୍ଷା ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ପ୍ରବେଶ, ସଚେତନତା ଏବଂ ବ୍ୟବହାର ବିଷୟରେ ସୂଚନା ପ୍ରଦାନ କରିବା 'ଭାରତ ସର୍ଭେ ଫର ଏଡଟେକ୍' (ଇବଝର) ୨୦୨୫ ରିପୋର୍ଟର ଲକ୍ଷ୍ୟ । ପରିବାର ଏବଂ ଶ୍ରେଣୀଗୃହର ଅଭିଜ୍ଞତାକୁ ଆଧାର କରି କରାଯାଇଥିବା ଏହି ଅଧ୍ୟୟନ, ଡିଜିଟାଲ୍ ଉପକରଣ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରୁଛି । ଏହି ଅଧ୍ୟୟନ ଆଗାମୀ ଦିନରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ପାଇଁ ଏକ ମାର୍ଗଦର୍ଶିକା ସଦୃଶ ହେବ ।

# ଅନନ୍ୟା ଜୀବନ୍ତ ଭଗବାନ କବିତା ଆସର -୨୦୫୬




ଜମ୍ପରା,କେନ୍ଦୁଝର: ବାତ୍ସଲ୍ୟ ମମତା ଦେଇ ଯିଏ ସନ୍ତାନର ସନ୍ତାପିତ ମନକୁ ଶୀତଳ କରେ ସେ ହେଲା ମାଆ ।କଷ୍ଟକୁ ପାଦୁକ ମଣି ଆନନ୍ଦରେ ପାନ କରି ଯିଏ ସନ୍ତାନର ଅବୁ ଅଭୀପ୍ସା ପୂରଣ କରେ ସେ ହେଲେ ବାପା ।ତେବେ ସୃଷ୍ଟି ତ ସ୍ରଷ୍ଟା କରିଛନ୍ତି ମାତ୍ର ଏ ଅନୁପମ ସୃଷ୍ଟିକୁ ଯେ ଜୀବନ୍ତ କରିବା ପାଇଁ ସନ୍ତାନ ସନ୍ତତି ଦେଇ ତାଙ୍କ ଲକ୍ଷ୍ୟ ପୂରଣରେ ବ୍ରତୀ ହୁଅନ୍ତି ସେ ପିତା ମାତା,ଜୀବନ୍ତ ଭଗବାନ ।ସେଇ ଜୀବନ୍ତ ଭଗବାନଙ୍କ ତ୍ୟାଗ ନିଷ୍ଠା କୁ ମନେ ପକାଇ ତାଙ୍କ ପ୍ରତି ସଭକ୍ତି କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ସୁନ୍ଦର ମୋ ଭାଷା ସାହିତ୍ୟ ଜମ୍ପରା,କେନ୍ଦୁଝର ଆନୁକୂଲ୍ୟରେ, ଏକ ଅନନ୍ୟ କାର୍ଯ୍ୟକ୍ରମ ଅନନ୍ୟା ଜୀବନ୍ତ ଭଗବାନ ଆସର ଅନନ୍ୟାର ପ୍ରାଣ ପ୍ରତିଷ୍ଠାତା ତଥା ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ସେନାପତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି ।ମୁଖ୍ୟ ଅତିଥି ଭାବେ ଆଦର୍ଶ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ମନୋରମା ରାଉତରାୟ ଥିବା ବେଳେ ଆସର ଉଦ୍ଘାଟନ କରିଛନ୍ତି ବରିଷ୍ଠ ସାହିତ୍ୟିକ କାହ୍ନୁ ଚରଣ ପାଣିଗ୍ରାହୀ ।ଏଲିଜା ଜେନାଙ୍କ ଶୁଭ ଶଙ୍ଖଧ୍ୱନି ଓ ବନ୍ଦେ ମାତରଂ ଗାନ ପରେ ଅନନ୍ୟା ବରିଷ୍ଠ ପ୍ରତିଭା ଡଃ ମହେନ୍ଦ୍ର ପ୍ରସାଦ ଦାସଙ୍କ ଭକ୍ତି ନୈବେଦ୍ୟ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲା ।ଭାରତୀୟ ସଂସ୍କୃତି ଆଧାରିତ ପରିଚୟ ପ୍ରଦାନ ପର୍ବ ବରିଷ୍ଠ ଶିକ୍ଷୟିତ୍ରୀ କଳ୍ପନା ବିନ୍ଧାଣୀ କରିଥିବା ବେଳେ ମହନୀୟ ଅନୁଚିନ୍ତା ପୁଷ୍ପଲତା ମିଶ୍ର,ପିତା ମାତାଙ୍କ ପାଇଁ ତାତ୍ତ୍ୱିକ ପଦ ବିନ୍ୟାସ ସୁପ୍ରିୟା ମହାନ୍ତି କରିଥିଲେ ।ଆଦରଣୀୟ ପ୍ରତିଭା ଶୁଭଶ୍ରୀ ଖୁଣ୍ଟିଆଙ୍କ ଆମ ନିୟମ ଆମ ଶୃଙ୍ଖଳା ପ୍ରଦାନ ପରେ ଉଦୀୟମାନ ସାରସ୍ୱତ ପ୍ରତିଭା ହେମନ୍ତ କୁମାର ନାୟକ ଓ ଏଲିଜା ଜେନାଙ୍କ ପ୍ରଥମ ପର୍ଯ୍ୟାୟ ଅଭିନବ ସଂଯୋଜନା ତଥା ଅଭିଜ୍ଞ ସଂଯୋଜିକା ଆଚାର୍ଯ୍ୟା ଡଃ ତାନଶ୍ରୀ ପାଣିଗ୍ରାହୀ ଓ ଅଧାପିକା ଡଃ ମନ୍ଦାକିନୀ ପାଢୀଙ୍କ ମନୋରମ ସଂଯୋଜନାରେ ୪୫ ରୁ ଊର୍ଦ୍ଧ୍ୱ କବିତା ପାଠ କରାଯାଇଅଛି । ପିତା ମାତାଙ୍କୁ ଭବ୍ୟ ସମ୍ମାନାର୍ଥେ ଅନନ୍ୟା ମହାମଞ୍ଚ ଦ୍ୱାରା ପ୍ରଦତ୍ତ ଶୀର୍ଷକ ମୋ ବାପା ମୋ ପାଇଁ ସବୁଠୁ ବଡ ଓ ମୋ ମାଆ ମୋ ପାଇଁ ସବୁଠୁ ବଡ ଉପରେ ଅନୀତା ମିଶ୍ର,ନିବେଦିତା ପଣ୍ଡା,କୃଷ୍ଣା ସେନାପତି,ସୀମା କାନୁନଗୋ,ଶୁଭଶ୍ରୀ ଖୁଣ୍ଟିଆ,ବୀଣା ପାଣି ସାହୁ,ମନ୍ଦାକିନୀ ପାଢ଼ୀ,ରୀତାରାଣୀ ଦାଶ, ତାନଶ୍ରୀ ପାଣିଗ୍ରାହୀ,ନରେନ୍ଦ୍ର ଦାସ,ଏଲିଜା ଜେନା,ହେମନ୍ତ ସାହୁ,ହେମନ୍ତ ନାୟକ,ଡଃ ଧନଞ୍ଜୟ ମିଶ୍ର,କଳ୍ପନା ବିନ୍ଧାଣୀ,ସଚ୍ଚିକାନ୍ତ ରଥ,ଟି ରତ୍ନମାଳା ସୁବୁଦ୍ଧି,ରଞ୍ଜିତା ତ୍ରିପାଠୀ,ପୁଷ୍ପଲତା ମିଶ୍ର,ଦେବେନ୍ଦ୍ର ନାୟକ,କୃଷ୍ଣଚନ୍ଦ୍ର ମହାପାତ୍ର,ସୁପ୍ରିୟା ମହାନ୍ତି,ପ୍ରତାପ ରାଉତ,ସୁନୀତା ମହାନ୍ତି, ସୌଭାଗ୍ୟ ଦାଶ, ବିନୋଦିନୀ ନାୟକ,ଶୋଭାମୟୀ ପତ୍ରୀ ଓ ନାରାୟଣ ସେନାପତି ଆଦି ଦ୍ୱିତୀୟ ଈଶ୍ୱରୀ ଈଶ୍ୱର ମାନେ ଭାବ ଭାଷା ଆବେଗ ଯୁକ୍ତ କବିତା ପାଠ କରିଥିଲେ ।ଅତିଥି ମାନଙ୍କ ପିତା ମାତା ଆଧାରିତ ଉପାଦେୟ ବକ୍ତବ୍ୟ, ପିତାମାତାଙ୍କ ପ୍ରତି ସନ୍ତାନର କର୍ତ୍ତବ୍ୟ ଓ ଅନୁରକ୍ତି କିପରି ହେବା ଆବଶ୍ୟକ ଏ ଧାରଣା ସଭିଙ୍କ ମନରେ ଆଲୋଡନ ସୃଷ୍ଟି କରିଥିଲା ।କବିତା ଗୁଡ଼ିକୁ ଆବେଗିକ ସମୀକ୍ଷା କରିଥିଲେ ଅନନ୍ୟା ସାରସ୍ୱତ ପ୍ରତିଭା ରୀତା ରାଣୀ ଦାଶ ଓ ନିବେଦିତା ପଣ୍ଡା ।ଆସର ପର୍ଯ୍ୟବେକ୍ଷଣ ବିଦ୍ୟୁତ୍ ପ୍ରଭା ମିଶ୍ର,ଧୀରେନ୍ଦ୍ର ମଲ୍ଲିକ,ଦିବାକର ଦାସ ଓ ପ୍ରାଣବନ୍ଧୁ ରାଉତ କରିଥିବା ବେଳେ,ଧନ୍ୟବାଦ ଅର୍ପଣ ସଂଗଠନ ସମ୍ପାଦିକା ସୀମା କାନୁନଗୋ ଓ ଶାନ୍ତିପାଠ ଜାଗରଣ ମଞ୍ଚ ମୁଖ୍ୟ ଦେବେନ୍ଦ୍ର ନାୟକ କରିଥିଲେ ।ସମସ୍ତ କବିତା ଗୁଡ଼ିକୁ ଭାରତର ସ୍ୱାଧୀନତା ସଂଗ୍ରାମୀ ମହାପୁରୁଷ ମାନଙ୍କ ପିତା ମାତାଙ୍କ ଚରଣ ତଳେ ଅର୍ପଣ କରାଯାଇଥିଲା ।

# ନବରଙ୍ଗପୁର ଠାରେ ଆର୍‌ସିଡ଼ିସି ଆଂଚଳିକ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳିତ

ନବରଙ୍ଗପୁର: ଓଡିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆରସିଡ଼ିସି ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ ସହ ଓଡ଼ଶାର ବିଭିନ୍ନ ଜିଲ୍ଲାରେ ଯଥା ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ,ଜୀବନ ଜୀବିକା, ଶିଶୁ ବିକାଶ, ପରିବେଶ ସୁରକ୍ଷା , ସାମାଜିକ ସଚେତନତା ସହ ଜଙ୍ଗଲ ଓ ପରିବେଶ ଉପରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିକାଶ ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଅଛି । ମାର୍ଚ୍ଚ ୧୭ ତାରିଖ ୧୯୯୩ ମସିହାରେ କିଛି ସାମଜିକ ସେଚ୍ଛାସେବୀ ବନ୍ଧୁମାନଙ୍କ ଦ୍ୱାରା ଆର୍ ସି ଡି ସି (ରିଜିଓନାଲ ସେଣ୍ଟର ଫର୍ ଡେଭପମେଣ୍ଟ କୋଓପରସନ୍) ନାମକ ଏକ ସାମଜିକ ଅନୁଷ୍ଠାନ ଓଡ଼ଶାର ଭୁବନେଶ୍ୱର ଠାରେ ଜନ୍ମ ନେଇଥିଲା । ୧୯୯୩ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଅନବରତ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଅବହେଳିତ ଲୋକମାନଙ୍କ ଆଦିବାସୀ, ଦଳିତ, ମହିଳା,ଶିଶୁ, ଯୁବକ ସହ ସବୁ ବର୍ଗର ସମୁଦାୟର ଅଧିକାର ଓ ବିକାଶ ପାଇଁ କାର୍ଯ୍ୟ କରୁଅଛି ଅଛି । ଆଜି ନବରଙ୍ଗପୁର ଶ୍ରୀରାମ ନଗର ଠାରେ ଥିବା ଆର୍ ସି ଡି ସି ଆଂଚଳିକ କାର୍ଯ୍ୟାଳୟ ଠାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଏହି ପ୍ରତିଷ୍ଠା ଦିବସ ଉତ୍ସବରେ ଆର୍ .ସି .ଡ଼ି .ସି ଅନୁଷ୍ଠାନର ମୂଖ୍ୟ କାର୍ଯ୍ୟାଳୟରୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରାଜନ ମହାନ୍ତି ଅନୁଷ୍ଠାନର ଲକ୍ଷ୍ୟ, ଉଦ୍ଦେଶ୍ୟ , ମୂଲ୍ୟବୋଧ ଓ କାର୍ଯଧାରା ଉପରେ ବିସ୍ତୃତ ଭାବେ ଆଲୋକପାତ କହିଥିଲେ । ଏହାପେର ଆର ସି ଡି ସି ଅନୁଷ୍ଠାନର ନିର୍ଦ୍ଦେଶକ ଏବଂ ସୁଚନା ପ୍ରଯୁକ୍ତି, ସଂଯୋଗ ଓ ନିରୀକ୍ଷଣ ବିଭାଗର ଶ୍ରୀ ରାମକୃଷ୍ଣ ମହାରଣା ଅନୁଷ୍ଠାନର ଇତିହାସ , ଗଠନ, କାର୍ଯ୍ୟ ପରିସର , ସଦସ୍ୟଙ୍କ ଦାୟିତ୍ୱବୋଧ ଓ ଅନୁଷ୍ଠାନର ସଫଳତାର ବିଭିନ୍ନ ଦିଗ ଉପରେ ଆଲୋଚନା ସହ ବକ୍ତବ୍ୟ ପ୍ରଦାନ କରିଥଲେ । ଆର୍ ସି ଡ଼ି ସି ଅନୁଷ୍ଠାନର କ୍ଷେତ୍ର କାର୍ଯ୍ୟାଳୟ ନବରଙ୍ଗପୁର ଆଂଚଳିକ ଅଧିକାରୀ ଶ୍ରୀ କେଶବ ଚନ୍ଦ୍ର ଦାଶ ପ୍ରତିଷ୍ଠା ଦିବସର ମୁଖ୍ୟ ଦ୍ୱାୟିତ୍ୱ ନେବା ସହ ପରିଚାଳନା କରିଥଲେ । ଶେଷରେ ନବରଙ୍ଗପୁର କ୍ଷେତ୍ର କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଶ୍ରୀ ଦୁଷ୍ମନ୍ତ କୁମାର ଓଝା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ପ୍ରତିଷ୍ଠା ଦିବସରେ ଆର ସି ଡି ସି ଆଂଚଳିକ କ୍ଷେତ୍ରରୁ ବସନ୍ତ ପରିଡ଼ା, କୈଳାସ ମହାପାତ୍ର, ଶିବ ଦୋରା, ନୀଳାମ୍ବର ନାହକ, ବିଶ୍ୱଜିତ୍ ଲେଙ୍କା, ଅଞ୍ଜନ କୁମାର ସାମଲ, ସରିତା ମିଶ୍ର, ସ୍ନେହାଞ୍ଜଳି ସ୍ୱାଇଁ, ମିତା ମହାପାତ୍ର, ଝିନାମଣି ବେହେରା , ଦିବାକର ବେହେରା, ହରି ବୈରାଗୀ, ଅଚ୍ୟୁତ ସାହୁ, ଶରତ ମିଶ୍ର ଓ ବସନ୍ତ କୁମର ସ୍ୱାଇଁ ଉପସ୍ଥିତ ଥିଲେ ।




# ଗରିବ ଅସହାୟ ବ୍ୟକ୍ତିଙ୍କ ଶବଦାହ କରାଇଲେ କାଉନସିଲର ଓ ସାଥି



ନବରଙ୍ଗପୁର : ନବରଙ୍ଗପୁର ସହର ର ଦାରୁବନ୍ଧ ସାହି ର ଗରିବ ଅସହାୟ ବ୍ୟକ୍ତି ଜି. ମୋହନ ରାଓ (୫୬ ବର୍ଷ )ଙ୍କ ମୃତ ଖବର ଶୁଣି ୧୦ ନଂ ଓ୍ୱାର୍ଡ କାଉନସିଲର ଏ. ସତୀଶ, ସମାଜସେବୀ ସାନୁଜ ତ୍ରିପାଠୀ, ବୁଲୁ ମହାପାତ୍ର, ବବୁଲୁ ମହାପାତ୍ର ପହଂଚି ଶବ ସତ୍କାର କରିବାକୁ ଆଗେଇ ଆସିଥିଲେ କ୍ଷ ମୃତ ରାଓ ଙ୍କ ପରିବାର ସମ୍ପର୍କୀୟ କେହି ନାହାନ୍ତି କ୍ଷ ତାଙ୍କୁ ପୂର୍ବରୁ ଆଖପାଖ ର ଲୋକେ ସାହାଯ୍ୟ କରିବା ସହ ଖାଇବାର ବ୍ୟବସ୍ଥା କରୁଥିଲେ କ୍ଷ ଗତ କାଲି ସନ୍ଧ୍ୟା ୬ ଘଣ୍ଟା ସମୟରେ ଦାରୁବନ୍ଧ ସ୍ଥିତ ଭଡା ଥିବା ଘରେ ସେ ମରିଯାଇଥିଲେ କ୍ଷ ରାଓଙ୍କ ମୃତ ଖବର ଥାନା ଅଧିକାରୀଙ୍କୁ ଜଣାଇବା ପରେ କାଉନସିଲର ସତୀଶ, ସାନୁଜ ତ୍ରିପାଠୀ, ବୁଲୁ ମହାପାତ୍ର ଟ୍ରାକ୍ଟର ସଙ୍ଘ ର ଆମ୍ବୁଲାନ୍ସ ଡକାଇବା ସହ ଶବ ଦାହ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଇଥିଲେ କ୍ଷ ତାଙ୍କ ମୃତ ଶରୀର କୁ ଆମ୍ବୁଲାନ୍ସ ଯୋଗେ ଇନ୍ଦ୍ରାବତୀ ଶ୍ୱସାନ ଘାଟ ନେଇ ଶାବଦାହ କରାଯାଇଥିଲା କ୍ଷ ୯ ନଂ ଓ୍ୱାର୍ଡ କାଉ ନସିଲର ଅଲେଖ ସୌରା, ସାନୁଜ ତ୍ରିପାଠୀ, ରାଜେଶ ପଣ୍ଡା, ବାଦଲ ନାୟକ ପ୍ରମୁଖ ଉପସ୍ଥିତ ରହି ଶାବଦାହ କରିଥିଲେ କ୍ଷ ଏହି ପରି ଗରିବ ଅସହାୟ ବ୍ୟକ୍ତିଙ୍କ ଶବଦାହ ପାଇଁ ସହାୟତା ର ହାତ ବଡାଇ ଥିବାରୁ ସହରର ଜନସାଧାରଣ ଓ ବୁଦ୍ଧିଜିବି ମାନେ ପ୍ରଶଂସା କରିଛନ୍ତି ।

# ଏନଏସି ନିର୍ବାଚନରେ ଓବିସିମାନଙ୍କ ପାଇଁ ସଂରକ୍ଷଣ ଦାବିକଲା ମୂଳନିବାସୀ ବହୁଜନ ମିଳିତ ମହାସଂଘ



ଭବାନୀପାଟଣା : ଆଉ କିଛି ଦିନ ପରେ କଳାହାଣ୍ଡିରେ ନୂତନ ଭାବେ ଗଠନ ହୋଇଥିବା ଜୟପାଟଣା ଓ ନର୍ଲା ଏନ ଏ ସି ପାଇଁ ନିର୍ବାଚନ ହେବାକୁ ବିଜ୍ଞାପନ ପ୍ରକାଶ ପାଇଛି. କାଉନସିଲର ପଦବୀ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ମଧ୍ୟ ପ୍ରକାଶ ପାଇଛି. ହେଲେ ଦୁଃଖର କଥା ଏହି ତାଲିକାରେ ଓବିସି ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନଥିବାରୁ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି. ଉଭୟ ଜୟପାଟଣା ଓ ନର୍ଲା ଏନ ଏ ସି ଅଂଚଳରେ ଓବିସି ଭୋଟର ପଚାଶ ଶତକଡା ରୁ ଅଧିକ ରହିଥିବା ବେଳେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନକରିବା, ଏହି ସମାଜ ପ୍ରତି ଏକ ଉପହାସ ଓ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କଳାହାଣ୍ଡି ଜିଲ୍ଲା ଓବିସି ମଞ୍ଚ ସଭାପତି ଡମ୍ବରୁ ଧର ଲହଜଲ, ମହାସଂଘ ର ରାଜ୍ୟ ଉପ ସଭାପତି ଲିଙ୍ଗରାଜ ଆଜାଦ, ଆଦିବାସୀ ନେତା ଧବଳେଶ୍ୱର ମାଝୀ ଆଦି ପ୍ରକାଶ କରିଛନ୍ତି.କୌଣସି ବାହାନା ନଦେଖାଇ ଚଳିତ ସହରାଞ୍ଚଳ ନିର୍ବାଚନରେ ଓବିସି ଆରକ୍ଷଣ ବ୍ୟବସ୍ଥା ଲାଗୁ କର, ଅନ୍ୟଥା ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମୂଳନିବାସୀ ବହୁଜନ ମିଳିତ ମହାସଂଘ ର ଜିଲ୍ଲା ସଭାପତି ସଚି ମହାକୁଡ଼, ଆବାହକ ଜଗଦୀଶ ଯାଦବ ନିଜ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି. ଅନ୍ୟ ପକ୍ଷରେ ବିଗତ ଦିନରେ କେନ୍ଦ୍ର କ୍ୟାବିନେଟ ମଧ୍ୟ ଚଳିତ ଜନଗଣନା ସମୟରେ ଜାତି ଆଧାରିତ ଜନଗଣନା କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆଶ୍ଚର୍ଯ୍ୟ ଭାବେ ବର୍ତମାନ ଏହି ଜନ ଗଣନାରେ ଓବିସି ମାନଙ୍କ ଗଣତି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ. ଯାହା ଓବିସି ସମାଜ ର ବିନାଶ ପାଇଁ ଏକ ସୁଚିନ୍ତିତ ଷଡଯନ୍ତ୍ର ବୋଲି ମୂଳନିବାସୀ ମହାସଂଘ ର ଉପଦେଷ୍ଟା ପ୍ରମୋଦ ହଂସ ଅଭିଯୋଗ କରିଛନ୍ତି।ଏଣୁ ଆସନ୍ତା ସହରାଞ୍ଚଳ ନିର୍ବାଚନ ରେ ଓବିସି ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଉ ଓ ଓଡିଶାରେ ସ୍ୱତନ୍ତ୍ର ଭାବେ ଓବିସି ଜନଗଣନା କରାଯାଉ, ନଚେତ ଏସ ସି, ଏସ ଟି ଓ ଓବିସି ସମାଜ ତରଫରୁ ମିଳିତ ଭାବେ ବଡ଼ ଆନ୍ଦୋଳନ କରାଯିବ ବୋଲି ମହାସଂଘ ର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ମତ ପ୍ରକାଶ କରିଛନ୍ତି. ଆଜି ଉପରୋକ୍ତ ଦୁଇଟି ଦାବୀ ନେଇଁ ମୂଳନିବାସୀ ମହାସଂଘ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଡାକେଶ୍ୱର ଲହଜଲ, ଓବିସି ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲ, ଆଦିବାସୀ ନେତା ଡମ୍ବରୁ ଧର ମାଝୀ, ଜିଲ୍ଲା ସଭାପତି-ସଚିଦାନନ୍ଦ ମହାକୁଡ଼,ସୁରେଶ ମାଝୀ, ଯତୀନ୍ଦ୍ର କର, ଗଙ୍ଗାଧର ଜାଲ,ଆଦିତ୍ୟ ଯାଦବ, ଡାକେଶ୍ୱର ଲହଜଲ, ଅଗଷ୍ଟ ନାଏକ, କେଶବ ମେହେର, ପୃଥ୍ୱୀରାଜ ତାଣ୍ଡି, ଦୁର୍ଯ୍ୟୋଧନ ଠାକୁର ଆଦି କର୍ମକର୍ତ୍ତା ଯୋଗ ଦେଇଥିଲେ. ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ଏହି ଦାବିପତ୍ର ଗ୍ରହଣ କରିଥିଲେ ।ଅପରାହ୍ନରେ ସ୍ଥାନୀୟ ବାମସେଫ ଅଫିସରେ ଜିଲ୍ଲା ମୂଳନିବାସୀ ସମାଜର ବିଭିନ୍ନ କର୍ମକର୍ତା, ବୁଦ୍ଧିଜୀବୀ ସମବେତ ହୋଇ ଆଗାମୀ ଦିନରେ ଜିଲ୍ଲାରେ ମିଳିତ ଭାବେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ନର୍ଲା ଓ ଜୟପାଟଣା ଏନ ଏ ସି ନିର୍ବାଚନକୁ ଏହି ତିନିବର୍ଗର କର୍ମକର୍ତ୍ତା ମିଳିତ ଭାବେ ଲଢ଼ିବାକୁ ନିଷ୍ପତ୍ତି ହୋଇଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଆନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ




ନୀଳଗିରି: ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଭାଗ ପକ୍ଷରୁ "ଉନ୍ନତ ପଦାର୍ଥର ସମ୍ଭାବ୍ୟ ପ୍ରୟୋଗର ସମ୍ପ୍ରତିକ ପ୍ରବୃତ୍ତି" ବିଷୟକ ଚତୁର୍ଥ ଆନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ହୋଇଛି । ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକମାନେ ଯୋଗଦେଇ ଉନ୍ନତ ପଦାର୍ଥ ବିଜ୍ଞାନର ନବୀନ ଉନ୍ନତି ଉପରେ ଆଲୋଚନା କରୁଛନ୍ତି । ଦୁଇଦିନିଆ ଏହି ସମ୍ମିଳନୀର ଉଦଘାଟନୀ ବୈଠକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପୃଷ୍ଠପୋଷକ ଭାବେ ଯୋଗଦେଇଥିଲେ । ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଣ୍ଟାଲ ଗବେଷଣା ସଂସ୍ଥାର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଦୀପା ଖୁଶାଲାନୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈରାଗୀ ଚରଣ ମଲ୍ଲିକ ସମ୍ମାନୀତ ଅତିଥି ଓ ବିଶେଷଜ୍ଞ ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିଥିଲେ। ସଭାକୁ ସ୍ୱାଗତ କରି ଆବାହକ ତଥା ରସାୟନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାରହୀ ବୈଷୟିକ ଅଧିବେଶନରେ ବିଭିନ୍ନ ଆଲୋଚନାର ଦିଗର ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସଚିବ ଡ଼କ୍ଟର ଜୟକୃଷ୍ଣ ଦାସ ସମ୍ମିଳନୀର କେନ୍ଦ୍ରୀୟ ବିଷୟବସ୍ତୁ ଉପସ୍ଥାପନା କରି ଏହାର ଆଧୁନିକ ବୈଜ୍ଞାନିକ ଓ ଶିଳ୍ପ କ୍ଷେତ୍ରରେ ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ। ଉଦ୍‌ଘାଟନୀ ସଭାକୁ ଡ଼କ୍ଟର ଅଞ୍ଜନ କୁମାର ବେଜ ସଂଯୋଜିତ କରିଥିଲେ। ଏହି ସମ୍ମିଳନୀକୁ ଆନ୍ତର୍ଜାତୀୟ ମାନ୍ୟତା ଦେଇ ଅଷ୍ଟ୍ରେଲିଆରୁ ଡ଼କ୍ଟର ରାଜେଶ କୁମାର ଜ୍ୟୋତି ଏବଂ ପ୍ରଫେସର ଏଡି ପୋନିଏର୍ନ ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଦେଇ ଉନ୍ନତ ମେଟେରିଆଲ ବିଷୟର ବିଶ୍ୱସ୍ତରୀୟ ସମସାମୟିକ ଅନୁଭବ ଉପସ୍ଥାପନ କରିଥିଲେ। ଶେଷରେ ସହାୟକ ଅଧ୍ୟାପକ ଶ୍ରୀ ସୁରେନ୍ଦ୍ର ହାନ୍ସଦା ଧନ୍ୟବାଦ ଜ୍ଞାପନ କରିଥିଲେ। ଦୁଇଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ମୋଟ ଛଅଟି ପ୍ରାୟୋଗିକ ଅଧିବେଶନର ୬୫ଟି ଗବେଷଣା ପତ୍ର ଉପସ୍ଥାପିତ ହେବ। ଯୁକ୍ତରାଷ୍ଟ୍ର ଆମେରିକା, ମରିସସ୍, ଅଷ୍ଟ୍ରେଲିଆ, ବେଲଜିୟମ୍, ଦକ୍ଷିଣ କୋରିଆ, ସ୍ୱିଡେନ୍ ଓ ଜାପାନର ପ୍ରତିଷ୍ଠିତ ସମ୍ପଦ ବ୍ୟକ୍ତିମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ସମ୍ମିଳନୀକୁ ସମୃଦ୍ଧ କରିବାନେଇ ସୂଚୀତ କରାଯାଇଛି। ସମ୍ମିଳନୀର ବିଷୟବସ୍ତୁ ଉନ୍ନତ ପଦାର୍ଥର ସମ୍ପ୍ରତିକ ଆବିଷ୍କାର ଓ ତାହାର ଶକ୍ତି, ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟସେବା ଓ ପରିବେଶୀୟ ସସ୍ଥିରତା ଭଳି କ୍ଷେତ୍ରରେ ବ୍ୟାପକ ପ୍ରୟୋଗକୁ କେନ୍ଦ୍ର କରାଯାଇଛି। ନାନୋ ପଦାର୍ଥ, ସଂଯୁକ୍ତ ପଦାର୍ଥ, ଜୈବ ପଲିମର, ଜୈବ ପଦାର୍ଥ, ଫ୍ଲୁଓରାଇଡ୍ ଅପସାରଣ, ବର୍ଜ୍ୟ ଜଳ ପରିଚାଳନା ଏବଂ ଜୀବାଣୁବିରୋଧୀ ଓ କ୍ୟାନ୍ସରବିରୋଧୀ ଗୁଣଧର୍ମ ଉପରେ ଗବେଷଣାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ସମ୍ମିଳନୀ ଯୁବ ଗବେଷକମାନଙ୍କ ପାଇଁ ରସାୟନ ବିଜ୍ଞାନର ବିଭିନ୍ନ ନୂତନତ୍ୱ ସହ ପରିଚିତ ହେବାର ଏକ ସୁଯୋଗ ସୃଷ୍ଟି କରିବା ସହ ଶିକ୍ଷାଜଗତ, ଶିଳ୍ପକ୍ଷେତ୍ର ଓ ବୈଜ୍ଞାନିକ ସମୁଦାୟ ମଧ୍ୟରେ ସଂଯୋଗ ସୃଷ୍ଟିରେ ସହାୟକ ହେବାର ଲକ୍ଷ୍ୟ ରଖାଯାଇଛି। ସେପରି ଉନ୍ନତ ପଦାର୍ଥର ବିକାଶ ଓ ପ୍ରୟୋଗ ସମ୍ବନ୍ଧୀୟ ପରିବର୍ତ୍ତନର ଅଧ୍ୟୟନ କରି ନବୀନ ଓ ସୁସ୍ଥିର ପ୍ରଯୁକ୍ତିଗତ ସମାଧାନ ପଥକୁ ପ୍ରଶସ୍ତ କରିବାକୁ ଉଦ୍ୟମ କରିବାନେଇ ଆୟୋଜକଙ୍କ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

# ଉଦ୍ଘାଟିତ ହେଲା ଗ୍ରାମୀଣ ଯୁବ ଏକତା ଶିବିର

ବାଲେଶ୍ୱର : ଆଜି ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଗ୍ରାମୀଣ ଯୁବ ଏକତା ଶିବିର ଉଦ୍ଘାଟିତ ହୋଇଛି । ଏହା ଯୁବକ, ଯୁବତୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ । ଏହା ଆଜି ଓ କାଲି ଦୁଇ ଦିନ ବ୍ୟାପି ଚାଲିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଗୁଡ଼ିକ ରହିଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଯୁବକ ମାନଙ୍କ ଉଦ୍ଦେଶ୍ୟରେ ଅନେକ ଗୁଣବାନ କଥା ସବୁ ନିଜ ବକ୍ତବ୍ୟରେ କହିଥିଲେ । ଆଜିର ଯୁବକ କାଲିର ଭବିଷ୍ୟତ। ତେଣୁ ପ୍ରତ୍ୟେକ ଯୁବକ ନିଜର ବିକାଶ ଦିଗରେ ସଚେତନ ହେବ ଦରକାର । ତାହେଲେ ଯାଇ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଓ ୨୦୩୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନର ଲକ୍ଷ୍ୟ ସଫଳ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମହୋଦୟ କହିଥିଲେ । ତାଙ୍କ ସହିତ ପ୍ରେରଣଦୟକ ବକ୍ତା ଶ୍ରୀଯୁକ୍ତ ପ୍ରଣବ ଶରଣ, ଜିଲ୍ଲାସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ଶ୍ୟାମାଳେନ୍ଦୁ ରାଉତ ପ୍ରମୁଖ ଯୋଗ ଦେଇ ଯୁବବର୍ଗଙ୍କୁ ବିଭିନ୍ନ ସଚେତନତା ମୂଳକ ଦିଗ ଦର୍ଶନ ଦେଇଥିଲେ । ଏଠାରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଅଂଶଗ୍ରହଣ କହିଥିଲେ । ଏହି ସଚେତନତା ମୂଳକ ଶିବିରରେ ଯୁବକ ଯୁବତୀ ମାନେ ବେଶ୍ ଉତ୍ସାହିତ ଥିଲେ । ସେମାନେ ସବୁ ପ୍ରକାର କାର୍ଯ୍ୟକଳାପକୁ ଧ୍ୟାନ ସହକରେ ଶୁଣିକି ଶିକ୍ଷା ଗ୍ରହଣ କରିଥିଲେ । ଅପରାହ୍ନରେ ସେମାନେ ନିଜର କଳାକୃତି ଗୁଡ଼ିକ ପ୍ରଦର୍ଶନ କରିଥିଲେ। ଆସନ୍ତା କାଲି ମଧ୍ୟ ଏହି କାର୍ଯ୍ୟକ୍ରମ କରି ରହିବ ।

# ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାଲେଶ୍ୱର: ଆଜି ଅପରାହ୍ନ ୪.୦୦ ଘଟିକା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ବାଲେଶ୍ୱର ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୫ ମାର୍ଚ୍ଚ ଠାରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ରାମ ନବମୀ ଓ ୧୪ ଏପ୍ରିଲ ରେ ହନୁମାନ ଜୟନ୍ତୀ ପାଳନ କରାଯିବ । ବାଲେଶ୍ୱର ସହରରେ ଏହି ପର୍ବକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ, ସେଥି ନେଇ ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିଲେ । ତାଙ୍କ ସହିତ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଆଇପିଏସ୍ ଅଧିକାରିଣୀ ଶ୍ରୀମତୀ ମନିଶା ସାଉଗୁନ ମଞ୍ଚାସିନ ଥିଲେ। ଏଠାରେ ଅନେକ ହିନ୍ଦୁ ସମ୍ପ୍ରଦାୟର ଭାଇମାନେ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ ମଞ୍ଚ ପରିଚାଳନା କରିଥିଲେ। ବାଲେଶ୍ୱର ସହରରେ ରାମ ନବମୀକୁ ୨୫ ମାର୍ଚ୍ଚ ରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଖୁବ ଧୁମଧାମରେ ପାଳନ କରାଯିବ । ୨୫ ମାର୍ଚ୍ଚ ଦିନ କଳସ ଯାତ୍ରା, ୨୬ ମାର୍ଚ୍ଚ ଦିନ ମୋଟରସାଇକେଲ ରାଲି ଓ ୨୭ ମାର୍ଚ୍ଚ ଦିନ ପଦଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଆଗାମୀ ୧୪ ଏପ୍ରିଲ ରେ ହନୁମାନ ଜୟନ୍ତୀ ପାଳନ କରାଯିବ । ଏଥିନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପର୍ଶସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ କହିଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାଳନ କରାଯିବ ବୋଲି ଏହି ସଭାରେ ଆଲୋଚଳନା ହୋଇଥିଲା । ପାଣି ବ୍ୟବସ୍ଥା ସହିତ ବିଦ୍ୟୁତ୍ ସେବାରେ ଯେପରି ବାଧା ସୃଷ୍ଟି ନୋ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆ ଯିବ ବୋଲି ଏଠାରେ ଆଲୋଚନା ହୋଇଥିଲା । ସୁରକ୍ଷା ବ୍ୟବସ୍ଥାକୁ ଖୁବ୍ କଡାକଡି କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ କହିଥିଲେ ।

# ଟାଙ୍ଗରା ଭୂଇଁରେ ସୁନାରଫସଲ କଲେ ତପସ୍ୱିନୀ ମାଝୀ



ବରଗଡ : ହାତ ପାହାନ୍ତାରେ ହୀରାକୁଦ କେନାଲ । ନିକଟରେ ବୁରୋଗାଡ଼ ନାଳା । ହେଲେ ଜମିକୁ ପାଣି ମାଡୁନଥିଲା । ଆଖ ଆଗରେ ପାଣି ବୋହି ଯାଉଥିଲେ ବି ଚାଷ ଜମିକୁ ଜଳସେଚନ ହୋଇପାରୁନଥିଲା । ଆଉ ଜମି ସବୁ ପଡ଼ିଆ ହୋଇ ଟାଙ୍ଗରା ଭୂଇଁରେ ପରିଣତ ହୋଇଥିଲା । ଦୀର୍ଘ ବର୍ଷ ପରେ ଶେଷରେ ଘରୁ ପାଦ କାଢ଼ିଥିଲେ ବରପାଲି ବ୍ଲକ ବହିଆପଦର ଗାଁର ୩୪ ବର୍ଷୀୟା ବିବାହିତା ମହିଳା ତପସ୍ୱିନୀ ମାଝୀ । ଉଠାଜଳସେଚନ ବିଭାଜନ ଅଧିକାରୀଙ୍କୁ ଭେଟି ପାଣି ସମସ୍ୟାର ସମାଧାନ ପାଇଁ କରିଥିଲେ ଦୃଷ୍ଟି ଆକର୍ଷଣ । ବାସ ! ଏହାପରେ ୨୦୧୬ ମସିହାରେ ଉଠାଜଳସେଚନ ବିଭାଗ ପକ୍ଷରୁ ବୁରୋଗାଡ଼ ନଦୀରେ ସ୍ୱତନ୍ତ୍ର ଭାବେ କମ୍ୟୁନିଟି ଉଠାଜଳସେଚ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ଆଉ ଏହାପରେ ଟାଙ୍ଗରା ଭୂଇଁକୁ ହୋଇଛି ଜଳସେଚନର ସୁବିଧା । ତପସ୍ୱିନୀ ମୁଣ୍ଡ ଝାଳ ତୁଣ୍ଡେ ଦେଇ ୫ ଏକର ଟାଙ୍ଗରା ଭୂଇଁରେ ଅକ୍ଲାନ୍ତ ପରିଶ୍ରମ କରି କଲରା, କୋବି, ଧାନ ଚାଷ କରି ବର୍ଷକୁ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଅପହଞ୍ଚ ଇଲାକାର ତପସ୍ୱିନୀ ନିଜେ ସ୍ୱାବଲମ୍ବୀ ହେବା ସହିତ ଗାଁର ୬ ଜଣ ବେକାର ଯୁବକ ଯୁବତୀଙ୍କୁ ଦେଇଛନ୍ତି କର୍ମ ନିଯୁକ୍ତିର ଭରପୁର ସୁଯୋଗ । ନବମ ଶ୍ରେଣୀ ପାଠ ପଢିଥିବା ତପସ୍ୱିନୀ ତାଙ୍କ ଦୁଇ ଝିଅଙ୍କୁ ପାଠ ପଢ଼ାଇବା ସହିତ ଘରର ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି । ଆଉ ଏହି ଚାଷ କାମରେ ସ୍ୱାମୀ ଛତ୍ରଧର ପନ୍ୱୀ ତପସ୍ୱିନୀଙ୍କୁ ପ୍ରୋତ୍ସାହନ କରିଥାନ୍ତି । ଗାଉଁଲି ଗାଁର ସଫଳ ମହିଳା ଚାଷୀ ତପସ୍ୱିନୀଙ୍କ ମାଝୀ ।

# ବିଭାଗୀୟ କାର୍ଯ୍ୟ ସମ୍ପାଦନ ନାମରେ ଆଇ ଟିଡିଏ ଅଧିକାରୀଙ୍କ ପକ୍ଷପାତିତା ଓ ଦୁର୍ନୀତି ପ୍ରତିବାଦରେ ଆଇଟିଡିଏ ଅଫିସ ସମ୍ମୁଖରେ ଅନଶନ



ନୀଳଗିରି: ନୀଳଗିରି ଏକ ବଣ ଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏହାର ସାମଗ୍ରିକ ଉନ୍ନତି ପାଇଁ ନୀଳଗିରି ଆଦିବାସୀ ସମ୍ମାନିତ ଉନ୍ନୟନ ସଂସ୍ଥା ଗଠିତ ହୋଇଥିଲା। ଏହି ସଂସ୍ଥା ବିଭିନ୍ନ ପ୍ରକାର ନୀଳଗିରି ବ୍ଲକ୍ ର ଉନ୍ନତି ମୂଳକ କାର୍ଯ୍ୟ କରିଥାଏ। ତେବେ ସରକାର ପରିବର୍ତ୍ତନ ପରେ ପୂର୍ବ ସରକାରଙ୍କ ଅମଳରେ ଉନ୍ନତିକରଣ କାର୍ଯ୍ୟ ପାଇଁ ଆସିଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଟଙ୍କା ଅଦ୍ୟାବଧି ଖର୍ଚ୍ଚ ନ ହୋଇ ପଡ଼ି ରହିବା ଏବଂ ବିଭାଗୀୟ ଅଧିକାରୀ ଙ୍କ ମନୋମୁଖୀ କାର୍ଯ୍ୟ ପ୍ରତିବାଦରେ ଆଜି ଆଇ ଟି ଡି ଏ ଅଫିସ ସମ୍ମୁଖରେ ନୀଳଗିରି ବ୍ଲକ୍ ଅଧକ୍ଷା ଶ୍ରୀମତୀ ସୁଭଲକ୍ଷ୍ମି ମାଝୀଙ୍କ ସମେତ ଅନେକ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଅନଶନରେ ବସିଥିବା ଦେଖା ଯାଇଚି। ସୂଚନାରୁ ଜଣା ଯାଇଛି। ପ୍ରଧାନ ମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ୍ୟ ଯୋଜନାରେ ୧୩ ଗୋଟି ଗ୍ରାମରେ ପ୍ରତି ଗ୍ରାମକୁ ୨୦ ଲକ୍ଷ୍ୟ ଟଙ୍କା ହିସାବରେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୦୩ ଟି ପ୍ରକଳ୍ପ ପାଇଁ ୨ କୋଟି ୬୦ ଲକ୍ଷ୍ୟ ଟଙ୍କା ଆସିଥିଲା। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନ୍ତର୍ଗତ ପ୍ରକଳ୍ପ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୩୯ ଟି ପ୍ରକଳ୍ପ ପାଇଁ ୧ କୋଟି ୬୩ ଲକ୍ଷ୍ୟ ଟଙ୍କା ଆସିଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନ୍ତର୍ଗତ ପ୍ରକଳ୍ପ ପାଇଁ ଏକ କୋଟି ୫୦ ଲକ୍ଷ୍ୟ ଟଙ୍କା ୪୮ ଟି ପ୍ରକଳ୍ପ ପାଇଁ ଆସିଥିଲା। ନୂଆ ଷ୍ଟାଫ୍ କ୍ୱାଟର ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୫ କୋଟି ଟଙ୍କା ଆସିଥିଲା। ଆଦିବାସୀ ସଂସ୍କୃତି ଭବନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ ଲକ୍ଷ ଟଙ୍କା ଆସି ଅଛି। ଆଦିବାସୀ ପିଲାଙ୍କ ହଷ୍ଟେଲରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ଆସି ଅଛି। ଆଦିବାସୀ ପିଲାଙ୍କ ଛାତ୍ରା ବାସରେ ପାଚେରୀ ଉଚ୍ଚତା ବୃଦ୍ଧି ପାଇଁ ୨୦୨୪-୨୫ ରେ ୨ କୋଟି ଟଙ୍କା ଆସିଅଛି। ଷ୍ଟାଫ୍ କ୍ୱାଟର ମରାମତି ଓ ରକ୍ଷଣା ବେକ୍ଷଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୩୮ ଲକ୍ଷ ଟଙ୍କା ଆସିଚି। ବିଭିନ୍ନ ଆଦିବାସୀ ଛାତ୍ରାବାସ ର ମରାମତି ଓ ପୁନରୁଦ୍ଧାର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୪୪ ଲକ୍ଷ ୬୬ ହଜାର ଟଙ୍କା ଆସିଚି। ଏ ବାବଦରେ ବିଜୁ ଜନତା ଦଳ ତରଫରୁ ଗତ ୨୮ /୦୧/୨୦୨୬ ରିଖରେ ଦୁଇଦିନ ଧରି ଧାରଣା ଦିଆ ଯାଇଥିଲା। ଅଦ୍ୟାବଧି ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆ ଯାଇ ନଥିବା ଏବଂ ବିଭାଗୀୟ ଅଧିକାରୀ ଙ୍କ ଚରମ ଉଦାସୀନତା ଏବଂ ପକ୍ଷପତିତା ପ୍ରତିବାଦରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ବିଜୁ ଜନତା ଦଳ ପକ୍ଷରୁ ଆଜିର ଏହି ଅନଶନ କରା ଯାଇଥିବା ଜଣା ଯାଇ ଛି ।ଏହି ଅନଶନ ରେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଙ୍କ ସମେତ ସରପଞ୍ଚ, ଭଉଁରୀଆବାଡ଼, ସଞ୍ଜୟ. ନ୍ୟାୟବ ସରପଞ୍ଚ, ହରେକୃଷ୍ଣ ହେମ୍ବ୍ରମ (ଛତ୍ରପୁର )ପ୍ରଫୁଲ୍ଲ ପାତ୍ର (ତେଲିପାଳ ) ପ୍ରମୁଖ ବସିଥିବା ଦେଖା ଯାଇଛି ।

# ବରପାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ୬ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଲେ

ବରଗଡ : ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଜୁନିଅର କ୍ଲାର୍କ-କମ୍-ଆକାଉଟେଣ୍ଟ ରଜନୀ କାନ୍ତ କର ୬,୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍? ହାତରେ ଧରାପଡିଛନ୍ତି । ସୂଚନା ଅନୁସାରେ, କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ଅବଶିଷ୍ଟ ବେତନ ବକେୟା ଦରମା ପାଇଁ ବିଲ୍? ପ୍ରସ୍ତୁତ କରିବାକୁ ରଜନୀ କାନ୍ତ କର ୬,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ନେଇ କର୍ମଚାରୀ ଅନେକଥର ଅନୁରୋଧ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନଥିଲେ ଏବଂ ଲାଞ୍ଚ ଦେବାକୁ ଚାପ ପକାଉଥିଲେ ।ଯାହାକୁ ନେଇ ସଂପୃକ୍ତ କର୍ମଚାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଭିଜିଲାନ୍ସ ଟିମ୍? ଯୋଜନା କରି ରଜନୀ କାନ୍ତ କରଙ୍କୁ ୬,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଧରିଥିଲା ।ତାଙ୍କ ପାଖରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ୬,୦୦୦ ଟଙ୍କା ଜବତ କରାଯାଇଛି। ଘଟଣା ପରେ ତାଙ୍କ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ଅସମ୍ପତ୍ତି (ଡିଏ) ଦୃଷ୍ଟିକୋଣରୁ ଭିଜିଲାନ୍ସ ପକ୍ଷରୁ ତଲାଶି ଚାଲିଛି। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ନମ୍ବର ୦୨, ତାରିଖ ୧୫.୦୩.୨୦୨୬ ରେ ପି.ସି. (ସଂଶୋଧନ) ଆଇନ ୨୦୧୮ ର ଧାରା ୭ ଅନୁସାରେ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି।



# ସଂପାଦକୀୟ

## ଆଗୁଆ ଗ୍ରୀଷ୍ମପ୍ରବାହର ବିପଦ

କଥାରେ ଅଛି 'ଫାଲଗୁନ-ଚୈତ୍ର ବସନ୍ତରେ' ମୃଦୁ ମଳୟ ବହେ ଧୀରେ'। ଋତୁ ଚକ୍ରରେ ବସନ୍ତ ଋତୁକୁ ଋତୁରାଜ କୁହାଯାଇଥାଏ। ଏଇଥିପାଇଁ ଯେ, ହାଡ ଭଙ୍ଗା ଶୀତ ପରେ ଏବଂ ଦାରୁଣ ଗ୍ରୀଷ୍ମ ପୂର୍ବରୁ ବସନ୍ତ ଋତୁ ଆସିଥାଏ। ଏହି ଋତୁରେ ବୃକ୍ଷରାଜିର କଅଁଳ ପତ୍ର ସାଙ୍ଗକୁ ପରିବେଶ ଜୀବଜଗତକୁ ଅପାର ଆଶ୍ୱସ୍ତି ଦେଇଥାଏ। ଏବେ କିନ୍ତୁ ଫାଲଗୁନ(ମାର୍ଚ୍ଚ) ମାସରେ ଓଡିଶା ସମେତ ସମଗ୍ର ଦେଶରେ ଆଗୁଆ ଗ୍ରୀଷ୍ମ ପ୍ରବାହ କେବଳ ଋତୁଚକ୍ରରେ ବ୍ୟତିକ୍ରମ ଓ ପରିବର୍ତନର ସଂକେତ ନୁହେଁ, ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରଭାବ ବୋଲି ନିସନ୍ଦେହରେ କୁହାଯାଇପାରିବ। ଯାହାକି ଅତ୍ୟନ୍ତ ଗମ୍ଭୀର। ଋତୁଚକ୍ରରେ ବ୍ୟତିକ୍ରମ ପ୍ରାକୃତିକ ବ୍ୟବସ୍ଥାର ବିଭ୍ରାଟର ସଂକେତ ଦିଏ। କହିବା ବାହୁଲ୍ୟ ଯେ, ଆମଦେଶରେ ଋତୁଚକ୍ର ପ୍ରତ୍ୟକ୍ଷ୍ୟ ଭାବେ ଜୀବନ ଜୀବିକା, ଅର୍ଥନୈତିକ ସ୍ଥିରତା ଏବଂ ଭାରତର କୃଷି ସମାଜର ମୂଳଦୁଆ ଜଡିତ ଏବଂ ଯାହାକି ଏବେ ସିଧାସଳଖ ଭାବେ ଗୁରୁ ଧମକ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଋତୁ ଚକ୍ରରେ ପରବିର୍ତନ ଦ୍ୱାରା ଦେଶର ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଚିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ କ୍ଷତିଗ୍ରସ୍ତ କରିଛି। ଚଳିତ ବର୍ଷ ଜାନୁୟାରୀ ମାସରେ ଉଷ୍ଣତା ବୃଦ୍ଧି ଏବଂ ଶୀତର ପ୍ରକୋପ ହ୍ରାସ ଯୋଗୁଁ ଶୀତ ବସ୍ତ୍ରର କିଣାବିକା ଗୁରୁତ୍ୱର ଭାବେ ପ୍ରଭାବିତ ହୋଇଥିବା କୁହାଯାଏ। ଯାହାର ପ୍ରଭାବରେ ଶୀତ ବସ୍ତ୍ର ଉତ୍ପାଦନ ହ୍ରାସ ପାଇବା ସହ ଚାହିଦା ମଧ୍ୟ କମିଛି। ଏପରିକି ଶୀତବସ୍ତ୍ର ଉତ୍ପାଦନକାରୀ ଶିଳ୍ପ ବନ୍ଦ ହେବା ସହ ବହୁ ହୋଲସେଲର ଗୋଦାମ ମଧ୍ୟ ମନ୍ଦ ହୋଇଯାଇଥିବା କୁହାଯାଏ। ସେହିପରି ଅଦିନରେ ତଥା ଆଗୁଆା ଗ୍ରୀଷ୍ମ ପ୍ରବାହ ଦ୍ୱାରା ଗହମ, ବୁଟ ଚଣା, ତୈଳ ବୀଜ ଏବଂ ଆମ୍ବ ପରି ବହୁ ଅର୍ଥକାରୀ ଉଦ୍ୟାନ ଭିତିକ ଫଳ ପରି ବହୁ ମୁଖ୍ୟ ଶସ୍ୟର ଅମଳ ଗୁରୁତର ଭାବେ ହ୍ରାସ ପାଇଛି। କୃଷି କ୍ଷେତ୍ରରେ ଶ୍ରମ ଶକ୍ତି କ୍ଷତିଗ୍ରସ୍ତ ହୋଇଛି। କୃଷି ଶ୍ରମିକଙ୍କୁ କାମ ମିଳୁନାହିଁ। କହିବା ବାହୁଲ୍ୟ ଯେ, ଗ୍ରାମାଚଂଳରେ ଅସଂଗଠିତ ଶ୍ରମିକଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କୃଷି କ୍ଷେତ୍ରରେ କାମ ଅଭାବରୁ ଶ୍ରମିକ ହାତବାନ୍ଧି ବେକାର ହୋଇବସିଥିବା ଏବେ ବୃଦ୍ଧି ପାଇବାରେ ଲାଗିଛି। କେବଳ ଏତିକି ନୁହେଁ ସ୍ୱଳ୍ପ ଅମଳ ଖାଦ୍ୟ ଶସ୍ୟର ଦରଦାମ ବୃଦ୍ଧି କରିବା ସହ ଦେଶରେ ଖାଦ୍ୟ ସଂକଟ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରିଥାଏ। ସେହିପରି ମୁଦ୍ରାସ୍ଫିତୀକୁ ଆହୁରି ଖରାପ ମୁହାଁ କରିଥିବାବେଳେ ରପ୍ତାନୀକୁ ମଧ୍ୟ ପ୍ରଭାବିତ କରିଥାଏ। ଆମ ଦେଶରେ ଦୁର୍ଦ୍ଦଶା କିଛି କମ୍ ନୁହେଁ, ଯେଉଁଥିପାଇଁ କି ଦେଶରେ ଚାଷୀ ଆତ୍ମହତ୍ୟା ଘଟଣାମାନ ବଢିବାରେ ଲାଗିଛି। ଆହୁରି ମଧ୍ୟ ଅସହ୍ୟ ଗ୍ରୀଷ୍ମ ବା ଖରା ଜଳ ସଂକଟକୁ ଉତ୍କଟ କରେ। ଆମ ଦେଶରେ ଖରାଦିନେ ଜଳସଂକଟ ଏକ ସାଧାରଣ ଘଟଣା। କୂଅ, ପୋଖରୀ, ଗାଡିଆ, ଜଳାଶୟ, ନଦୀ, ନାଳ ଏବଂ ଏପରିକି ଜଳଭଣ୍ଡାର ଗୁଡିକ ଶୁଖିଯାଏ। ଉତର ଭାରତରେ ଜଳଭଣ୍ଡାରଗୁଡିକର ଜଳସ୍ତର ଏବେ ଉଦ୍‌ବେଗଜନକ ସ୍ଥିତିରେ। ଆଗାମୀ ଚାଷ ପାଇଁ ଜଳସେଚନ ପ୍ରତି ଗୁରୁ ଧମକ ସୃଷ୍ଟି କରିଛି। କେବଳ କୃଷି କ୍ଷେତ୍ର ନୁହେଁ ଜଳ ବିଦ୍ୟୁତ ଉତ୍ପାଦନ, ଦୁଗ୍ଧ ଉତ୍ପାଦକ ସେକ୍ଟର ମଧ୍ୟ ପ୍ରଭାବିତ ହୋଇଛି। ଏହା ନିସନ୍ଦେହ ଯେ, ଖରାଦିନେ ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ବିଦ୍ୟୁତ ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଇଥାଏ। ବିଦ୍ୟୁତ ସଂକଟ ଜଳଜଳ ହୋଇଦେଖାଗଲାଣି। ଯାହାକି କେବଳ ଜନଜୀବନ କୁ ନୁହେଁ, କୃଷି ଓ ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିବାର ଆଶଙ୍କାକୁ ଏଡାଇ ଦେଇହେଉନାହିଁ। ଦେଶରେ କୃଷି ଉତ୍ପାଦନ, ଆୟ କମିଲେ ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ଘଟିବ। ଯାହାକି କେବଳ ଅର୍ଥନୀତିକୁ ପ୍ରଭାବିତ କରିବନାହିଁ, ଅଭିବୃଦ୍ଧିକୁ ମଧ୍ୟ ସଂକୁଚିତ କରିପାରିବ। ଆମ ରାଜ୍ୟରେ ମଧ୍ୟ ଆଗୁଆ ଗ୍ରୀଷ୍ମ ପ୍ରଭାବର ପ୍ରକୋପ ମଧ୍ୟ କିଛି କମ୍। ପଶ୍ଚିମ ଓଡିଶାର ତାପମାତ୍ରା ୪୧ଡିଗ୍ରୀ ସେଲସିୟସ୍ ପାର କରିଥିବାବେଳେ ଲୋକେ ଏବେଠୁ ତ୍ରାହିତ୍ରାହି ଡାକିଲେଣି। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ହିଟ୍‌ୱେଭ୍ ସ୍ଥିତି ଜାରି ରହିବା ନେଇ ପାଣିପାଗ ଚେତାବନୀ ଦେଇ ସାରିଲାଣି। ଏବେ ବସନ୍ତ ଋତୁରେ ଏଭଳି ସ୍ଥିତି, ଗ୍ରୀଷ୍ମକାଳରେ ସ୍ଥିତି ଯେ ଅସମ୍ଭାଳ ହେବ, ଏହା ନିସନ୍ଦେହ। ଏହା ନିଶ୍ଚିତ ମଣିଷ ପ୍ରକୃତି ଉପରେ ଯେତିକି ଯେତିକି ଅତ୍ୟାଚାର କରୁଛି, ପ୍ରକୃତି ତା'ର ତାଣ୍ଡବ ସେତିକି ସେତିକି ରଚିବାରେ ରଚିଛି। ପ୍ରକୃତିର ସୁରକ୍ଷା ପାଇଁ ମାନବ ସମାଜ, ରାଷ୍ଟ୍ରଗୁଡିକ ଏବେଠୁ ସତର୍କ ନହେଲେ, ଆଗକୁ ଆହୁରି ଅଧିକ ପ୍ରାକୃତିକ ବ୍ୟତିକ୍ରମ ଦେଖିବାକୁ ହେବ, ଯାହାକି ସୃଷ୍ଟି ପାଇଁ କେବଳ ଧ୍ୱଂସର କାରଣ ହେବ।

# ସ୍ମୃତିରୁ ଖିଏ....



ରକ୍ତର ସମ୍ପର୍କ ସ୍ୱାଭାବିକ ଭାବରେ ଗାଢ଼ ବା ଗଭୀର ହୋଇଥାଏ । କିନ୍ତୁ ଦୁନିଆଁରେ ଏଭଳି କିଛି ସମ୍ପର୍କ ଅଛି, ଯାହା ରକ୍ତର ହୋଇ ନଥିଲେ ସୁଦ୍ଧା ତା'ଠାରୁ ଅଧିକ ନିବିଡ଼ ହୋଇଥାଏ । ମୋର ସେଭଳି ଘନିଷ୍ଠ ସମ୍ପର୍କ ଥିଲା ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସ ଏବଂ ତାଙ୍କ ଧର୍ମପୁତ୍ର ପ୍ରଫେସର ଧୁନ୍ ଖୁଣ୍ଟିଆଙ୍କ ସହିତ ।

ଯୁଧିଷ୍ଠିର ଦାସ ମୋତେ ପୁଅଭଳି ଭଲ ପାଉଥିବାବେଳେ ଧୁନ୍ ଖୁଣ୍ଟିଆ ନିଜ ସାନ ଭାଇ ପରି ସ୍ନେହ କରୁଥିଲେ । ଯୁଧିଷ୍ଠିର ଦାସ (ଲୋକମାନେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତିରେ ଯୁଝିଆନା ବୋଲି ସମ୍ବୋଧନ କରୁଥିଲେ) ମୋତେ ତାଙ୍କର ବାଚସ୍ପତିଙ୍କ ଗଣମାଧ୍ୟମ ଉପଦେଷ୍ଟା କମିଟି (ଝକ୍ସ୍ତରବଳରକ୍ସ'ଷ୍ପ ଚକ୍ସରଷ୍ପଷ୍ପ ଇୟଙ୍ଗସଷ୍ପକ୍ଟକ୍ସଛ ଉକ୍ଟଙ୍କଙ୍କସଷ୍ପଷ୍ପରର)ର ସର୍ବକନିଷ୍ଠ ସଭ୍ୟ କରିବା ଏବଂ ମୋର ଜେଜେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ଦେଶାତ୍ମବୋଧ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ବିଧାନସଭା ଅଧିବେଶନର ଉଦ୍‌ଯାପନୀ ସଙ୍ଗୀତ ରୂପେ ଅଧିଗ୍ରହଣ କରିବା ପରେ ମୋର ତାଙ୍କ ସହିତ ଆତ୍ମୀୟତା ବଢ଼ି ଯାଇଥିଲା । ସେହି ସୂତ୍ରରେ ଧୁନ୍ ଭାଇଙ୍କ ସହିତ ସମ୍ପର୍କ ସ୍ୱାଭାବିକ ଭାବେ ନିବିଡ଼ ହୋଇ ଯାଇଥିଲା ।

ଆଜି ଧୁନ୍ ଭାଇଙ୍କ ଅବର୍ତ୍ତମାନରେ ଅନେକ ଅପାସୋରା ସ୍ମୃତି ମୋ ମନରେ ଉଙ୍କି ମାରୁଛି । ସେଥି ମଧ୍ୟରୁ ଗୋଟିଏ ଦୁଇଟି ଅବତାରଣା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି । ପନ୍ଦର ବର୍ଷ ତଳର କଥା । ୨୦୧୧ ମସିହା ଡିସେମ୍ବର ୪ ତାରିଖରେ ମୋ ଝିଅ ଚନ୍ଦ୍ରିକାର ବିଭାଘର ହୋଇଥିଲା । ତା'ର କିଛି ଦିନ ପୂର୍ବରୁ ବିଭାଘର ନିମନ୍ତ୍ରଣ ଜଣାଇବା ପାଇଁ ମୁଁ ଯୁଧିଷ୍ଠିର ଦାସଙ୍କ ନିକଟକୁ ଯାଇଥିଲି । ସେତେବେଳେ ସେ ଧୁନ୍ ଭାଇଙ୍କ ବାସଗୃହ 'ଚିତ୍ରନୀଡ଼'ରେ ଅବସ୍ଥାନ କରୁଥିଲେ ଏବଂ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ । ଝିଅ ବାହାଘର କଥା ଶୁଣି ସେ ବହୁତ ଖୁସି ହେଲେ ଓ ବିବାହ ଉତ୍ସବରେ ଯୋଗଦେବା ପାଇଁ ମନ ବଳାଇଲେ । କିନ୍ତୁ ସେତେବେଳେ ସେଠାରେ ଉପସ୍ଥିତ ଥିବା ଧୁନ୍ ଭାଇ ସେଥିଲାଗି ଅରାଜି ହେଲେ । ଧୁନ୍ ଭାଇ କହିଲେ, ''ଦେଖ ପ୍ରଭୁ, ବାବା ଜାଣି ପାରୁ ନାହାନ୍ତି - ଝାଡ଼ା, ପରିସ୍ରା ତାଙ୍କ ଲୁଗାରେ ହୋଇଯାଉଛି । ଏଭଳି ପରିସ୍ଥିତିରେ ତାଙ୍କୁ ତୋ ଝିଅ ବାହାଘରକୁ ନେବା ସମ୍ଭବ ହେବ ନାହିଁ ।'' ଏକଥା ଶୁଣିବା ପରେ ମୁଁ ମୋର ମନକୁ ବୁଝାଇ ଦେଇଥିଲି । ତେବେ ମୁଁ ତାଙ୍କ ନିକଟରୁ ବିଦାୟ ନେଇ ଫେରି ଆସିବା ପର୍ଯ୍ୟନ୍ତ ସେ (ଯୁଧିଷ୍ଠିର ଦାସ) ମୋତେ ବାରମ୍ବାର କହୁଥିଲେ, ''ପ୍ରଭୁ ତୁ ଆଦୌ ବ୍ୟସ୍ତ ହଅନା । ମୁଁ ନିଶ୍ଚୟ ତୋ ଝିଅ ବାହାଘରକୁ ଯିବି ।''

ବାର ବର୍ଷ ତଳେ ଅର୍ଥାତ୍ ୨୦୧୪ ମସିହା ଫେବୃୟାରୀ ୧୮ ତାରିଖରେ ଯୁଧିଷ୍ଠିର ଦାସଙ୍କର ତିରୋଧାନ ଘଟିଥିଲା । ତା'ପରଠାରୁ ପ୍ରତିବର୍ଷ ସେହି ଦିନ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଧୁନ୍ ଭାଇଙ୍କ ଆବାସସ୍ଥଳୀ 'ଚିତ୍ରନୀଡ଼' ସମ୍ମୁଖସ୍ଥ ଯୁଧିଷ୍ଠିର ଦାସ ପାର୍କ ବା ଉଦ୍ୟାନରେ ଅନୁଷ୍ଠିତ ହୋଇ ଆସୁଛି । ଯୁଧିଷ୍ଠିର ଦାସଙ୍କ ସ୍ମୃତିକୁ ଉପଜୀବ୍ୟ କରି ରଖିବା ଲାଗି ଧୁନ୍ ଭାଇ ନିଜେ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଉତ୍ସର୍ଗୀକୃତ ଭାବେ ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରି ଥାଆନ୍ତି । ପ୍ରତିମୂର୍ତ୍ତିରେ ଫୁଲ ସାଜସଜାଠାରୁ ଆରମ୍ଭ କରି ଅତିଥି ଓ ଶ୍ରୋତାମାନଙ୍କ ଉପସ୍ଥିତ ସୁନିଶ୍ଚିତ କରବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେ ନିଖୁଣ ଭାବରେ ତଦାରଖ କରୁଥିଲେ । ଗତ ବର୍ଷ ଅର୍ଥାତ୍ ୨୦୨୫ ଫେବୃୟାରୀ ୧୮ ତାରିଖ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀରେ ମୁଁ ଫାଉଣ୍ଡେସନ ପକ୍ଷରୁ ଯୁଧିଷ୍ଠିର ଦାସ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲି । କିନ୍ତୁ ପରିତାପର ବିଷୟ ହେଉଛି ଲଗାତର ୧୦ ବର୍ଷ ଧରି ଯୁଧିଷ୍ଠିର ଦାସ ଶ୍ରାଦ୍ଧ ବାର୍ଷିକୀ ପାଳନ କରି ଆସୁଥିବା ଧୁନ ଭାଇ କିନ୍ତୁ ସେହି ବର୍ଷ ଅସୁସ୍ଥତା ଯୋଗୁଁ ଉତ୍ସବରେ ଉପସ୍ଥିତ ହୋଇ ପାରି ନଥିଲେ । ତେଣୁ ସମ୍ବର୍ଦ୍ଧନା ପର୍ବ ସମାପନ ପରେ ମୁଁ 'ଚିତ୍ରନୀଡ଼' ଆବାସସ୍ଥଳୀକୁ ଯାଇ ତାଙ୍କୁ ସାକ୍ଷାତ କରିଥିଲି ।

ଚଳିତ ୨୦୨୬ ବର୍ଷ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧୋତ୍ସବ ହେବା ଘେନି ଅନିଶ୍ଚିତତା ଉପୁଜିଥିଲା । କାରଣ ସ୍ୱାସ୍ଥ୍ୟଗତ ସମସା ନେଇ ଧୁନ୍ ଭାଇ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି ହେଉଥିଲେ ଏବଂ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରୁଥିଲେ । ଶ୍ରାଦ୍ଧ ବାର୍ଷିକୀର କିଛି ଦିନ ପୂର୍ବରୁ ଧୁନ୍ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଚିକିତ୍ସା ପାଇଁ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ତେଣୁ ମୁଁ ଧୁନ୍ ଭାଇଙ୍କ ମଝିଆ ପୁଅ ଟୁଟୁ (ମନସ୍ୱୀ)କୁ କହିଲି ଏଥର ଶ୍ରାଦ୍ଧୋତ୍ସବ ବାତିଲ କରିଦେବା । ସେତେବେଳକୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ଟୁଟୁ କିଛି ଉତ୍ତର ନ ଦେଇ ଚୁପ୍ ରହିଲା । କିନ୍ତୁ ମୁଁ ମାନସିକ ସ୍ତରରେ ବଳଚିତ ହେଉଥିଲି । ତେବେ ଭଗବାନଙ୍କ ଅପାର କରୁଣା ଯୋଗୁଁ ଧୁନ୍ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଲା । ଫଳରେ ଶ୍ରାଦ୍ଧୋତ୍ସବର ପୂର୍ବଦିନ ଟୁଟୁ ମୋତେ କହିଲା, ''ଆମେ ଜେଜେଙ୍କର ଶ୍ରଦ୍ଧାବାର୍ଷିକୀ କରି ପାରିବା । କାରଣ ବାପାଙ୍କର ଦେହ ପୂର୍ବାପେକ୍ଷା ଭଲ ରହିଛି ।'' ଫଳରେ ଯୁଧିଷ୍ଠିର ଦାସଙ୍କର ଦ୍ୱାଦଶ ଶ୍ରାଦ୍ଧୋତ୍ସବ ପୂର୍ବ ବର୍ଷମାନଙ୍କ ଭଳି ଯଥାରୀତି ପାଳିତ ହୋଇଥିଲା । ତେବେ ଏହାର କୋଡ଼ିଏ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୭ ତାରିଖ ସକାଳେ ଧୁନ ଭାଇଙ୍କର ଦେହାନ୍ତ ଘଟିଲା ।

ମାର୍ଚ୍ଚ ୭ ତାରିଖ ସକାଳେ ଧୁନ୍ ଭାଇଙ୍କ ବିୟୋଗ ଖବର ମୁଁ ଫୋନ୍ ଯୋଗେ ଟୁଟୁ ଠାରୁ ଶୁଣିଲି । ପଚାରି ବୁଝିଲି ଧୁନ୍ ଭାଇଙ୍କ ରକ୍ତଚାପ ଅସ୍ଥିର ରହୁଥିଲା । ତେଣୁ ଡାକ୍ତରଖାନାରେ ଚିକିତ୍ସକ ତାଙ୍କୁ ଆବଶ୍ୟକ ଔଷଧ ଦେଇ ରକ୍ତଚାପ ସ୍ଥିର ରଖିଥିଲେ । କିନ୍ତୁ ଅତ୍ୟନ୍ତ ଦୁର୍ବଳ ସ୍ୱାସ୍ଥ୍ୟରେ ହୃଦ୍‌ଘାତ ହେବାରୁ ତାଙ୍କର ନିଧନ ହୋଇଗଲା । ମୋର ମନେ ହେଲା ସତେ ଯେମିତି ଧୁନ୍ ଭାଇ ତାଙ୍କ ବାପା (ଯୁଧିଷ୍ଠିର ଦାସ)ଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ସୁରୁଖୁରୁରେ ସମ୍ପନ୍ନ ହୋଇଯାଉ ବୋଲି ଅପେକ୍ଷା କରି ରହିଥିଲେ । ତା'ପରେ ଧୁନ୍ ଭାଇଙ୍କ ଆତ୍ମୀୟତା ଭରା ବାର୍ତ୍ତାଳାପ ପ୍ରୀତିପୂର୍ଣ୍ଣ ଆଚରଣ ଆଦି କଥା ମନକୁ ଆନ୍ଦୋଳିତ କଲା । ମୁଁ 'ଚିତ୍ରନୀଡ଼' ଅଭିମୁଖେ ଯାତ୍ରା କଲି ଓ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶେଷ ସମ୍ମାନ ଜଣାଇଲି ।

ଧୁନ୍ ଭାଇ ରାଜ୍ୟର ଅନ୍ୟତମ ସୁସାହିତ୍ୟିକ ତଥା ଶିକ୍ଷାବିତ୍ ଥିଲେ । ତାଙ୍କର ଅଗଣିତ ପ୍ରବନ୍ଧ, ଗପ, କବିତା ଆଦି ସାରସ୍ୱତ କୃତି ବିଭିନ୍ନ ସଂଭ୍ରାନ୍ତ ପତ୍ରପତ୍ରିକା ଓ ଖବରକାଗଜରେ ନିୟମିତ ପ୍ରକାଶିତ ହେଉଥିଲା । ତେବେ ଓଡ଼ିଆ ସାହିତ୍ୟର ଏହି ପ୍ରଫେସର ଜଣକ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ ବୋଲି ମୁଁ ଆଦୌ ଜାଣି ନଥିଲି । ସେ ଶଯ୍ୟାଶାୟୀ ହୋଇଯିବାପରେ ମୁଁ ତାଙ୍କ କାବ୍ୟିକ ପ୍ରତିଭା ସମ୍ପର୍କରେ ସୂଚନା ପାଇଥିଲି । ଯେତେବେଳେ ସାକ୍ଷାତ କରିବାକୁ ଯାଉଥିଲି ଅବସାଦ ଦୂର ପାଇଁ ତାଙ୍କ ଗୀତି କବିତା ବିଷୟରେ ଆଲୋଚନା କରୁଥିଲି । କେତେବେଳେ ସେ ତଲ୍ଲୀନ ହୋଇ ଯାଉଥିଲେ ତ, ଅନ୍ୟ କେତେବେଳେ ସେ ଗୁରୁଗମ୍ଭୀର । ସେ ନିଜେ ତାଙ୍କ ଆବାସସ୍ଥଳୀର ନାମ 'ଚିତ୍ରନୀଡ଼' ଦେଇଥିବାବେଳେ ତାଙ୍କ ପୁଅ ଟୁଟୁର ବାସଗୃହ ନାମ 'କୁଆଁତାରା' ରଖିଥିଲେ । ଏଇ ଛୋଟିଆ ଘଟଣାରୁ ହିଁ ଧୁନ୍ ଭାଇଙ୍କ କବି ପ୍ରତିଭାର ସ୍ପଷ୍ଟ ପ୍ରମାଣ ମିଳେ । ଆକାଶବାଣୀରେ ପ୍ରସାରିତ ଧୁନ୍ ଭାଇଙ୍କ ଲୋକପ୍ରିୟ ଗୀତି କବିତାଗୁଡ଼ିକ ତାଙ୍କୁ ଏକ ନିଆରା ସମ୍ମାନ ପ୍ରଦାନ କରିଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ଓ ତୃପ୍ତି ଦାସଙ୍କ ଦ୍ୱାରା ଆକାଶବାଣୀରେ ପ୍ରସାରିତ ତାଙ୍କର 'ଆରେ କିଏ ଛାଡ଼େ ଏହି ମୌକା, ଟଙ୍କା'କ ଦରବ ହେଲା ସୁଉକା ।'' ଗୀତି କବିତା ତାଙ୍କୁ ପ୍ରଶଂସାର ଶିଖରରେ ପହଞ୍ଚାଇଥିଲା । ଧୁନ୍ ଭାଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଣତି ଜଣାଉଛି ।

**ପ୍ରଭୁକଲ୍ୟାଣ ମହାପାତ୍ର**
**ମୋ : ୯୯୩୭୭-୧୧୩୮୯**

# ତୁମ ଠୁ ଆରମ୍ଭ, ତୁମଠି ଶେଷ



**ଡାକ୍ତର ସମ୍ରାଟ କର**

ହେ ମହାପ୍ରଭୁ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା। ତୁମଠୁ ଆରମ୍ଭ, ତୁମଠି ଶେଷ। ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ। ଅଗତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି। ତୁମେ ଦେବତା ହେଲେ ମଧ୍ୟ ତୁମ ଭିତରେ ପୁରି ରହିଛି ତମାମ ମଣିଷ ପଣିଆ। ଆମପରି ତୁମେ ବି ବଡ଼ି ଭୋରରୁ ଉଠ, ସ୍ନାନ, ମାଜଣା କର ସକାଳଠୁ ବିଶ୍ରମକୁ ଯିବା ପର୍ଯ୍ୟନ୍ତ ଷାଠିଏ ପଉଟି ଭୋଗ ନୈବେଦ୍ୟ ହୋଇଥାଏ। ରାତିରେ ନିଦ ଯାଅ ଆଉ ବର୍ଷର ବିଭିନ୍ନ ଋତୁ ଅନୁଯାୟୀ କେବଳ ବେଶ ବଦଳାଇ ନଥାଅ ବରଂ ଭିନ୍ନ ଭିନ୍ନ ପୋଷାକ ପିନ୍ଧ ଆଉ ଆଚରଣରେ ତ ସେ ଠିକ ଆମ ଭଳି। ସେ ହେଉଛନ୍ତି ଦଇତା ମାନଙ୍କର ଜ୍ଞାତି, ବନ୍ଧୁ ଆଉ କୁଟୁମ୍ବ ଓ ସହୋଦର। ଠିକ ଏଇଥିପାଇଁ ତୁମର ନବକଳେବର ସମୟରେ ଦଇତାମାନେ ତୁମ ନିମିତ୍ତ ଶୌଚ ହୁଅନ୍ତି, ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି ସତରେ ମଣିଷରୂପୀ ଏପରି ଦେବତା ସମଗ୍ର ବିଶ୍ୱରେ ବିରଳ। ତୁମେ ଓଡ଼ିଆ ଜାତିର କୁଳ ଦେବତା। ଆମ ସତ୍ତା, ଭାବ, ଭକ୍ତି, ଶକ୍ତି, ଶ୍ରୀଜଗନ୍ନାଥ। ହେ ଦାରୁ ଦେବତା ! ସବୁ ତୁମରି ଲୀଳା। ତୁମେ ଇଛା କଲ, ଶବର ଦେବତାରୁ ହେଲ ବିଶ୍ୱ ନିୟନ୍ତା। ଆଜି ତୁମରି ଇଚ୍ଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର। କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ। ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ। ଦର୍ଶନ କରେ, ମନ ପୁରେନି। ଅଭାବବୋଧକୁ ଧରି ଘରକୁ ଫେରେ।

କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ୍ତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ। କବିର କବିତାରେ, ନାଟକର ସଂଳାପରେ, ଧାରାବାହିକ ଭାସ୍ୟକାରଙ୍କ ଭାବ ବିଶ୍ଳେଷଣରେ ସବୁଠି, ସବୁ କ୍ଷେତ୍ରରେ, ସବୁ ରୂପରେ, ସବୁ ଭାବରେ ତାଙ୍କ କରୁଣାର ଧାରା ପ୍ରବାହିତ ହୋଇଥାଏ। ମହାକୁମ୍ଭ ଘାଟରୁ ଦୁନିଆର ହାଟ ପର୍ଯ୍ୟନ୍ତ ଯାହାଙ୍କ ମହିମା, କରୁଣା, ଲୀଳା ବିସ୍ତାରିତ ସେ ହେଉଛନ୍ତି ଆମ କୋଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ। ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି। ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ। ପ୍ରତିଟି ଓଡ଼ିଆ ସିଏ ଯେଉଁଠି ରୁହନ୍ତୁ ନା କାହିଁକି ତାଙ୍କ ସକାଳର ପ୍ରଥମ ପ୍ରାର୍ଥନା ଓ ଭାବ ସମର୍ପଣ ରହିଥାଏ ମହାବାହୁ ଶ୍ରୀଜଗନ୍ନାଥଙ୍କ ପାଖରେ। ପ୍ରତିଟି ଓଡ଼ିଆ ଘରର ମୁରବୀ ହେଉଛନ୍ତି ସେହି ଜଗତରନାଥ କାଳିଆ ସାଆନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତ୍ତମ' ଏହିପରି ବିଭିନ୍ନ ନାମରେ। ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ। ପିଲାଟିର ନାମକରଣ ହେଉ ବା ଅନ୍ନପ୍ରସନ୍ନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ୍ୟ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ।

ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି। ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସଭୁଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି। ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ। ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ। ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା। ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ। ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ।

ବନ୍ଧୁ ସଂଙ୍ଗଳିବା ହେଉ ବା ନୂଆ ବନ୍ଧୁ ଆରମ୍ଭ ହେଲାବେଳେ ମହାପ୍ରସାଦ ପୁଡ଼ିଆ ପ୍ରେରଣ ହୋଇଥାଏ ଶୁଭ ସଙ୍କେତ ଭାବରେ। ଚିଠି ଗୁଆର ନିମନ୍ତ୍ରଣ ସହିତ ମହାପ୍ରସାଦ ପଠାଇବାର ବିଧି ମଧ୍ୟ ରହିଛି। ଘରେ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ ହୁଏ। ବିବାହ ବନ୍ଧନର ପୂର୍ବ ନିର୍ବନ୍ଧ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକା ଯାଇ ବୈବାହିକ ସମ୍ବନ୍ଧ ଘୋଷିତ ହୋଇଥାଏ। କହିବାକୁଗଲେ ଏହି ସମ୍ବନ୍ଧ ବା ସମ୍ପର୍କକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ ହୋଇଥାଏ। ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ହୋଇଥାଏ ବାଗଦତ୍ତ ଓ କନ୍ୟାଟି ହୋଇଥାଏ ବାଗଦତ୍ତା। ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ। ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି। ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ। ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ। ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ। ମହାପ୍ରସାଦ ମାଧ୍ୟମରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ। ମହାପ୍ରଭୁଙ୍କ ପବିତ୍ର ଅବଢ଼ା କୁଡୁଆକୁ ଦାଣ୍ଡ ପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି କୋଟି ଓଡ଼ିଆଙ୍କ ବିଶ୍ୱାସ। ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳଇ ବୋଲି ବିଶ୍ୱାସ ରହିଛି। ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି। ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ। ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି।

ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆମ ଓଡ଼ିଆ ଜାତିର ଏକମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ବାହାରେ ଓ ବିଦେଶରେ ଓଡ଼ିଶାରୁ ଆସିଛି କହିଲେ ପ୍ରାୟତଃ ଅନେକ ଓଡ଼ିଶାକୁ ହଠାତ୍ ନ ଚିହ୍ନି ପାରୁଥିଲେ 'ଜଗନ୍ନାଥ ଦେଶ' କହିଲେ ସମସ୍ତେ ଭାବପୂର୍ଣ୍ଣ, ହୃଦୟପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ହୋଇଯାଇଥାନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ଜାତି ଆଜି ବିଶ୍ୱ ଦରବାରରେ ମୁଖ୍ୟତଃ ହିଁ ପରିଚିତ। ଶ୍ରୀଜଗନ୍ନାଥ ସଂସ୍କୃତିରେ କାଳକ୍ରମେ କେତେକ ପରିବର୍ତ୍ତନ ଦେଖା ଦେଇଥିଲେ ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ସଂସ୍କୃତି କହିଲେ ଅସଂଗତ ହେବନାହିଁ। ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ୍, ପୁରୀଘାଟ ରୋଡ଼,**
**କଟକ,**

# ମୋହିନୀ ଏକାଦଶୀ ଓ ବିଷ୍ଣୁଙ୍କ ମୋହିନୀ ଅବତାର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ସରସ୍ୱତୀ ନଦୀ କୂଳରେ ଭଦ୍ରାବତୀ ନାମକ ନଗର ଥିଲା । ଏଠି ଧୃତିମାନ ନାମକ ରାଜା ରାଜୁତି କରୁଥିଲେ । ଏହି ନଗରରେ ଜଣେ ବଣିଆ ରହୁଥିଲା, ତାର ନାଁ ଥିଲା ଧନପାଳ । ସେ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲା ଏବଂ ସର୍ବଦା ପୂଣ୍ୟକର୍ମରେ ଲାଗି ରହୁଥିଲା । ଧନପାଳର ୫ଜଣ ପୁତ୍ର ଥିଲେ ସୁମନା, ଧୃତିକାମ, ମେଧାବୀ, ସୁକୃତ ଏବଂ ଧୃଷ୍ଟବୁଦ୍ଧି । ଧୃଷ୍ଟବୁଦ୍ଧି ସର୍ବଦା ପାପ କର୍ମରେ ଲିପ୍ତ ରହୁଥିଲା । ଅନ୍ୟାୟ ମାର୍ଗରେ ଯାଇ ସେ ନିଜ ପିତାଙ୍କ ଧନ ବରବାଦ କରି ଦେଇଥିଲେ । ଏଣେ ତେଣେ ବୁଲି ବୁଲି ଧୃଷ୍ଟବୁଦ୍ଧି ଶେଷରେ ମହର୍ଷି କୌଡ଼ିନ୍ୟଙ୍କ ଆଶ୍ରମରେ ପହଞ୍ଚିଲା । ହାତଯୋଡ଼ି ମୁନିଙ୍କୁ ପୁଣ୍ୟ ପ୍ରାପ୍ତିର ମାର୍ଗ କହିବା ଲାଗି ଅନୁରୋଧ କଲା । ମହର୍ଷି କୌଡ଼ିନ୍ୟ ତାକୁ ବିଧିପୂର୍ବକ ମୋହିନୀ ଏକାଦଶୀ ବ୍ରତ କରିବାକୁ କହିଲେ । ଏହି ବ୍ରତ ପ୍ରଭାବରେ ସେ ନିଷ୍ପାପ ହୋଇଗଲା ଏବଂ ଗରୁଡ଼ ଉପରେ ବସି ବୈକୁଣ୍ଠପୁରକୁ ଚାଲିଗଲା । ବୈଶାଖ ମାସ ଶୁକ୍ଳ ପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ କୁହନ୍ତି । ଏହି ବ୍ରତ ଧାରଣ କଲେ ଏକ ହଜାର ଗୋଦାନର ପୁଣ୍ୟ ପ୍ରାପ୍ତି ହୋଇଥାଏ । ମନୁଷ୍ୟର ସମସ୍ତ ପାପ ଦୂର ହୋଇଥାଏ । ବ୍ରତ ପ୍ରଭାବରୁ ମୋହ ଜାଲରୁ ମଧ୍ୟ ମୁକ୍ତି ମିଳିଥାଏ । ଏଥର ୧୦ ମଇ, ଶନିବାର ମୋହିନୀ ଏକାଦଶୀ ବ୍ରତ ପଡୁଛି । ମୋହିନୀ ଏକାଦଶୀ ତିଥିରେ ପ୍ରତ୍ୟୁଷରୁ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ଶ୍ରୀରାମଙ୍କ ପୂଜା କରିବା ସହ ବ୍ରତ ଧାରଣ କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ । ଶ୍ରୀହରି ମୋହିନୀ ଅବତାର ନେଇଥିଲେ। ସେ ଏହି ଅବତାର ସେତେବେଳେ ନେଇଥିଲେ, ଯେତେବେଳେ ସମୁଦ୍ର ମନ୍ଥନରେ ଅମୃତ ବାହାରିଥିଲା। ଦେବତା ଓ ରାକ୍ଷସଙ୍କ ମଧ୍ୟରେ ଏହା ବିତରଣ ହେବାର ଥାଏ। ମାତ୍ର ମୋହିନୀ ଅବତାରରେ ଶ୍ରୀହରି ଛଳରେ ଦେବତାଙ୍କୁ ଅମୃତ ଓ ରାକ୍ଷସମାନଙ୍କୁ ଅନ୍ୟ ଦ୍ରବ୍ୟ ପିଇବାକୁ ଦେଇଥିଲେ। ଶ୍ରୀହରି ମୋହିନୀ ରୂପରେ ଖୁବ୍ ଆକର୍ଷଣ ଥିଲେ। ସେ ଏହି ରୂପ ଲୋକକଲ୍ୟାଣ ପାଇଁ ନେଇଥିଲେ। ଏଥିରେ ସେ ଜଣେ ସୁନ୍ଦର ଯୁବା ସ୍ତ୍ରୀ ରୂପରେ ଉଭା ହୋଇଥିଲେ। ଅଗ୍ନି ପୁରାଣର ୩.୧୨ରେ ବର୍ଣ୍ଣିତ ଅଛି ଯେ, ଅମୃତ ବିତରଣ ପାଇଁ ଶ୍ରୀହରି ମୋହିନୀରୂପ ଧାରଣ କରିଥିଲେ। ଏହି ସମୟରେ ଭଗବାନ ଶିବ ମୋହିନୀ ରୂପ ଦେଖି ଆକର୍ଷିତ ହୋଇଉଠିଥିଲେ। ସେହି ସ୍ଥାନ ଗଙ୍ଗୋତ୍ରି ଅଟେ। ସେଠାରେ ତାଙ୍କ ବୀଜ ପତନ ଘଟିଥିଲା। ଏହା ଅମୂଲ୍ୟ ପାରଦ ଅଟେ। ଗଙ୍ଗା ଜଳର ପ୍ରତି ବିନ୍ଦୁରେ ଏହା ରହିଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଏହି ପାରଦ ସମ୍ପୂର୍ଣ୍ଣ ଜଗତର ଆଧାର ଅଟେ। କାରଣ ଏହି ସଂସାରର ଆଦି ଶକ୍ତି ରଜ ଅର୍ଥାତ୍ ଗନ୍ଧକ ଅଟେ ଓ ଶିବଙ୍କ ବୀଜ ଅର୍ଥାତ ପାରଦରେ ଏହା ପ୍ରସ୍ତୁତ।

# ସାମସଙ୍ଗ ଗାଲାକ୍ସି ଏସ୍-୨୬ ସିରିଜ୍ ଗୋପନୀୟତାର ଏକ ନୂତନ ଯୁଗର ବାର୍ତ୍ତା ପ୍ରଦାନ କରେ, Agentic AI: JB ପାର୍କ

ଗୁରୁଗ୍ରାମ: ସାମସଙ୍ଗ ଏହାର ନୂତନତମ ଫ୍ଲାଗସିପ୍, ଏବକ୍ଷବଙ୍ଗ ୫୨୬ ଅଲ୍ଟ୍ରାକୁ ଉନ୍ମୋଚନ କରିଛି ଏବଂ ସ୍ମାର୍ଟଫୋନରେ ନୂତନ ଗୋପନୀୟତା ପ୍ରଦର୍ଶନ ବୈଶିଷ୍ଟ୍ୟକୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସାର୍ବଜନୀନ ଆକର୍ଷଣ ମିଳିଛି।

Samsung ଦକ୍ଷିଣ-ପଶ୍ଚିମ ଏସିଆର ସଭାପତି ଏବଂ CEO JB ପାର୍କ କହିଛନ୍ତି ଯେ ଶିଳ୍ପ-ପ୍ରଥମ ବୈଶିଷ୍ଟ୍ୟ ସ୍ମାର୍ଟଫୋନ୍ ଶିଳ୍ପ ପାଇଁ ଗୋପନୀୟତାର ଏକ ନୂତନ ଯୁଗର ସୂତ୍ରପାତ କରେ।ଆମେ ବର୍ତ୍ତମାନ ଇଓ ଯୁଗରେ ଥିବାରୁ ଏବକ୍ଷବଙ୍ଗ ୫୨୬ ସିରିଜର ଗୋପନୀୟତାକୁ ଅପଗ୍ରେଡ୍ କରାଯାଇଛି। ତୃତୀୟ-ପକ୍ଷ ଫିଲ୍ଟର ପରି ନୁହେଁ, ପ୍ରାଇଭେସି ଡିସପ୍ଲେ ସିଧାସଳଖ ଡିସପ୍ଲେରେ ସଂଯୁକ୍ତ ହୋଇଛି, ଯାହା ପାର୍ଶ୍ୱ କୋଣରୁ ଦୃଶ୍ୟମାନତାକୁ ସୀମିତ କରିବା ସହିତ ଦୈନନ୍ଦିନ ବ୍ୟବହାରରେ ଦେଖିବା ଅଭିଜ୍ଞତାକୁ ସଂରକ୍ଷଣ କରିଥାଏ। 'ଉପଯୋଗକର୍ତ୍ତାମାନେ ସ୍କ୍ରିନର ନିର୍ଦ୍ଦିଷ୍ଟ ଅଂଶରେ ଗୋପନୀୟତାକୁ ସୀମିତ କରିପାରିବେ କିମ୍ବା ଏହା ସକ୍ରିୟ ହେବା ସମୟରେ କଷ୍ଟମାଇଜ୍ କରିପାରିବେ, ଯାହା ଦ୍ୱାରା ଗୁପ୍ତ ସୁରକ୍ଷା ସହଜ ଏବଂ ସହଜ ଅନୁଭବ ହୋଇପାରିବ,' ସେ କହିଛନ୍ତି। ସାମସଙ୍ଗ ଗାଲାକ୍ସି ଏସ୍-୨୬ ସିରିଜ୍ ବ୍ୟକ୍ତିଗତ ପ୍ରସଙ୍ଗ ପ୍ରକ୍ରିୟାକରଣ ସହିତ ଡିଭାଇସ୍ ?ରେ ଗୋପନୀୟତାକୁ ମଧ୍ୟ ବୃଦ୍ଧି କରେ ଯାହା ନିଶ୍ଚିତ କରେ ଯେ ସମ୍ବେଦନଶୀଳ ଡାଟା କେବେବି ଡିଭାଇସ୍ ?ରୁ ବାହାରି ନଯାଏ। ୫୨୬ ସିରିଜ୍ ଇଓ ଏଜେଣ୍ଟମାନଙ୍କର ଏକ ଆରେ ପ୍ରଦାନ କରେ, ବ୍ୟବହାରକାରୀମାନେ ସେମାନଙ୍କର ବ୍ୟକ୍ତିଗତ ସୂଚନା କିପରି ଏବଂ କେବେ ଅଂଶୀଦାର କରାଯାଏ ତାହା ନିୟନ୍ତ୍ରଣରେ ରହନ୍ତି, ସେମାନଙ୍କ ଡାଟା ଉପରେ ପୂର୍ଣ୍ଣ ସ୍ୱାୟତ୍ତତା ବଜାୟ ରଖନ୍ତି। 'ସାମସଙ୍ଗ ଆପ୍ସ (ସାମସଙ୍ଗ ନୋଟ୍, କ୍ୟାଲେଣ୍ଡର, ଗ୍ୟାଲେରୀ, ରିମାଇଣ୍ଡର୍ ଏବଂ ଘଣ୍ଟା ସମେତ) ମାଧ୍ୟମରେ ଅଂଶୀଦାର ଇଓ ଏଜେଣ୍ଟମାନଙ୍କ ସହିତ ଯୋଗାଯୋଗ କରିବା ସମୟରେ ମଧ୍ୟ, ବ୍ୟବହାରକାରୀମାନେ ନିୟନ୍ତ୍ରଣ କରିପାରିବେ ଯେ ଅଂଶୀଦାର ମଡେଲଗୁଡ଼ିକୁ ତାଲିମ ଦେବା ପାଇଁ କିମ୍ବା ଟାର୍ଗେଟେଡ୍ ବିଜ୍ଞାପନ ପାଇଁ ପ୍ରୋଫାଇଲ୍ ବ୍ୟବହାରକାରୀଙ୍କୁ ଡାଟା ଅଂଶୀଦାର କରାଯାଇଛି କି ନାହିଁ,' ପାର୍କ କହିଛନ୍ତି।

ଅତିରିକ୍ତ ଭାବରେ, ଗୋପନୀୟତା ଆଲର୍ଟଗୁଡ଼ିକ ଯେତେବେଳେ ଆପ୍ସ ଡିଭାଇସ୍ ଆଡମିନ୍ ନିୟନ୍ତ୍ରଣ କିମ୍ବା ସମ୍ବେଦନଶୀଳ ଡାଟା, ଯେପରିକି ସଠିକ୍ ସ୍ଥାନ, କଲ୍ ଲଗ୍ କିମ୍ବା ଯୋଗାଯୋଗଗୁଡ଼ିକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି ସେତେବେଳେ ଉପଯୋଗକର୍ତ୍ତାମାନଙ୍କୁ ସକ୍ରିୟ ଭାବରେ ସୂଚିତ କରିବା ପାଇଁ ବୁଦ୍ଧିମାନ ମନିଟରିଂ ବ୍ୟବହାର କରେ, ଯାହା ଉପଯୋଗକର୍ତ୍ତାମାନଙ୍କୁ ଅଧିକ ସ୍ୱଷ୍ଟତା ଏବଂ ନିୟନ୍ତ୍ରଣ ସହିତ ସୁରକ୍ଷା ଅନୁମତି ପରିଚାଳନା କରିବାରେ ସାହାଯ୍ୟ କରେ।

# ଓବେନ ଇଲେକ୍ଟ୍ରିକ ମୋଟରସାଇକେଲ ଉପରେ ବଢୁଛି ଗ୍ରାହକଙ୍କ ଭରସା



ଭୁବନେଶ୍ୱର : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ତଥା ଆରଆଣ୍ଡଡି ଭିତ୍ତିକ ଇଲେକ୍ଟ୍ରିକ୍ ମୋଟରସାଇକେଲ ନିର୍ମାତା, 'ଓବେନ ଇଲେକ୍ଟ୍ରିକ୍' ପକ୍ଷରୁ ଘୋଷଣା କରାଯାଇଛି ଯେ କମ୍ପାନୀର ଜାତୀୟ ସ୍ତରରେ ଶୁଭାରମ୍ଭ ହେବାର ଦୁଇ ବର୍ଷ ମଧ୍ୟରେ ଓବେନ ମୋଟରସାଇକେଲର ଚାଳକମାନେ ଭାରତୀୟ ରାସ୍ତାରେ ମିଳିତ ଭାବେ ୩.୨ କୋଟିରୁ ଅଧିକ କିଲୋମିଟର ଦୂରତା ଅତିକ୍ରମ କରିଛନ୍ତି। ଏହା ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଦୈନନ୍ଦିନ ଯାତାୟାତ ପାଇଁ ଗ୍ରାହକମାନେ ସେମାନଙ୍କର ପ୍ରାଥମିକ ପସନ୍ଦର ଯାନ ଭାବରେ ଓବେନ ମୋଟରସାଇକେଲ ଉପରେ କିପରି ଅଧିକରୁ ଅଧିକ ନିର୍ଭର କରୁଛନ୍ତି। ୨୦୨୪ ମସିହା ପ୍ରାରମ୍ଭରୁ ବିଭିନ୍ନ ବଜାରରୁ ସଂଗୃହିତ ଯାନବାହନ ତଥ୍ୟ ଅନୁଯାୟୀ, ଏହି ସମୁଦାୟ ଦୂରତା ବିଭିନ୍ନ ସହରରେ ଚାଳକମାନଙ୍କ ଦ୍ୱାରା କମ୍ପାନୀର ରୋର୍ ପୋର୍ଟଫୋଲିଓ ଯେପରିକି ରୋର, ରୋର ଇଜେଡ ଏବଂ ରୋର ଇଜେଡ ସିଗମାର ନିରନ୍ତର ଦୈନନ୍ଦିନ ବ୍ୟବହାରକୁ ପ୍ରତିଫଳିତ କରୁଛି, ଯାହା ବିଭିନ୍ନ ଟ୍ରାଫିକ୍ ପରିବେଶ, ଭୂ-ପ୍ରକୃତି ଏବଂ ଜଳବାୟୁ ପରିସ୍ଥିତି ଦେଇ ଗତି କରିଛି। ଅତିକ୍ରମ କରାଯାଇଥିବା ସମୁଦାୟ ଦୂରତାର ଏକ ପ୍ରମୁଖ ଅଂଶ କର୍ଣ୍ଣାଟକ, ଉତରପ୍ରଦେଶ ଏବଂ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରୁ ଆସିଛି, ଯାହା ପ୍ରମୁଖ ସହରାଂଚଳ ବଜାରଗୁଡ଼ିକରେ ଏହାର ଦୃଢ଼ ଲୋକପ୍ରିୟତାକୁ ଉଜାଗର କରିବା ସହିତ ଦୈନନ୍ଦିନ ସହରୀ ଯାତାୟାତରେ ଓବେନ ମୋଟରସାଇକେଲର ଭୂମିକାକୁ ଆହୁରି ସୁଦୃଢ଼ କରୁଛି। ଏହି ପରିବର୍ତ୍ତନ ଚାଳକମାନଙ୍କ ପାଇଁ ବାସ୍ତବିକ ଆର୍ଥିକ ଲାଭ ମଧ୍ୟ ଆଣିଦେଇଛି। ମିଳିତ ଭାବରେ ଗ୍ରାହକମାନେ ପେଟ୍ରୋଲ ଖର୍ଚ୍ଚ ବାବଦରେ ୮ କୋଟି ଟଙ୍କା ସଂଚୟ କରିଛନ୍ତି ଏବଂ ଏଥି ସହିତ ଆନୁମାନିକ ୩୮୫ ମେଟ୍ରିକ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେଇଛନ୍ତି। ଏହି ମାଇଲଖୁଂଟ ଉପରେ ମତ ରଖି ଓବେନ ଇଲେକ୍ଟ୍ରିକର ପ୍ରତିଷ୍ଠାତା ତଥା ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି, "ବିଭିନ୍ନ ସହର ଏବଂ ରାସ୍ତା ପରିସ୍ଥିତିରେ ଓବେନ ମୋଟରସାଇକେଲରେ ଚାଳକମାନେ ୩.୨ କୋଟି କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିବା ଏକ ସ୍ପଷ୍ଟ ପ୍ରମାଣ ଯେ ଗ୍ରାହକମାନେ କିପରି ଏହି ମୋଟରସାଇକେଲଗୁଡ଼ିକୁ ସେମାନଙ୍କର ଦୈନନ୍ଦିନ ଯାତାୟାତରେ ସାମିଲ କରୁଛନ୍ତି। ଭାରତୀୟମାନଙ୍କର ବାସ୍ତବିକ ଦୈନନ୍ଦିନ ଯାତାୟାତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉତ୍ପାଦଗୁଡ଼ିକୁ ତିଆରି କରିବା ପ୍ରତି ଆମର ଲକ୍ଷ୍ୟକୁ ଏହା ଆହୁରି ସୁଦୃଢ଼ କରୁଛି।"ଏହି ସଫଳତାରେ କମ୍ପାନୀର ସମର୍ପିତ ଆଫ୍ଟର ସେଲ ସେବା ଓବେନ କେୟାରର ମଧ୍ୟ ଯୋଗଦାନ ରହିଛି। କ୍ୟାଲେଣ୍ଡର ବର୍ଷ ୨୦୨୫ରେ, କମ୍ପାନୀ ୩୭୬% ବାର୍ଷିକ ଅଭିବୃଦ୍ଧି ରେକର୍ଡ କରିଛି, ଯାହା ବଜାରରେ ଏହାର ବୃଦ୍ଧି ପାଉଥିବା ଉପସ୍ଥିତି ଏବଂ ଗ୍ରାହକମାନଙ୍କର ବଢୁଥିବା ଗ୍ରହଣୀୟତା ଦ୍ୱାରା ସମ୍ଭବ ହୋଇପାରିଛି। ସମଗ୍ର ଭାରତରେ କମ୍ପାନୀ ନିଜର ରିଟେଲ୍ ଉପସ୍ଥିତିକୁ ସୁଦୃଢ଼ କରିବା ଜାରି ରଖିଛି ଏବଂ ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହା ୫୦୦ ଟି ଶୋ'ରୁମ୍ ଖୋଲିବାକୁ ଯୋଜନା ରଖିଛି। ଏହି ଅଭିବୃଦ୍ଧିର ମୂଳରେ ରହିଛି ଓବେନ ଇଲେକ୍ଟ୍ରିକର ସମନ୍ୱିତ ଉତ୍ପାଦନ ମଡେଲ। କମ୍ପାନୀ ବେଙ୍ଗାଲୁରୁ ସ୍ଥିତ ଏହାର ୩.୫ ଏକର ବିଶିଷ୍ଟ ଉତ୍ପାଦନ କେନ୍ଦ୍ରରେ ନିଜସ୍ୱ ଏଲଏଫପି ବ୍ୟାଟେରୀ ସିଷ୍ଟମ୍, ମୋଟର, ଭେହିକିଲ୍ କଂଟ୍ରୋଲ୍ ୟୁନିଟ୍ ଏବଂ ଫାଷ୍ଟ ଚାର୍ଜର ସମେତ ଅତ୍ୟାବଶ୍ୟକ ଇଭି ଯନ୍ତ୍ରାଂଶଗୁଡ଼ିକୁ ନିଜସ୍ୱ ପ୍ରଣାଳୀରେ ଡିଜାଇନ୍ ଏବଂ ବିକଶିତ କରୁଛି। ୫୦ ରୁ ଅଧିକ ଗୁଣବତା ଯାଂଚ ପ୍ରକ୍ରିୟା ଏବଂ ୯୫ ପ୍ରତିଶତ ଷ୍ଟ୍ରେଟ୍ ପାସ୍ ଅନୁପାତ ଦ୍ୱାରା ସମର୍ଥିତ ଏକ 'ଜିରୋ-ଡିଫେକ୍ଟ' ଉତ୍ପାଦନ ଢାଂଚା ଅଧୀନରେ ପରିଚାଳିତ ହେଉଥିବା ଏହି କାରଖାନା, ବିଭିନ୍ନ ବଜାରରେ ଉତ୍ପାଦଗୁଡ଼ିକର ନିରନ୍ତର ନିର୍ଭରଯୋଗ୍ୟତା ସୁନିଶ୍ଚିତ କରୁଛି।

# ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ: ଏହି ଜଳନିରୋଧୀ ଚମ୍ପିଆନ୍ ସମୟର କଷଟି ପଥରରେ ଅଟଳ ରହିଛି




ନୂଆଦିଲ୍ଲୀ : ଭାରତୀୟ ବାସଗୃହଗୁଡିକ ଦୁଇଟି କଷ୍ଟକର ଋତୁକୁ ପ୍ରତିବର୍ଷ ସାମ୍ନା କରନ୍ତି, ତାହା ହେଉଛି ଜୋର୍‌ଦାର ମୌସୁମୀ ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ଉତ୍ତାପ। ତଥାପି ଅନେକ ବାସଗୃହମାଲିକ ସାମୟିକ ସମାଧାନ ଏବଂ ଭରସାଯୋଗ୍ୟ ହୋଇନଥିବା ୱାଟରପ୍ରୁଫିଙ୍ଗ ସମାଧାନଗୁଡିକ ଉପରେ ସେମାନଙ୍କ ଟେରାସ୍ ଏବଂ ଛାତକୁ ସୁରକ୍ଷା ଦେବା ନିମନ୍ତେ ଭରସା କରିଥାନ୍ତି। ଏହାର ଅଧୁନାତମ ପ୍ରଚାର ଅଭିଯାନ ସହିତ ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଦୃଷ୍ଟିନିବଦ୍ଧ କରୁଛି: ତାହା ହେଉଛି ସମସ୍ତ ୱାଟରପ୍ରଫିଙ୍ଗ ସମାନ ନୁହେଁ। ୧୩ବର୍ଷରୁ ଅଧିକ କାଳ ଧରି ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ବାସଗୃହ ମାଲିକମାନଙ୍କୁ ସେମାନଙ୍କ ବାସଗୃହଗୁଡିକୁ ପାଣି ଝରିବା ଏବଂ ପ୍ରତିକୂଳ ପାଗ ପରିସ୍ଥିତିରେ ସୁରକ୍ଷା ଦେବାରେ ସହାୟତା କରିଆସୁଛି। ଏହି ସମାଧାନ ଏକ ମୋଟା ୱାଟର ପ୍ରୁଫିଙ୍ଗ୍ ଆସ୍ତରଣ ସୃଷ୍ଟି କରିଥାଏ ଯାହା କାନ୍ଥରେ ଭେଦ କରିବାକୁ ରୋକିଥାଏ ଏବଂ ଭାରତର ପ୍ରତିକୂଳ ଜଳବାୟୁରେ ଦୀର୍ଘସ୍ଥାୟୀ ସୁରକ୍ଷା ପ୍ରଦାନ କରିଥାଏ। ବ୍ରାଣ୍ଡ୍‌ର ସଦ୍ୟତମ ଚଳଚ୍ଚିତ୍ରରେ ରଣବୀର କପୁର ଏବଂ ସୌରଭ ଶୁକ୍ଳା ସ୍ଥାନ ପାଇଥିବାବେଳେ ଏହା ବୁଦ୍ଧିମାନ, ମଜାଦାର ତଥା ତୀବ୍ର ବାକ୍ୟ ବିନିମୟ ହେଉଥିବା ଜୀବନ୍ତ କାହାଣୀ ବର୍ଣ୍ଣନା କରୁଛି। ବାସଗୃହ ମାଲିକମାନଙ୍କର ଦୈନନ୍ଦିନ ଚିନ୍ତାରୁ ସୃଷ୍ଟି ଏହି ଚଳଚ୍ଚିତ୍ର ମୌସୁବୀ ଋତୁରେ ଟେରାସ୍‌ରୁ ପାଣି ଝରିବା ଠାରୁ ନେଇ ଖୋଲା ଛାତର ତାପମାତ୍ରା ପର୍ଯ୍ୟନ୍ତ ସାଧାରଣ ସମସ୍ୟାଗୁଡିକୁ ଧରି ରଖିଛି ଏବଂ ସେଗୁଡିକୁ ଏକ ନିୟୋଜନକାରୀ ତଥା ଆମୋଦକାରୀ କଥୋପକଥନରେ ପରିବର୍ତ୍ତିତ କରୁଛି। ଟେରାସ୍‌ରୁ ପାଣି ଝରିବା ରୋକିବା ଊର୍ଦ୍ଧ୍ୱରେ ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍‌ରେ ମଧ୍ୟ ଉନ୍ନତ ତାପମାତ୍ରା ପ୍ରତିଫଳନକାରୀ କୋଟିଂ ରହିଛି, ଯାହା ପୃଷ୍ଠଭାଗ ତାପମାତ୍ରାକୁ ୧୦ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ହ୍ରାସ କରୁଛି। ଏହାଦ୍ୱାରା ବାସଗୃହଗୁଡିକୁ ଗ୍ରୀଷ୍ମ ଋତୁର ଶୀର୍ଷ ସମୟରେ ତୁଳନାତ୍ମକ ଭାବରେ ଥଣ୍ଡା ରଖୁଛି। ଏହି ପ୍ରଚାର ଅଭିଯାନ ସହିତ ଏସିଆନ୍ ପେଣ୍ଟ୍ସ୍ ସମଗ୍ର ଦେଶରେ ବାସଗୃହ ମାଲିକମାନଙ୍କ ଦ୍ୱାରା ବିଶ୍ୱାସଭାଜନ ହୋଇଥିବା ୱାଟରପ୍ରୁଫିଙ୍ଗର ବାସ୍ତବ ସମାଧାନ ଭାବରେ ଡ୍ୟାମ୍ପ ପ୍ରୁଫ୍‌କୁ ଏକ ଭରସାଯୋଗ୍ୟ ସୁରକ୍ଷାକାରୀ ଭାବରେ ଏହାର ଦୀର୍ଘକାଳୀନ ପ୍ରତିଶ୍ରୁତି ଆକାରରେ ପୁନଃ ଫେରାଇ ଆଣିଛି। କାରଣ ଯେତେବେଳେ ଆପଣଙ୍କ ବାସଗୃହକୁ ସୁରକ୍ଷା ଦେବା କଥା ଆସେ, ସେତେବେଳେ "ହର୍ ୱାଟରପ୍ରୁଫିଙ୍ଗ ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ନେହି ହୋତି।"

ଅମିତ ସିଙ୍ଗ୍‌ଲେ, ଏମ୍‌ଡି ଓ ସିଇଓ, ଏସିଆନ୍ ପେଣ୍ଟ୍ସ୍ କହିଥିଲେ, "ଭାରତୀୟ ବାସଗୃହଗୁଡିକ ଜୋର୍‌ଦାର ବର୍ଷା ହେଉଥିବା ମୌସୁମୀଠାରୁ ନେଇ ଅତ୍ୟନ୍ତ ଉତ୍ତପ୍ତ ଗ୍ରୀଷ୍ମ ପର୍ଯ୍ୟନ୍ତ ମାତ୍ରାଧିକ ପାଣିପାଗ ପରିସ୍ଥିତିକୁ ସାମ୍ନା କରିଥାଏ ଏବଂ ଟେରାସଗୁଡିକ ଅନେକ ସମୟରେ ବାସଗୃହଗୁଡିକର ସବୁଠାରୁ ପଦାକୁ ଦେଖାଯାଉଥିବା ଅଂଶ ହୋଇଥାଏ। ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ପାଣି ଝରିବା ବନ୍ଦ କରିବାର ବହୁ ଊର୍ଦ୍ଧ୍ୱକୁ ଯାଇ ତାପମାତ୍ରା ହ୍ରାସ କରିବାରେ ସହାୟକ ହେବାରେ ସର୍ବାଧିକ ଭରସାଯୋଗ୍ୟ ଏବଂ ଦୀର୍ଘକାଳୀନ ୱାଟରପ୍ରୁଫିଙ୍ଗ୍ ପ୍ରଦାନ କରିଥାଏ। ଏହାର ଉନ୍ନତ ତାପ-ପ୍ରତିଫଳନକାରୀ କୋଟିଂ ଆସ୍ତରଣ ପୃଷ୍ଠଭାଗର ତାପମାତ୍ରାରକୁ ୧୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ହ୍ରାସ କରିଥାଏ ଏବଂ ୧୦ବର୍ଷର ୱାଟର ପ୍ରୁଫିଙ୍ଗ ୱାରାଣ୍ଟି ସହିତ ଏହା ବାସଗୃହଗୁଡିକୁ ବର୍ଷତମାମ ସୁରକ୍ଷିତ ଓ ଆରାମଦାୟକ ରଖିବାରେ ସହାୟକ ହେଉଛି। ଏହି ପ୍ରଚାର ଅଭିଯାନ ଏହି ସମସ୍ତ ମୁଖ୍ୟ ଫାଇଦାଗୁଡିକୁ ଏକ ନିୟୋଜନକାରୀ ଉପାୟରେ ଉପସ୍ଥାପନ କରୁଛି। ଭାରତରେ କାହାଣୀ କଥନର ଏକ ଲୋକପ୍ରିୟ ଢାଞ୍ଚା "କୱାଲି"କୁ ବ୍ୟବହାର କରି ଆମେ ଏକ ବୈଷୟିକ ବିଷୟକୁ ଏକ ମଜାଦାର କଥୋପକଥନରେ ପରିଣତ କରିପାରିଛୁ, ଏବଂ ଗ୍ରାହକମାନଙ୍କୁ ମାମୁଲି ୱାଟରପ୍ରୁଫିଙ୍ଗ ଏବଂ ପ୍ରକୃତ ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ୱାଟରପ୍ରୁଫିଙ୍ଗ ମଧ୍ୟରେ ପାର୍ଥକ୍ୟ ସହଜରେ ବୁଝିବାରେ ସହାୟତା କରୁଛୁ। ରଣବୀର କପୁର ଏହି ଯୋଗାଯୋଗକାରୀ ବ୍ୟବସ୍ଥାର ଅଗ୍ରଣୀ ସ୍ଥାନରେ ଥିବାବେଳେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସର୍ବସମ୍ମୁଖକୁ ଆଣୁଛୁ, ତାହା ହେଉଛି: ହର୍ ୱାଟରପ୍ରୁଫିଙ୍ଗ "ଡ୍ୟାମ୍ପ ପ୍ରୁଫ୍" ନେହି ହୋତି- ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ହେଉଛି ବାସ୍ତବ ୱାଟରପ୍ରୁଫିଙ୍ଗ ଚମ୍ପିଆନ୍, ଯାହା ଭାରତୀୟ ବାସଗୃହଗୁଡିକ ନିମନ୍ତେ ନିର୍ଭରଯୋଗ୍ୟ ପ୍ରଦର୍ଶନ ଏବଂ ବର୍ଦ୍ଧିତ ବସବାସକାରୀ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରୁଛି। ଏହି ପ୍ରଚାର ଅଭିଯାନ ସମସ୍ତ ଟେଲିଭିଜନ, ଡିଜିଟାଲ, ଓଟିଟି, ସୋସିଆଲ ପ୍ଲାଟଫର୍ମ ଏବଂ ସିନେମା ପରଦାଗୁଡିକରେ ପ୍ରଦର୍ଶିତ ହେବ ଏବଂ କ୍ରିକେଟ ମ୍ୟାଚଗୁଡିକ ସମୟରେ ଏହାର ମଜଭୁତ ଦୃଶ୍ୟମାନତା ରହିବ।

# ଭାରତରେ ନୂଆ ରେନୋ ଡଷ୍ଟର୍‌ର ଶୁଭାରମ୍ଭ; ପ୍ରାରମ୍ଭିକ ମୂଲ୍ୟ ୧୦.୪୯ ଲକ୍ଷ ଟଙ୍କା, ଦେଶବ୍ୟାପୀ ଡେଲିଭରି ଆରମ୍ଭ

ଭୁବନେଶ୍ୱର: ଫ୍ରାନ୍ସର କାର୍ ନିର୍ମାତା ରେନୋ ଗ୍ରୁପ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ରେନୋ ଇଣ୍ଡିଆ ପକ୍ଷରୁ ରେନୋ ଡଷ୍ଟର ଉନ୍ମୋଚନ କରାଯାଇଛି। ଏହାର ଟର୍ବୋ ପେଟ୍ରୋଲ୍ ମଡେଲ୍‌ର ଦିଲ୍ଲୀ ଏକ୍ସସୋରୁମ୍ ଦାମ୍ ୧୦.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଦେଶବ୍ୟାପୀ ଏହାର ଡେଲିଭରି ଜାରି ରହିଛି। ରେନୋ ଗ୍ରୁପ୍ ମଡ୍ୟୁଲାର ପ୍ଲାଟଫର୍ମ ଉପରେ ଗଠନ କରାଯାଇଥିବା ନୂଆ ରେନୋ ଡଷ୍ଟର୍‌କୁ ଢ଼ାଂଚାଗତ ଦୃଢ଼ତା, ଦକ୍ଷତା ଓ ଭବିଷ୍ୟତ ପ୍ରସ୍ତୁତି ଅନୁସାରେ ବିକଶିତ କରାଯାଇଛି। ନୂଆ ରେନୋ ଡଷ୍ଟରରେ ଦୃଢ଼ ପ୍ରଦର୍ଶନ ସହିତ ଶ୍ରେଷ୍ଠ ଗାଡ଼ିଚାଳନା ଓ ପରିଚାଳନାର ମିଶ୍ରଣ ରହିଛି। ଏହାକୁ ଭାରତୀୟ ସଡ଼କ ପରିସ୍ଥିତି ଅନୁସାରେ ଇଞ୍ଜିନିୟରିଂ ଓ ପରୀକ୍ଷଣ କରାଯାଇଛି। ଏହାର ଟର୍ବୋ ଟିସିଇ ୧୬୦ ମଡେଲ୍ ୧୬୩ ପିଏସ୍ ଓ ୨୮୦ ଏନଏମ୍ ପ୍ରଦାନ କରୁଛି ଓ ସେଥିରେ ୬ ସ୍ପିଡ୍ ୱେଟ୍-କ୍ଲଚ୍ ଡିସିଟି ରହିଛି ଯାହାକୁ ଭାରତୀୟ ସଡ଼କ ପାଇଁ ପ୍ରସ୍ତୁତ କରାଯାଇଛି କିମ୍ବା ୬-ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିସନ ରହିଛି। ଗାଡ଼ିର ଡାଇନାମିକ୍‌କୁ ଆଇଡିଆଇଏଡିଏ ଦ୍ୱାରା ପ୍ରମାଣୀକରଣ କରାଯାଇଛି। ଡ୍ରାଇଭରଙ୍କୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା କକ୍‌ପିଟ୍‌ରେ ବାହାର ଦୃଶ୍ୟ ଭଲ ଭାବେ ଦେଖାଯାଉଥିବା ବେଳେ ଆରାମଦାୟକ ସିଟ୍ ସହିତ ଗୁଗୁଲ୍ ଅଟୋମୋଟିଭ୍ ସେବା ରହିଛି ଯାହା ଜରିଆରେ ଗୁଗଲ୍ ମ୍ୟାପ୍‌ସ, ଗୁଗଲ୍ ଆସିଷ୍ଟାଂଟ୍ ଓ ଗୁଗଲ୍ ପ୍ଲେ ହାସଲ କରାଯାଇପାରିବ। ନୂଆ ରେନୋ ଡଷ୍ଟର ୫ଟି ଟ୍ରିମ୍ ଯଥା ଅଥେଟିଂକ୍, ଇଭଲ୍ୟୁସନ, ଟେକ୍ନୋ, ଟେକ୍ନୋ+ ଓ ଆଇକନିକ୍‌ରେ ଉପଲବ୍ଧ ହୋଇଛି। ଏହାର ଅନ୍ୟାନ୍ୟ ସୁବିଧାଗୁଡ଼ିକ ହେଉଛି ସମ୍ପୂର୍ଣ୍ଣ ଏଲ୍‌ଇଡି ଲାଇଟ୍, ଓପନ୍‌ଆର୍ ଲିଙ୍କ୍ ମଲ୍ଟିମିଡିଆ, ପାନୋରାମିକ ସନ୍‌ରୁଫ୍, ଇଲେକ୍ଟ୍ରିକ୍ ଟେଲ୍‌ଗେଟ୍, ସାମ୍ନାରେ ଭେଂଟିଲେଟେଡ୍ ସିଟ୍, ଡୁଆଲ୍ ଜୋନ୍ ଜଳବାୟୁ ନିୟନ୍ତ୍ରଣ, ୧୭ ଏଡିଏସ୍ ଫିଚର୍ସ ଓ ୩୬୦ ଡିଗ୍ରି କ୍ୟାମେରା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଟର୍ବୋ ଟିସିଇ ୧୬୦ ର ପ୍ରବଳ ଚାହିଦା ଦେଖିବାକୁ ମିଳିଛି, ଯାହାକି ବିଭିନ୍ନ ବଜାରରେ ହୋଇଥିବା ମୋଟ ପେଟ୍ରୋଲ୍ ବୁକିଂର ୯୦% ରୁ ଅଧିକ ଅଟେ। ଆର-ପାସ ପ୍ରି-ବୁକିଂ ପ୍ରୋଗ୍ରାମ ମାଧ୍ୟମରେ ଗ୍ରାହକମାନେ ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ୧୦.୨୯ ଲକ୍ଷ ର ଏକ ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ଏହାକୁ ପାଇପାରିବେ। ଏହା ସହିତ ରେନୋ ନମନୀୟ ସବସ୍କ୍ରିପସନ ବିକଳ୍ପ ଏବଂ ଅଧିକୃତ ସେବା କେନ୍ଦ୍ରଗୁଡ଼ିକରେ ନିର୍ଦ୍ଧାରିତ ରକ୍ଷଣାବେକ୍ଷଣ କରୁଥିବା ଗ୍ରାହକମାନଙ୍କ ପାଇଁ ୭ ବର୍ଷର ରେନୋ ଫରେଭର୍ ୱାରେଣ୍ଟି ମଧ୍ୟ ପ୍ରଦାନ କରୁଛି।ରେନୋ ଇଣ୍ଡିଆର ବିକ୍ରି ଓ ମାର୍କେଟିଂ ଉପାଧ୍ୟକ୍ଷ ଫ୍ରାନ୍‌ସିସ୍କୋ ହିଡାଲ୍‌ଗୋ କହିଛନ୍ତି ଯେ, "ନୂତନ ରେନୋ ଡଷ୍ଟର ଆଜିର ଭାରତୀୟ ଗ୍ରାହକମାନେ ଯାହା ଆଶା କରନ୍ତି ତାହାକୁ




ହିଁ ଦର୍ଶାଏ: ଦମଦାର ପ୍ରଦର୍ଶନ, ପ୍ରକୃତ ସ୍ଥାୟୀତ୍ୱ ଏବଂ ଦୈନନ୍ଦିନ ବ୍ୟବହାରର ଉପଯୋଗିତା। ଟର୍ବୋ ଟିସିଇ ୧୬୦ ରୁ ୧୬୩ ପିଏସ୍ ଶକ୍ତି ଏବଂ ଉନ୍ନତ ଆରଜିଏମପି ପ୍ଲାଟଫର୍ମ ସହିତ, ଏହା ଗାଡ଼ି ଚାଳନା, ନିୟନ୍ତ୍ରଣ ଏବଂ ମଜବୁତ କ୍ଷମତାରେ ପ୍ରକୃତ ଉନ୍ନତି ପ୍ରଦାନ କରେ। ସବସ୍କ୍ରିପସନ ଭଳି ନମନୀୟ ମାଲିକାନା ବିକଳ୍ପ ଏବଂ ୭ ବର୍ଷର ଗ୍ୟାରେଣ୍ଟି ସହିତ, ଏହି ଏସୟୁଭି ଟି ଭାରତୀୟମାନେ ପ୍ରକୃତରେ କିପରି ଗାଡ଼ି ଚଳାନ୍ତି, ତାହାକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଛି। ଏହାର ଇ-ଟେକ୍ ଷ୍ଟ୍ରଙ୍ଗ ହାଇବ୍ରିଡ୍ ମଡେଲ୍‌ରେ ୧.୮ ଲିଟର ଇଂଜିନ ଓ ୧.୪ କେଡବ୍ଲୁଏଚ୍‌ର ବ୍ୟାଟେରି ରହିଛି ଯାହା ସହରରେ ୮୦% ପର୍ଯ୍ୟନ୍ତ ଇଭି ଗାଡ଼ିଚାଳନା ପ୍ରଦାନ କରୁଛି। ପ୍ରମୁଖ ମେଟ୍ରୋ ବଜାରରେ ୪୦ ପ୍ରତିଶତ ଗ୍ରାହକ ହାଇବ୍ରିଡ୍‌ର ପ୍ରି-ବୁକିଂ କରୁଛନ୍ତି। ରେନୋ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ୨୦୨୬ ପାଇଁ ଯୋଜନା ଥିବା ହାଇବ୍ରିଡ୍‌ର ବୁକିଂ ସମ୍ପୂର୍ଣ୍ଣ ଆବଂଟିତ ହୋଇଛି ଏବଂ ଦୀପାବଳି ବେଳକୁ ପୁଣି ଥରେ ବୁକିଂ ଖୋଲାଯିବ।

# ବିପର୍ଯ୍ୟୟ ପ୍ରଶମନ ଏବଂ ଅଗ୍ନି ନିର୍ବାପକ ଡ୍ରିଲ ଅନୁଷ୍ଠିତ



ବାରିପଦା: ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରଶମନ ଏବଂ ଅଗ୍ନି ନିର୍ବାପକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି. ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରଙ୍କ ଦ୍ୱାରା ଗଠିତ ଓଡିଶା ଷ୍ଟେଟ ଡିଜାଷ୍ଟର ମେନେଜମେଣ୍ଟ ଅଥରିଟି, ବାରିପଦା ଅଗ୍ନିଶମ ବିଭାଗ ଏବଂ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପଦ କାଳୀନ ଅଧିକାରୀ ଜଗବନ୍ଧୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଯଥା ବଜ୍ରପାତ, ସର୍ପ ଦଂଶନ, ଜଳ ବୁଡ଼ି, ବନ୍ୟା, ବାତ୍ୟା, ଅଗ୍ନି ଜନିତ ବିଭିନ୍ନ ସମସ୍ୟାରୁ କିପରି ରକ୍ଷା ପାଇବା ସେ ସମ୍ପର୍କରେ ଆଲୋଚନା କରିଥିଲେ. ସେହିପରି ବାରିପଦା ଥାନାର ସବ-ଇନିସ୍ପେକ୍ଟର ଉମା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ପ୍ରାକୃତିକ ହେଉ ବା ମନୁଷ୍ୟ କୃତ ପ୍ରତ୍ୟେକ ବିପର୍ଯ୍ୟୟକୁ ସାହାସ ଓ କୌଶଳର ସହ ସାମ୍ନା କରିପାରିଲେ ବହୁ ଧନ ଜୀବନ ରକ୍ଷା ହୋଇପାରିବ ବୋଲି କହିଥିଲେ. ବାରିପଦା ଅଗ୍ନିଶମ ବିଭାଗର ଅଧିକାରୀ ଗୁଣଧର ଜେନା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ବିପର୍ଯ୍ୟୟ ସମୟରେ ଏବଂ ପରେ କିପରି ନିଜକୁ ସୁରକ୍ଷିତ ରଖିହେବ ସେ ବିଷୟରେ ବୁଝାଇଥିଲେ. ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକ ସିଂହ ନିଜର ସଭାପତି ଅଭିଭାଷଣରେ ଛାତ୍ରୀମାନେ ଅଭିଜ୍ଞ ଓ କୌଶଳି ହୋଇପାରିଲେ ସମସ୍ତ ପ୍ରକାର ସମସ୍ୟାକୁ ସାମ୍ନା କରିପାରିବେ ବୋଲି କହିଥିଲେ. ଶେଷରେ ଅଗ୍ନିଶମ ବିଭାଗର ଏକ ଟିମ ଅଗ୍ନି ନିର୍ବାପକ ସମ୍ପର୍କରେ ବିଭିନ୍ନ କୌଶଳ ଛାତୀମାନଙ୍କୁ ଶିଖାଇ ଥିଲେ. ଯୁବ ରେଡ଼କ୍ରସର ପରାମର୍ଶ ଦାତା ପ୍ରଫେସର ତପସ୍ୱିନୀ ନାଏକ ଏବଂ ଜାତୀୟ ସେବା ଯୋଜନାର ସଂଯୋଜିକା ପ୍ରଫେସର ମନୀଷା ହେମ୍ବ୍ରମ ସଭା ପରିଚାଳନାରେ ସହଯୋଗ କରିଥିଲେ. ସହକାରୀ ପ୍ରଫେସର ଡ. ମନରଞ୍ଜନ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷକଙ୍କ ଆୟ ଓ ନିରାପତ୍ତା ଉଭୟର ଗ୍ୟାରେଣ୍ଟି: ଲୋକସଭାରେ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ମତ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ, ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଚାଷୀଙ୍କ ଆୟ ଏବଂ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ, ତମ୍ବାଖୁ ଭଳି କ୍ଷତିକାରକ ଫସଲ ବଦଳରେ ଅର୍ଥକରୀ ବିକଳ୍ପ ଫସଲକୁ ପ୍ରୋତ୍ସାହିତ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ରେ ଐତିହାସିକ କ୍ରୟ ସୁନିଶ୍ଚିତ କରିବା, ଫସଲ ବୀମା ଯୋଜନାରେ ବୈପ୍ଲବିକ ସଂସ୍କାର ଆଣିବା ଏବଂ ଏକ କଠୋର ତଦାରଖ ବ୍ୟବସ୍ଥା ସ୍ଥାପନ କରିବା ଭଳି ଅନେକ ପଦକ୍ଷେପ ନିଆଯାଇଛି। ଲୋକସଭାରେ ସାଂସଦମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଚୌହାନ କହିଛନ୍ତି ଯେ କେନ୍ଦ୍ର ସରକାର କେବଳ ଚାଷୀମାନଙ୍କୁ ତମ୍ବାଖୁ ଚାଷ ଛାଡିବାକୁ ଅନୁରୋଧ କରିନାହାଁନ୍ତି, ବରଂ ତମ୍ବାଖୁ ଚାଷ ବଦଳରେ ସକ୍ଷମ ଏବଂ ଲାଭଦାୟକ ବିକଳ୍ପ ଚିହ୍ନଟ କରିଛନ୍ତି। ଏହି ବିକଳ୍ପଗୁଡ଼ିକ ମଧ୍ୟରେ ହାଇବ୍ରିଡ୍ ମକା, ଲଙ୍କା, ମିଠା ଆଳୁ, କପା, ଆଳୁ, ଚିଆ, ଫିଡ୍ ବିନ୍ସ, ଝୁଡ଼ଙ୍ଗ, ମାଣ୍ଡିଆ, ହରଡ଼, ଆଖୁ, ସୋୟାବିନ୍, ଜବାର ଏବଂ ଚିନାବାଦାମ ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ଚାଷୀଙ୍କ ନଗଦ ଆୟ ସୁରକ୍ଷିତ ହୋଇପାରିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଅଧିକାଂଶ ଚାଷୀଙ୍କର ଛୋଟ ଚାଷଜମି ଅଛି, ଏବଂ ଏପରି ପରିସ୍ଥିତିରେ ଗୋଟିଏ ଫସଲ ଉପରେ ନିର୍ଭରଶୀଳତା ହିତକର ନୁହେଁ। ତେଣୁ, ସରକାର ସମନ୍ୱିତ କୃଷିର ଅନେକ ମଡେଲ ବିକଶିତ କରିଛନ୍ତି ଏବଂ ବିଭିନ୍ନ ରାଜ୍ୟରେ ଏହି ମଡେଲଗୁଡ଼ିକୁ ପ୍ରଦର୍ଶନ କରିବା ଆରମ୍ଭ କରିଛନ୍ତି। ଏହି ମଡେଲଗୁଡ଼ିକ ଅନୁଯାୟୀ, ଚାଷୀମାନେ ଶସ୍ୟ (ଗହମ ଏବଂ ଧାନ), ପନିପରିବା, ଫଳ ଚାଷ,



ପଶୁପାଳନ, ମତ୍ସ୍ୟପାଳନ, ମହୁମାଛି ପାଳନ, ଛେଳି ପାଳନ ଏବଂ କୃଷି-ବନୀକରଣ ଭଳି କାର୍ଯ୍ୟକଳାପର ମିଶ୍ରଣ ଗ୍ରହଣ କରିପାରିବେ। ଏହି କାର୍ଯ୍ୟକଳାପଗୁଡ଼ିକୁ ସମନ୍ୱିତ କରି, ଚାଷୀମାନେ ବର୍ଷସାରା ସ୍ଥିର ଏବଂ ଉଚ୍ଚ ଆୟ ସୁନିଶ୍ଚିତ କରିପାରିବେ।

ଶ୍ରୀ ଚୌହାନ କହିଛନ୍ତି ଯେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ, ଗହମ, ଧାନ, ଡାଲି ଏବଂ ତୈଳବୀଜ ସମେତ ସମସ୍ତ ପ୍ରମୁଖ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ଏବଂ ଚଳିତ ଋତୁରେ ଐତିହାସିକ ଏମଏସପିରେ କ୍ରୟ ଚାଲିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ବର୍ତ୍ତମାନର ସରକାର ହରଡ଼, ମସୁର ଏବଂ ବିରି ଭଳି ଡାଲି ପାଇଁ ବ୍ୟବସ୍ଥା କରିଛନ୍ତି ଯାହା ମାଧ୍ୟମରେ ଚାଷୀମାନେ ନିଜକୁ ପଞ୍ଜିକୃତ କରିବା ପରେ ଯେକୌଣସି ପରିମାଣର ଡାଲି ବିକ୍ରୟ ପାଇଁ ଆଣିପାରିବେ ଏବଂ ସରକାର ତାହାକୁ ସମ୍ପୂର୍ଣ୍ଣ ପରିମାଣର କ୍ରୟ କରିବାକୁ ପ୍ରତିବଦ୍ଧ। ସେ କହିଛନ୍ତି ଯେ ଏହା ଡାଲି ଚାଷ କରୁଥିବା ଚାଷୀମାନଙ୍କୁ ଏକ ବଡ଼ ପ୍ରୋତ୍ସାହନ ପ୍ରଦାନ କରିଛି।

କେନ୍ଦ୍ର କୃଷିମନ୍ତ୍ରୀ ଆହୁରି କହିଛନ୍ତି ଯେ ପୂର୍ବରୁ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କ୍ଷତିପୂରଣ ପାଇବା ପାଇଁ ମାସ ମାସ ଅପେକ୍ଷା କରିବାକୁ ପଡୁଥିଲା। ଏବେ, ସରକାର ନିୟମରେ ବ୍ୟାପକ ସଂଶୋଧନ କରିଛନ୍ତି, ଯାହା ଫସଲ କ୍ଷତି ଜଣେ ଚାଷୀଙ୍କୁ ପ୍ରଭାବିତ କଲେ ମଧ୍ୟ ବୀମା କମ୍ପାନୀଗୁଡ଼ିକୁ କ୍ଷତିପୂରଣ ଦେବାକୁ ବାଧ୍ୟତାମୂଳକ କରିଛି।

ସେ କହିଛନ୍ତି ଯେ ଫସଲ କ୍ଷତି ବିବରଣୀ ଉପଲବ୍ଧ ହେବା ପରେ, ଯଦି ୨୧ ଦିନ ମଧ୍ୟରେ ବୀମା ଦାବି ରାଶି ଚାଷୀଙ୍କ ଆକାଉଣ୍ଟରେ ଜମା ନହୁଏ, ତେବେ ବୀମା କମ୍ପାନୀ ଏବଂ ରାଜ୍ୟ ସରକାର ଉଭୟଙ୍କୁ ୧୨ ପ୍ରତିଶତ ସୁଧ ସହିତ ଦେବାକୁ ପଡିବ। ସେ କହିଛନ୍ତି ଯେ ଏହି ବ୍ୟବସ୍ଥା ନିଶ୍ଚିତ କରେ ଯେ ଚାଷୀମାନଙ୍କୁ ବିଳମ୍ବ ହେତୁ କଷ୍ଟ ଭୋଗିବାକୁ ପଡିବ ନାହିଁ ଏବଂ ସେମାନେ ଦ୍ୱିଗୁଣିତ ବୋଝରୁ ସୁରକ୍ଷିତ ରହିବେ। ଶ୍ରୀ ଚୌହାନ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ମୁଁ ଲାଞ୍ଚ ନେବି ନାହିଁ, ଏବଂ କାହାକୁ ନେବାକୁ ଦେବି ନାହିଁ' ସଂକଳ୍ପ ଅନୁଯାୟୀ, ଫସଲ ବୀମା କିମ୍ବା ଅନ୍ୟାନ୍ୟ ଯୋଜନାରେ କୌଣସି ପ୍ରକାରର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ। ସେ ସୂଚନା ଦେଇଥିଲେ ଯେ କୃଷି ରକ୍ଷକ ପୋର୍ଟାଲ୍ ସମେତ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ଗମ୍ଭୀରତାର ସହିତ ତଦନ୍ତ କରାଯାଉଛି ଏବଂ ଯେଉଁଠାରେ ଅନିୟମିତତା ଦେଖାଯାଏ ସେଠାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ବିଭିନ୍ନ ରାଜ୍ୟରେ, ବିଶେଷକରି ରାଜସ୍ଥାନରେ, ବିଗତ କିଛି ବର୍ଷଗୁଡ଼ିକରେ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ବ୍ୟବସ୍ଥା ମାଧ୍ୟମରେ ଫସଲ ବୀମା ଅଧୀନରେ ହଜାର ହଜାର କୋଟି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହା ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ଏବଂ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି।

ସରକାରଙ୍କ ବ୍ୟାପକ ଦୃଷ୍ଟିକୋଣକୁ ଦୋହରାଇ ଶ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ଏହି ସମସ୍ତ ପଦକ୍ଷେପର ସାମୂହିକ ଉଦ୍ଦେଶ୍ୟ ହେଉଛି ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିବା ଯେଉଁଠାରେ ଚାଷୀମାନେ ନିଶ୍ଚିତଭାବେ କେବଳ ଭଲ ଆୟ ନୁହେଁ ବରଂ ବିପଦରୁ ମଧ୍ୟ ସୁରକ୍ଷିତ ରହିବେ। ଏହାଦ୍ୱାରା ଦେଶରେ ଏକ ସ୍ଥିର ଏବଂ ଆତ୍ମନିର୍ଭରଶୀଳ କୃଷି କ୍ଷେତ୍ରର ମୂଳଦୁଆକୁ ସୁଦୃଢ଼ କରାଯାଇପାରିବ।

## ପ୍ରାକ୍ତନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କର ପୂର୍ଣ୍ଣାବୟବ ସ୍ଥାପିତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ଖୋର୍ଦ୍ଧା : ବର୍ତ୍ତମାନ ଓଡିଶା ସରକାର ଆମ ରାଜ୍ୟର ବିଭିନ୍ନ ବରପୁତ୍ର ମାନଙ୍କର ପୂର୍ଣ୍ଣବୟବ ସ୍ଥାପିତ କରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଅତ୍ୟନ୍ତ ଅଭିନନ୍ଦନୀୟ ଓ ପ୍ରଣିଧାନ ଯୋଗ୍ୟ ବୋଲି ଉତ୍ତର ଓଡ଼ିଶାର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି କହିଛନ୍ତି। ଅବିଭକ୍ତ ପୁରୀ ଜିଲ୍ଲା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାରେ ଜନ୍ମିତ ସ୍ୱର୍ଗତ ରାବିରାୟ ପ୍ରାକ୍ତନ ବାଚସ୍ପତି, କେନ୍ଦ୍ରମନ୍ତ୍ରୀ,ସମାଜବାଦୀ ଓ ଗାନ୍ଧୀ ବାଦୀ ନେତା ଭାବେ ସେ ନିଜକୁ ଲୋକସେବାରେ




ନିଜକୁ ନିୟୋଜିତ କରିଥିଲେ। ସେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିବାସହ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ସମୟରେ ନବମ ଲୋକସଭାରେ ବାଚସ୍ପତି ଭୂମିକାକୁ ସୁଚାରୁ ଭାବେ ପ୍ରତିପାଦିତ କରିଥିଲେ। ତାଙ୍କର ବାଚସ୍ପତି ସମୟରେ ସେ ନିଜ ମା ମାଟି ତଥା ନିଜ ଅଞ୍ଚଳର ଲୋକମାନଙ୍କର ସେବାରେ ନିଜକୁ ନିୟୋଜିତ କରିବା ସହ ଜଣେ ଗାନ୍ଧିବାଦୀ ନେତା ଭାବରେ ନିଜକୁ ପ୍ରତିପାଦିତ କରିଥିଲେ। ଏଭଳି ଜଣେ କିମ୍ବଦନ୍ତୀ ପୁରୁଷଙ୍କର ପୂର୍ଣ୍ଣା ବୟବ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ଶ୍ରୀଯୁକ୍ତ ମହାନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନିକଟରେ ଦାବୀ କରିଛନ୍ତି, ଆଶା ମାନ୍ୟବର ମୁଖ୍ୟମନ୍ତ୍ରୀ ଏହା ଉପରେ ବିଚାର କରିବେ।

## ତାଳଚେର ନଗରରେ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ

ଅନୁଗୁଳ: ରାଜ୍ୟ ବିଜେପି କୁ ନୂତନ ଦିଶା ପ୍ରଦାନ କରିଥିବା ଏଂ ରାଜ୍ୟ ଭାରତୀୟ ଜନତା ପାର୍ଟି ର ପିତାମୋହ ଭୀଷ୍ମ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଡେବେନ୍ଦ୍ର ପ୍ରଧାନ ଙ୍କ ତାଳଚେର ପୌରାଞ୍ଚଳ ୧୮ନମ୍ବର ୱାର୍ଡ ମାଉସୀ ମା ମନ୍ଦିର ସ୍ଥିତ ଦେଉଳବେଡ଼ା ତେଲି ସାହି ଠାରେ ଏକ ବିରାଟ ପ୍ରତିମୂର୍ତ୍ତୀ ଉନ୍ମୋଚନ କରାଯାଇଛି ।ସ୍ୱର୍ଗତ ଡଃ ଦେବେନ୍ଦ୍ର ପ୍ରଧାନ ୱାର୍ଡ଼ ନମ୍ବର ଅଠର ର ଭୋଟର ।ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାୟକ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି କୁ ଉନ୍ମୋଚନ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି , ସମ୍ମାନୀତ ଅତିଥି ଭାବେ ପର୍ଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, କାମାକ୍ଷା ନଗର







ବିଧାୟକ ଶତ୍ରୁଘ୍ନ ଜେନା ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ପୌର ପରିଷଦ ର ନଗର ପାଳ ପବିତ୍ର ଭୂତିଆ ,ସ୍ଥାନୀୟ କାଉଁ ସିଲର ଲିନା ସାହୁ ଓ ବିଜେପି ର ପନ୍ଦର କାଉଁ ସିଲର ଙ୍କ ସହିତ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତୀ କେଶରୀ ପଟନାୟକ , ଢ଼େଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାହାସ ବିହାରୀ ଜେନା, ବିଜେପି ନେତା ମନୋଜ ପ୍ରଧାନ ପ୍ରମୂଖ ଯୋଗ ଦେଇଥିଲେ।ଏହି ଅବସରରେ ସ୍ମୃତି ପରିଷଦ ର ସଭାପତି ତୁଷାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଙ୍କ ରାଜନୈତିକ ଜୀବନୀ, ବିଜେପି ଦଳ ପ୍ରତି ତାଙ୍କର ଅବଦାନ, ଓ ତାଙ୍କ ସମୟରେ ନିଆଯାଇଥିବା ବିକାଶ ମୂଳକ ପଦକ୍ଷେପ ସହ ତାଙ୍କର ସାମାଜିକ ପ୍ରତିଷ୍ଠା ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ଭାଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସ୍ମୃତି ପରିଷଦ ର ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାହୁ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ନବ କିଶୋର ସାହୁ ତାଳଚେର ପୌରାଞ୍ଚଳ କାଉନସିଲର , ତାଳଚେର ଗ୍ରାମ ପଂଚାୟତ ର ନିର୍ବାଚିତ ପ୍ରତିନିଧି, ସରପଞ୍ଚ ସମିତି ସଭ୍ୟ, ଶତାଧିକ ସ୍ଥାନୀୟ ଜନସାଧାରଣ ନିମନ୍ତ୍ରିତ ଅତିଥି ମାନେ ଯୋଗ ଦେଇଥିଲେ। ତେବେ ତାଳଚେର ରେ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇ ଥିବାରୁ ଏହାକୁ ସାଧାରଣରେ ପ୍ରଶଂସା କରିବା ସହିତ ଭାରତୀୟ ଜନତା ପାର୍ଟିର କର୍ମୀ, ସ୍ୱର୍ଗତ ପ୍ରଧାନ ଙ୍କ ଆନୁଗତ୍ୟ ଦାୟଦ ଓ ବିଜେପି କର୍ମୀ ମାନେ ଖୁସି ପ୍ରକଟ କରିଛନ୍ତି।

## ବିଳମ୍ବିତ ରାତିରେ ଗୋଠ ଛଡା ହାତିର ଉପଦ୍ରବ

ଜଳେଶ୍ୱର : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନା କେନ୍ଦୁଖୁଣ୍ଟା ଗ୍ରାମରେ ଘଟିଛି ଏକ ଦୁଖଃଦ ଘଟଣା। ରାଇବଣିଆ ଅଞ୍ଚଳର ଆଖପାଖ ଜଙ୍ଗଲରେ ୩୦ ଟିକିଆ ହାତୀପଲ ଦିର୍ଘ ଦିନ ଧରି ରହୁଛନ୍ତି, ଦିନ ସମୟରେ ଜଙ୍ଗଲରେ ରହୁଥିବା ବେଳେ ରାତିରେ ଗାଁ ଆଡ଼କୁ ଆସି ବାଡ଼ି ଘରେ ପସି ଉପଦ୍ରବ କରୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ଗୋଠ ଛଡା ଦନ୍ତା



ହାତି କେନ୍ଦୁଖୁଣ୍ଟା ଗ୍ରାମର ଉଦ୍ଧବ ବେଶ୍ରାଙ୍କ ଘର ଭାଙ୍ଗି ଦେଇଥିଲା।ଯାହା ଫଳରେ ରାତିରେ ପରିବାର ଲୋକେ ଶୋଇଥିବା ବେଳେ କାନ୍ଥ ପଡି ଯାଇ ପରିବାରର ସମସ୍ତ ସଦସ୍ୟ କାନ୍ଥ ତଳେ ଚାପି ହୋଇ ଯାଇଥିଲେ।ଖବର ରାଇବଣିଆ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ୨ ବର୍ଷର ପୁଅ ରାମ୍ ଔରଫ ନାରାଣ ବେଶ୍ରାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।ପରିବାରରେ ଅନ୍ୟ ସଦସ୍ୟମାନେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।ଉଦ୍ଧବ ଜଣେ ଗରିବ ପରିବାରର ହୋଇ ଥିବାରୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ପରିବାର ଲୋକେ ଓ ଅଞ୍ଚଳବାସୀ।

## ମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ଉତ୍ସବ

ବାଲେଶ୍ୱର : ରେମୁଣା ବ୍ଲକ ଅଧିନ ମହାରାଜପୁର ଗ୍ରାମପଞ୍ଚାୟତ ଅଧିନ ମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରବିବାର ଦିନ ଦୀର୍ଘ ୨୮ ବର୍ଷପରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବ ମହାରାଜପୁର ଉଚ୍ଚ ବିଦ୍ୟାଳୟର ଅନୁଷ୍ଠିତ ହୋଇଥିବା ୧୯୯୮ ବ୍ୟାଚର ଛାତ୍ରଛାତ୍ରୀମାନେ ଉତ୍ସବକୁ ଆୟୋଜନ କରିଥିଲେ। ଏଥିନେଇ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ରଥ




ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏହି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ଆଲୁମିନି ସଭାପତି ରବୀନ୍ଦ୍ର ମହାପାତ୍ର, ପ୍ରାଣବନ୍ଧୁ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ରାମଚନ୍ଦ୍ର ବେହେରା, ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ୧୯୯୮ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିଥିବା ତତ୍କାଳୀନ ଦିବଂଗତ ଶିକ୍ଷକ ଦିବାକର ପଣ୍ଡା, ବୃନ୍ଦାବନ ତ୍ରିପାଠୀଙ୍କ ସମେତ ଦିବଂଗତ ଛାତ୍ର ମନୋଜ କୁମାର ରାଉଳଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସୁଜାତା ପଣ୍ଡା, କନକଲତା ଦାସ, ତୃପ୍ତିଲତା ପ୍ରଧାନ, ବିଜୟ ଲକ୍ଷ୍ମୀ ଆଚାର୍ଯ୍ୟ ବିଦ୍ୟାଳୟର ଅତୀତ ସ୍ମୃତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଖେଳ ହୋଇଥିଲା। ଏହି ଖେଳରେ ବସନ୍ତ ଶିଅଳ ପ୍ରଥମ ସ୍ଥାନ, ସୁଜାତା ପଣ୍ଡା ଦ୍ୱିତୀୟ ସ୍ଥାନ ଏବଂ କନକଲତା ଦାସ ତୃତୀୟ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ୧୯୯୮ ବ୍ୟାଚ ଛାତ୍ର ସଂଗଠନର ସଭାପତି ଭାବେ ତାପସ କୁମାର ପ୍ରଧାନ, ସମ୍ପାଦିକା ପ୍ରଭାସିନୀ ବିଶୋଇ, ଉପସଭାପତି ମନୋରଞ୍ଜନ ମଲ୍ଲିକ, ସହ ସମ୍ପାଦିକା ଜ୍ୟୋସ୍ନାରାଣୀ ପରିଡ଼ା ଓ ଜୟନ୍ତ କୁମାର ସୌରୀ ତଥା ଅନ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉପେନ୍ଦ୍ର ଓଝା, ଚନ୍ଦନ ନାଏକ, କାର୍ତ୍ତିକ ସୋ, ମିନତୀ ପୃଷ୍ଟି, ଅଶୋକ ବେହେରା, ରଞ୍ଜନ କୁମାର ପାଣିଗ୍ରାହୀ, ଆରତୀ ବେହେରା, ପ୍ରଭାତୀ ସାହୁ, ଅଶେଷ ଦାସ, ରାଜେଶ ବାରିକ, ଚମ୍ପାବତୀ ନାଏକ, ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବୈଠକ

ତିହିଡି: ପ୍ରତିବର୍ଷ ପରି ଚଳିତ ବର୍ଷ ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଦ୍ୱାଦଶତମ ବିଜୟା ଦଶମୀ ମହୋତ୍ସବ ସମାରୋହରେ ପାଳିତ ହେବ । ଏ ନେଇ ପ୍ରଶାସନ ତରଫରୁ ତିହିଡ଼ି ବ୍ଲକ ସଭାଗୃହ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମିତିର ସମସ୍ତ କର୍ମକର୍ତ୍ତା, ବୁଦ୍ଧିଜୀବି, ଜନସାଧାରଣ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ତିହିଡ଼ି ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଚାନ୍ଦବାଲି ଏସଡିପିଓ ପ୍ରଭାସ ସାହୁ, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଶ୍ରୀରାମ ନବମୀ ସମିତି ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି କେଶରୀ ଦାସ, କୋଷାଧକ୍ଷ ନୀଳମଣି ସାବତ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, କଂଗ୍ରେସ ବ୍ଲକ ସଭାପତି ସରୋଜ ଦାସ, ରଘୁନାଥ ପାତ୍ର, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଅଜୟ ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶ୍ରୀରାମଙ୍କ ପ୍ରଜ୍ଞାପନ ମେଢ଼ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଦଶମୀ ଦିନ ଅନୁଷ୍ଠିତ ହେବାକୁ ଥିବା ଶ୍ରୀରାମ ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ମହିଳା ଦର୍ଶକମାନଙ୍କର ସୁରକ୍ଷା, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ବିଭିନ୍ନ ଦିବସରେ ଗଣଦୌଡ଼, ବାଇକ ଶୋଭାଯାତ୍ରା, ବାଲ ବଜରଂଗୀ ଶୋଭାଯାତ୍ରା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଡିଜେରେ ଭାଇବ୍ରେଟର ଲାଗିବ ନାହିଁ ବୋଲି ସ୍ପଷ୍ଟ କରି ଦିଆଯାଇଛି । ପ୍ରଜ୍ଞାପନ ମେଢ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଯନ୍ତ୍ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ଏତତ୍ ବ୍ୟତିତ ମେଢରେ ଆସୁଥିବା ଭକ୍ତମାନେ ଅଥବା ଦର୍ଶକମାନେ ଯେପରି ମଦ ପିଇ ବିଶୃଙ୍ଖଳା ନକରିନ୍ତି ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ମେଢ଼ ଗୁଡ଼ିକ ଉଚ୍ଚତା ୧୮ ରୁ ୨୦ ଫୁଟ ଭିତରେ ସୀମିତ ରଖିବାକୁ ପରାମର୍ଶ ଦିଆ ଯାଇଥିଲା । ସବୁଠାରୁ ବଡ଼ ପ୍ରସଙ୍ଗ ରହିଥିଲା ଯେ ସନ୍ଧ୍ୟାସୁଦ୍ଧା କିପରି ମେଢ଼ ଗୁଡ଼ିକର ଶୋଭାଯାତ୍ରା ଆରମ୍ଭ ହୋଇଯିବ । ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ନିରାଶ ନହୋଇ ଫେରନ୍ତି ସେଥିପ୍ରତି ମେଢ଼ ଆଣୁଥିବା ସଂଗଠନ ଗୁଡ଼ିକ ଯତ୍ନବାନ ହେବା ଉଚିତ । ତିହିଡ଼ି ବଜାରରେ କାର୍ଯ୍ୟାଧିନ ଡ୍ରେନ ନିର୍ମାଣ ସ୍ଥଗିତ ରଖିବା ସହ ଯେଉଁ ଅଂଶ ଖୋଲା ଯାଇଛି ସେ ଗୁଡ଼ିକୁ ଢ଼ାଙ୍କିବାର ବ୍ୟବସ୍ଥା କରିବା ପାଇଁ ଠିକାଦାରଙ୍କୁ ସୂଚନା ଦିଆଯିବ । ସେହିପରି ତିହିଡ଼ି ବଜାରରେ ଆଲୋକୀକରଣ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା, ଅଗ୍ନିଶମ ବିଭାଗର ଉପସ୍ଥିତି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ମେଡିକାଲ ପକ୍ଷରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ତିହିଡି ସ୍ୱାସ୍ଥ୍ୟକେନ୍ଦ୍ର ବିଭିୟ ଅଧିକାରୀ ବିପ୍ଲବ ରଞ୍ଜନ ପତି ସୂଚନା ଦେଇଥିଲେ । ବିଏସଏସଓ ନିହାର ରଞ୍ଜନ ରାଉତ,ଭାଟପଡା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ବିଶ୍ୱଜିତ ବେହେରା, ପି ହୃଷିକେଶ, ଚନ୍ଦ୍ରକାନ୍ତ ମହାନ୍ତି, ଦେବେନ୍ଦ୍ର ପୁହାଣ, କେଶବ ବେହେରା, ସଂଗ୍ରାମ ଦାସ, ନିଶିକାନ୍ତ ଭଟରାୟ, ସରୋଜ ନାୟକ, ରବିନ୍ଦ୍ର ଦାସ, ବିଭୂତି ଭୂଷଣ ସେନାପତି, ନିତ୍ୟାନନ୍ଦ ମଲ୍ଲିକ, ଶୁକଦେବ ମଲିକ, ଧୀରେନ୍ଦ୍ର ସାହୁ, ତପୁନ ପାଣି, ପ୍ରମୋଦ ଦାସ, କୃତ୍ତିବାସ ଜେନା, ପ୍ରିୟବନ୍ଧୁ ମାଝୀ, ରାଜିବ ନାୟକ, ଅଭିରାମ ଦାସ, ବିରେନ ସେନାପତି, ତପନ ପାଢ଼ୀ, କୈଳାଶ ବେହେରା, ନିରଞ୍ଜନ ବାରିକ, ବିସ୍ମୟ ସାହୁ, ରଘୁନାଥ ମଳିକ ଓ ଧର୍ମାନନ୍ଦ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରମଜାନ ମାସ ଉପଲକ୍ଷେ ସମାଜସେବୀ ଗୌରହରୀ ସାହୁଙ୍କ ପକ୍ଷରୁ ସଂଖ୍ୟାଲଘୁ ମାନଙ୍କ ଲାଗି ବିଭିନ୍ନ ମସଜିଦରେ ଇଫତାର ପାର୍ଟି ପ୍ରଦାନ



ଜଳେଶ୍ୱର: ଜଳେଶ୍ୱର ଏକ ଭାଇଚାରାର ସହର ହୋଇଥିବାରୁ ଉଭୟ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସହଭାଗିତାରେ ପାଳନ କରିଥାନ୍ତି।ପବିତ୍ର ରମଜାନ ମାସ ଚାଲି ଥିବାରୁ ମୁସଲମାନ ଭାଇମାନଙ୍କ ଲାଗି ଏକ ଇଫତାର ପାର୍ଟିର ଆୟୋଜନ କରା ଯାଇଥିଲା।ସମାଜସେବୀ ଗୌରହରି ସାହୁଙ୍କ ନେତୃତ୍ୱରେ ଗୋପାଳ ସାହୁ, ସୂର୍ଯ୍ୟକାନ୍ତ ସାହୁ, ଆୟୁଷ ସାହୁ ପ୍ରମୁଖ ରମଜାନ ମାସର ୨୭ ତମ ଦିବସରେ ଜଳେଶ୍ୱର ପୌରପାଳିକାର ଶାସନବାଡ଼, ପଞ୍ଚୁଘଣ୍ଟା ଗ୍ରାମର ୩ ଟି ମସଜିଦ୍ ?ରେ ଇଫତାର ପାର୍ଟି ରେ ୪ ଶହ ଲୋକଙ୍କୁ ପ୍ରଦାନ କରିଥିଲା ବେଳେ ଏନୋର ମସଜିଦ ଝାଡେଶ୍ୱରପୁର ଓ ତଇତୁଲ ମସଜିଦ ରାଜପୁରରେ ୩ ଶହ ଲୋକଙ୍କୁ ଇଫତାର ପାର୍ଟି ପ୍ରଦାନ କରିଥିଲେ।ଏଥିରେ ଶହ ଶହ ସଂଖ୍ୟାରେ ହିନ୍ଦୁ ଓ ମୁସଲମାନ ଭାଇମାନେ ସାଥିରେ ବସି ଭୋଜନ କରିବାର ନିଆରା ପରମ୍ପରା ଅନୁଷ୍ଠିତ ହୋଇଥିଲା।ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍ ?ଭାବ ଓ ସମ୍ପ୍ରିତି ବୃଦ୍ଧି ପାଉଥିବା ବେଳେ ଭାଇଚାରାର ସଂପର୍କ ବୃଦ୍ଧି ପାଉଛି ବୋଲି କୁହାଯାଇଛି।ଏଥିରେ ନସିମ ଉଦ୍ଦିନ, ଅବଦୁଲ ଅଜିଜ ଖାନ, ଫିରୁଜ ଖାନ୍, ସେକ ହାସିମ ଉଦ୍ଦିନ, ମିନହାଜ୍ ଉଦ୍ଦିନ, ଇନତାଜ ଖାନ, ଏସ କେ ସଓାର, ଏସ କେ କୌଶଲ୍ ମହମ୍ମଦ, ସଫିର ଉଦ୍ଦିନ, ସୈଫ ଉଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୨୨୨ ତୀର୍ଥ ଯାତ୍ରୀ ପୁରୁଷୋତ୍ତମ ଧାମ ଯାତ୍ରା କଲେ

ଖୋର୍ଦ୍ଧା : ଆଜି ଖୋର୍ଦ୍ଧା ଜିଲ୍ଲାର ୨୨୨ ଜଣ ତୀର୍ଥ ଯାତ୍ରୀ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ହିତର କାଠ ଦର୍ଶନ ଏବଂ ମହାପ୍ରସାଦ ସେବନ ନିମନ୍ତେ ପୁରୀ ଶ୍ରୀ ପୁରୁଷୋତ୍ତମ ଧାମ ଯାତ୍ରା କରିଛନ୍ତି କ୍ଷ ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ ଗୋଟି ବସ୍ ଆୟୋଜନ କରାଯାଇଥିଲା କ୍ଷ ଜିଲ୍ଲାର ଦୁଇଗୋଟି ସ୍ଥାନରୁ ତଥା ରାଜ୍ୟ ସଦର ମହକୁମା ବଡଗଡ କଲ୍ୟାଣ ମଣ୍ଡପ ଏବଂ ଜିଲ୍ଲା ସଦର ମହକୁମା ଓରମାସ କାର୍ଯ୍ୟାଳୟ ପରିସରରେ ତୀର୍ଥ ଯାତ୍ରୀ ମାନଙ୍କ ପୁରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମନ୍ତେ ସମସ୍ତ ପ୍ରକାର ସୂ ବନ୍ଦୋବସ୍ତ କରାଯାଇଥିଲା କ୍ଷ ତୀର୍ଥ ଯାତ୍ରୀ ମାନେ ଉଭୟ ସ୍ଥାନରେ ସକାଳ ୭ ଘଟିକା ସମୟରେ ପହଞ୍ଚିଲା ପରେ ଡାକ୍ତରୀ ଦଳ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯିବା ପରେ ସେମାନଙ୍କୁ ଜଳଖିଆ ଖାଇବାକୁ ଦିଆଯାଇ ଥିଲା କ୍ଷ ପରେ ସେମାନଙ୍କୁ ଏସ୍କର୍ଟ ଅଫିସରଙ୍କ ତତ୍ତ୍ୱାବଧାନରେ ବସରେ ଚାଢ଼ାଯାଇ ପାଣି ବୋତଲ, ଛତା ଆଦି କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା କ୍ଷ ଖୋର୍ଦ୍ଧା ଠାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପ୍ରଥମ ପର୍ଯ୍ୟାୟରେ ତୀର୍ଥ ଯାତ୍ରୀ ମାନଙ୍କ ପୁରୀ ଶ୍ରୀ କ୍ଷେତ୍ର ଧାମ ଆଗମନର ଶୁଭାରମ୍ଭ କରିଥିଲେ କ୍ଷ ଖୋର୍ଦ୍ଧା ଠାରେ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପ ସଭାପତି, ଶ୍ରୀ ଗୋପୀନାଥ ମହାରଣା,ବି ଡି ଓ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ, ନିଜାରତ ଅଧିକାରୀ ରିଶଭ ତ୍ରିପାଠୀ,ଜିଲ୍ଲା ପରିଚାଳିକା,ଓ ଏସ ଆର ଟି ସି, ଲିପାଲିନ ସାହୁ, ଅତିରିକ୍ତ ପରିବହନ ଅଧିକାରୀ, ଖୋର୍ଦ୍ଧା , ଅରବିନ୍ଦ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହୀଆଲ ଯୋଗଦେଇଥିବା ବେଳେ ପର୍ଯ୍ୟଟନ ବିକାଶ ଅଧିକାରୀ ସୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ କ୍ଷ ଖୋର୍ଦ୍ଧାରୁ ୪ ଗୋଟି ବସରେ ତୀର୍ଥ ଯାତ୍ରୀ ପୁରୀ ଗସ୍ତ କରିଥିବା ବେଳେ ଭୁବନେଶ୍ୱର ବଡଗଡ କଲ୍ୟାଣ ମଣ୍ଡପ ରୁ ୨ ଗୋଟି ବସରେ ତୀର୍ଥ ଯାତ୍ରୀ ପୁରୀ ଶ୍ରୀକ୍ଷେତ୍ର ଧାମ ଯାତ୍ରା କରିଛନ୍ତି କ୍ଷ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ କ୍ଷ ଉପଜିଲ୍ଲାପାଳ ଡ଼ଃ ମନୋରଞ୍ଜନ ସାହୁ ଯୋଗଦେଇଥିବା ବେଳେ ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଶ୍ରୀ ଅଞ୍ଜନ କୁମାର ବାରିକ ସମସ୍ତ କାର୍ଯ୍ୟ ପରିଚାଳନା କରିଥଲେ କ୍ଷ ସମୁଦାୟ ୨୨୨ ତୀର୍ଥ ଯାତ୍ରୀ ୬ ଗୋଟି ବସରେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସାମିଲ ହୋଇଛନ୍ତି କ୍ଷ ପୁରୀରେ ବୃନ୍ଦା ବତୀ ନିବାସ ରେ ସମସ୍ତ ରହଣି ଓ ଖାଦ୍ୟ ପେୟର ବ୍ୟବସ୍ଥା ହୋଇଅଛି ।

## ନୂତନ ପଂଚାୟତ ଗଠନ ନିମନ୍ତେ ପଂଚାୟତରାଜ୍ ମନ୍ତ୍ରୀଙ୍କୁ ଅନୁରୋଧ ପତ୍ର



ତାଳଚେର: ତାଳଚେର ବ୍ଲକ ଅନ୍ତର୍ଗତ ନୂଆପଡା, ଦିଘି, ବଙ୍ଗୁ ଗ୍ରାମବାସୀ, ଆନନ୍ଦବଜାର ବାସୀ ଏବଂ ଏନଟିପିସି/ ଟିଟିପିଏସ୍ କଲୋନୀବାସୀଙ୍କୁ ନେଇ ଏକ ନୂତନ ପଂଚାୟତ ଗଠନ ପାଇଁ ରାଜ୍ୟ ପଂଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି । ଆଜି ରାଜ୍ୟ ମନ୍ତ୍ରୀ ଶ୍ରୀ ନାଏକ ତାଳଚେର ଗସ୍ତରେ ଆସିଥିଲେ । ଏହି ଅବସରରେ ଦେଉଳବେଡା ତେଲିସାହି ଠାରେ ନୂଆପଡା ଗ୍ରାମ କମିଟି ସଭାପତି ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ମନ୍ତ୍ରୀ ଶ୍ରୀ ନାଏକଙ୍କୁ ସାକ୍ଷାତ କରି ନୂତନ ପଂଚାୟତ ଗଠନ ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଥିଲେ । ଏହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନୂଆପଡା ଗ୍ରାମବାସୀ ସନ୍ତପଡା ଗ୍ରାମ ପଂଚାୟତରେ ଅନ୍ତର୍ଭୁକ୍ତ । ଗ୍ରାମ ଠାରୁ ପଂଚାୟତ କାର୍ଯ୍ୟାଳୟ ୩ କିଲୋମିଟରରୁ ଅଧିକ । ଜାତୀୟ ରାଜପଥ ଅତିକ୍ରମ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯିବା ଅସମ୍ଭବ ହୋଇପଡିଛି । ସେହିପରି ବଙ୍ଗୁ ଗ୍ରାମର ପଂଚାୟତ ଅଫିସ୍ ଟି ବନ୍ତୋଲ ଗ୍ରାମରେ ଅବସ୍ଥିତ ଥିବାରୁ ଗ୍ରାମବାସୀମାନେ ଯିବାକୁ ହେଲେ ଦୁଇ ଦୁଇଟି ରେଳ ଲାଇନ୍ ଅତିକ୍ରମ କରି ଯିବାକୁ ପଡୁଛି । ସେହିପରି ଦିଘି ଗ୍ରାମର ପଂଚାୟତ ଅଫିସ୍ ଟି ଜଗନ୍ନାଥପୁର ଗ୍ରାମରେ ଥିବାରୁ ୪ କିଲୋମିଟରରୁ ଉର୍ଦ୍ଧ୍ୱ ଯିବାକୁ ପଡୁଛି । ନୂଆପଡା, ବଙ୍ଗୁ ଏବଂ ଦିଘି ଗ୍ରାମର ଆଖପାଖରେ ବହୁତ କଲୋନୀ ଗଠିତ ହୋଇଥିବାରୁ ସେଠାରେ ମଧ୍ୟ ବହୁତ ଲୋକ ବସବାସ କରୁଛନ୍ତି । ନୂଆପଡା ଗ୍ରାମଟି ୩ଟି ଗ୍ରାମର ମଧ୍ୟ ସ୍ଥଳରେ ଅବସ୍ଥିତ । ଏହି ତିନୋଟି ଗ୍ରାମ ଓ କଲୋନୀର ଲୋକ ସଂଖ୍ୟା ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ହେବ । ନୂଆପଡା ଗ୍ରାମ ଠାରେ ଗୋଟିଏ ନୂତନ ପଂଚାୟତ ସ୍ଥାପନ କଲେ ଏ ଅଂଚଳରେ ରହୁଥିବା ଲୋକମାନେ ସୁବିଧାରେ ଯାଇ ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ମୌଳିକ ସୁବିଧା ପାଇ ପାରିବେ । ଆଜିର ଏହି ପତ୍ର ପ୍ରଦାନ ବେଳେ ଆନନ୍ଦ ଚନ୍ଦ୍ର ସାହୁ, ସୌଭାଗ୍ୟ ନାୟକ, ଜ୍ଞାନରଞ୍ଜନ ନାୟକ, ସୌଭାଗ୍ୟ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିସର ଚଢ଼ାଉ ୭ ବାଲି ବୋଝେଇ ଟ୍ରାକ୍ଟର ଜବତ

ଜଳେଶ୍ୱର : ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ ବେଳେ ପୋଲିସ ର ଚଢ଼ାଉ ୭ ବାଲି ବୋଝେଇ ଟ୍ରାକ୍ଟର ଜବତ।ସୁବର୍ଣ୍ଣରେଖା ନଦୀର ବାଲି ସୁନା ପାଲଟିଛି।ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଞ୍ଚଳରେ ମାଫିଆମାନେ ଦିନ ରାତି ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିଲା ବେଳେ ରାଜ୍ୟ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି।ତେବେ ରବିବାର ଭୋର ସମୟରେ ଜଳେଶ୍ୱର ସହର ମଧ୍ୟ ଦେଇ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିଲା ବେଳେ ଜଳେଶ୍ୱର ପୋଲିସ ଚଢ଼ାଉ କରିଥିଲା।ଚଢ଼ାଉ ସମୟରେ ୭ ଟି ବାଲି ବୋଝେଇ ଟ୍ରାକ୍ଟରେ କୌଣସି ଅର୍ଜନାଲ କାଗଜ ପତ୍ର ନ ଥିବାରୁ ସେଗୁଡିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ପୋଲିସ।ତେବେ ପ୍ରତ୍ୟେକ ଦିନ ସୁବର୍ଣ୍ଣରେଖା ନଦୀର ଶିଖରପୁର, ବଜାରଶୋଳ, ମହୁଲିଆ, ପେଣ୍ଡରାସାହି, ଗୋପ ଇତ୍ୟାଦି ସ୍ଥାନରୁ ହଜାର ହଜାର ଟ୍ରାକ୍ଟର ବାଲି ଦିନରାତି ଜଳେଶ୍ୱର ବଜାର ଭିତର ଦେଇ ପଶ୍ଚିମବଙ୍ଗ କୁ ଯାଉଛି।ପୋଲିସର ଚଢ଼ାଉ ୭ ବାଲି ବୋଝେଇ ଟ୍ରାକ୍ଟର ଜବତ।

## ପଦ୍ମାବତୀ ସଂଯୁକ୍ତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ: ଯେକୌଣସି ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା। ସେଠାରେ ଆଗାମୀ କାଲିର ଆଶା ଭରସାର ପ୍ରତୀକ ସୁନାଗରିକମାନେ ତିଆରି ହୁଅନ୍ତି। ପୁଣି ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ସହ ଛାତ୍ର-ଶିକ୍ଷକ ସୌହାର୍ଦ୍ଦ୍ୟ ଓ ଆନ୍ତରିକତା ଅତୁଟ ଥାଏ। ପଦ୍ମାବତୀ ସଂଯୁକ୍ତ ଉଚ୍ଚବିଦ୍ୟାଳୟ, ଏରଡାର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁଧୀର ମୁଦୁଲି ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ଭଗବାନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ, କବି ସୁଚିତ୍ରା ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ସାହୁ, ସମିତି ସଭ୍ୟା ପୁଷ୍ପାରାଣୀ ବଳ, ପୁରାତନ ଛାତ୍ର ସଂସଦ ସଭାପତି ତ୍ରିଦିବ ନାୟକ, ପରିଚାଳନା କମିଟି ସଭାପତି ଶମ୍ଭୁନାଥ ସାହୁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃତ୍ତିବାସ ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କର୍ତ୍ତବ୍ୟନିଷ୍ଠ ବିଦାୟୀ କର୍ମଚାରୀ ମୂରଲୀଧର ସାମଲଙ୍କୁ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୃତି ଛାତ୍ର/ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମର ପ୍ରମୁଖ ଦିବଂଗତ ବ୍ୟକ୍ତିଙ୍କ ସ୍ମୃତିରେ ଅର୍ଥ ପୁରସ୍କାର ସହ ସ୍ମାରକୀ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ସ୍ନିଗ୍ଧାରାଣୀ ଜେନା ବାର୍ଷିକ ବିବରଣୀ ପାଠ କରିଥିବାବେଳେ, ଜୟନ୍ତଲାଲ୍ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ନିର୍ମଳ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଯ୍ୟାମି ନାୟକ, ଅଜୟ କୁମାର ସେଠୀ, ମଧୁସ୍ମିତା ନାୟକ, ପ୍ରମିଳା ବିଶ୍ୱାଳ, ଅଲିଭା ଦାସ, ମମତା ପାଢୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

# ଭଦ୍ରକ ସନ୍ଧିଆସ୍ଥିତ ୧୧୩ ବର୍ଷ ବୟସ୍କ ଶ୍ରୀମତୀ କାଳୀଦେବୀ ଶତାୟୁ ମହିଳା ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ



ଭଦ୍ରକ : ଭଦ୍ରକ ଜିଲ୍ଲା ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ ?ଥା ଅବସରପ୍ରାପ୍ତ ଶିକ୍ଷାଜିଲ୍ଲାଅଧିକାରୀ ଶିକ୍ଷାବିତ୍ ଶ୍ରୀଯୁକ୍ତ ଗୟାଧର ପଣ୍ଡାଙ୍କ ଶତାୟୁ ଜନନୀ ରୁକ୍ମିଣୀ ଦେବୀଙ୍କ କର୍ମମୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରୁକ୍ମିଣୀ ଦେବୀ ସ୍ମୃତି ସଂସଦ ଆନୁକୂଲ୍ୟରେ ୨୦୨୧ ମସିହା ଠାରୁ ପ୍ରତିବର୍ଷ ଜଣେ ଶତାୟୁ ମହିଳାଙ୍କୁ ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଆସୁଅଛି । ଚଳିତ ବର୍ଷ ଭଦ୍ରକ ବଙ୍କବାସୁଳୀ ମନ୍ଦିରର ବର୍ଷିୟାନ ପୂଜକ କରୁଣାକର ପାଣିଙ୍କ ସହଧର୍ମିଣୀ ୧୧୩ ବର୍ଷ ବୟସ୍କ ମହାନ ଆଧାତ୍ମିକବାଦୀ ମହିଳା ଶ୍ରୀମତୀ କାଳୀଦେବୀଙ୍କୁ ଶତାୟୁ ଜନନୀ ରକ୍ମଣୀ ଦେବୀଙ୍କ ପୁତ୍ର ଗୟାଧର ପଣ୍ଡାଙ୍କ ନମ୍ର ଭକ୍ତିପୂର୍ଣ୍ଣ ପ୍ରୟାସରେ ଭଦ୍ରକ ବହୁ ମାନ୍ୟଗଣ୍ୟ ପ୍ରମୁଖ ବ୍ୟକ୍ତିସମୂହ ଡ. ଗୋଲକ ବିହାରୀ ସାହୁ, ଇଂ. ରୋଟାରିଆନ୍ ଅମ୍ବିକା ବଲ୍ଲଭ ସ୍ୱାଇଁ, ଫେକରର ଅବସରପ୍ରାପ୍ତ ଏକାଉଣ୍ଟାଣ୍ଟ ଅଫିସର ନାରାୟଣ ଚନ୍ଦ୍ର ପାଢ଼ୀ, ଅସୁରାଳି ବେଷ୍ଟ ଇଂଜିନିୟରି କଲେଜର ଅଧକ୍ଷ ରବିନ୍ଦ୍ର ଜେନା, ଭଦ୍ରକ ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ଅଧିକ୍ତା ଆଦିତ୍ୟ ନାୟକ, ପଣ୍ଡିତ ଡ. ଶ୍ରୀ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ପ୍ରଶାନ୍ତ ଦେ, ମୁକ୍ତିକାନ୍ତ ମହାପାତ୍ର, ତାରକଦାସ ଆଜ୍ୟ, ବିବେକ ଭଟ୍ଟାଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ସାହୁ ଏବଂ ସଂସଦର ସଭାପତି ବାସୁଦେବ ବାରିକ୍ ଓ ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ଓ ପରିବାରର ପୁତ୍ର ଲକ୍ଷ୍ମୀଧର ପାଣି (ରାମନନା), ତଥା ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଅଛି । ଏଭଳି ପୂଜ୍ୟପୂଜା କାର୍ଯ୍ୟକ୍ରମ ଉତ୍ତରପିଢ଼ୀଙ୍କୁ ବାସ୍ତବ ଦିଶା ଦେଖାଇବ ବୋଲି ଉପସ୍ଥିତ ପ୍ରମୁଖ ବ୍ୟକ୍ତିମାନେ ମତପୋଷଣ କରନ୍ତି ।

# ସାହିତ୍ୟ ସମାଜର ଦର୍ପଣ ହୋଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରେ



ବାରିପଦା : ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ୧୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି. ଡଃ କୁମରମଣି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡଃ ରତ୍ନାକର ସିଂହ, ସମ୍ମାନିତ ଅତିଥି ଭାବେ ଡଃ ପ୍ରବୋଧ ଦେ, ପ୍ରାଧାପିକା ଡଃ ସ୍ମୃତି ପଟ୍ଟନାୟକ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ହୋଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରେ ବୋଲି କହିଥିଲେ. ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ବହ୍ନିମାନ ରଥ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ, କବି ମଧୁସୂଦନ ମିଶ୍ର ଓ କ୍ଷଣପ୍ରଭା ମହାନ୍ତିଙ୍କ ସଂଯୋଜନାରେ ରାଜ୍ୟରୁ ଆସିଥିବା କବି ସୁନ୍ଦର ସୁନ୍ଦର କବିତା ଆବୃତ୍ତି କରିଥିଲେ ।ଏହି ଅବସରରେ କବି ସ୍ନିଗ୍ଧା ମହାପାତ୍ରଙ୍କ କବିତା ପୁସ୍ତକ ବୋଉ ଏବଂ କବି ସୁଚରିତା ମହାନ୍ତିଙ୍କ ଲଳିତ ନିବନ୍ଧ ଜୀବନ୍ତ ଈଶ୍ୱରର ପୃଥିବୀ ଏବଂ ଅନ୍ୟାନ୍ୟ ରଚନା ଉନ୍ମୋଚିତ ହୋଇଥିଲା. ସେହିପରି ଅନୁଷ୍ଠାନ ତରଫରୁ ବିଶିଷ୍ଟ କବି ଡଃ ହରିଶ ଚନ୍ଦ୍ର ବେହେରାଙ୍କୁ ଭଞ୍ଜଦୀପ ସମ୍ମାନ, କେଶୁ ଦାସଙ୍କୁ ଭଞ୍ଜଦୀପ କଳା ସମ୍ମାନ, ସୋମନାଥ ସିଂହଙ୍କୁ ଭଞ୍ଜଦୀପ ସେବା ସମ୍ମାନ, ଡଃ ପୁଷ୍ପା ପାତ୍ରଙ୍କୁ ଭଞ୍ଜଦୀପ ପ୍ରାବନ୍ଧିକା ସମ୍ମାନ, ସବିତା ବେହେରାଙ୍କୁ ଭଞ୍ଜଦୀପ ସମ୍ମାନରେ ସମ୍ମାନିତ କରାଯାଇଥିଲା. ଉପ ସଭାପତି ଭାସ୍କର ବାରିକ ଓ କୋଷାଧକ୍ଷ ପାର୍ଥସାରଥି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସୁଚରିତା ମହାନ୍ତି ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଭିଟିଜି ଯୁବକ ଯୁବତୀଙ୍କ ପାଇଁ ଆବାସିକ ପ୍ରଶିକ୍ଷଣ ଶିବିର



ବାରିପଦା: ମୟୂରଭଞ୍ଜ ଜିଲ୍ଲାର ବିଶେଷ ଭାବେ ଆଦିମ ଜନଜାତି (ପିଭିଟିଜି) ବର୍ଗର ଯୁବକ ଯୁବତୀ ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ବାରିପଦା ସ୍ଥିତ ଗୁରୁଜୀ ଗାର୍ଡେନ ରିସର୍ଟ ଠାରେ ଏକ ୫ ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି. ନୃତତ୍ତ୍ୱ ଓ ପରିବେଶ ପର୍ଯ୍ୟଟନ ସହାୟତା ଶୀର୍ଷକ ଏହି ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ. ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ପର୍ଯ୍ୟଟନ ଓ ଯାତ୍ରା ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଥିବା ବେଳେ, ମୟୂରଭଞ୍ଜ ଇଣ୍ଟାକର ଆବାହିକା ତଥା ମୟୂରଭଞ୍ଜ ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ. ସମ୍ମାନିତ ଅତିଥି ଭାବେ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ରାଜ କମଲ ଶର୍ମା, ବାରିପଦା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ହିମାଂଶୁ ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ. ଏହି ଅଧିବେଶନରେ ଭାରତୀୟ ପର୍ଯ୍ୟଟନ ଓ ଯାତ୍ରା ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱରର ଅଧକ୍ଷା ପ୍ରଫେସର ଆଦ୍ୟାଶା ଦାସ ସଭାପତିତ୍ୱ କରି ଆଦିବାସୀ ସମ୍ପ୍ରଦାୟ ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସ୍ଥାୟୀ ଜୀବିକା ସୁଯୋଗ ଉପରେ ଆଲୋକପାତ କରିଥିଲେ. ମୟୂରଭଞ୍ଜ ଜିଲ୍ଲାର ମାଙ୍କଡ଼ିଆ, ବିରହୋର, ଲୋଧା, ଭୂମିଜ ଏବଂ ଶବର ସମ୍ପ୍ରଦାୟର ପ୍ରାୟ ୬୦ ଜଣ ଯୁବକ ଯୁବତୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଛନ୍ତି. ପର୍ଯ୍ୟଟନ କ୍ଷେତ୍ରରେ ଥିବା ସୁଯୋଗ ବିଷୟରେ ଯୁବକ ଯୁବତୀଙ୍କୁ ଅବଗତ କରାଇବା, ସାମାଜିକ ଓ ସାଂସ୍କୃତିକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ରୋଜଗାରକ୍ଷମ କରାଇବା ଏହି କାର୍ଯ୍ୟକ୍ରମର ମୁଳ ଲକ୍ଷ୍ୟ ରହିଛି ବୋଲି ଅତିଥି ମାନେ କହିଛନ୍ତି. ଏହି ପ୍ରଶିକ୍ଷଣ ଶେଷ ହେବା ପରେ ଏହି ଯୁବକ ଯୁବତୀ ମାନେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକ ମାନଙ୍କୁ ଉନ୍ନତ ଓ ଦାୟିତ୍ୱ ସମ୍ପନ୍ନ ସେବା ଯୋଗାଇବାରେ ସହାୟକ ହେବେ ବୋଲି ପର୍ଯ୍ୟଟନ ଅଧିକାରୀ କହିଛନ୍ତି.

# ଥାନାରେ ନ୍ୟାୟ ନ ପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧବୃଦ୍ଧା



ଧୂଷୁରୀ / ଅସୁରାଳି : ଧାମନଗର ବ୍ଲକ କୋଠାର ଗ୍ରାମର ଯୋଗେନ୍ଦ୍ର ଯେନା ଓ ତାଙ୍କ ପତ୍ନୀ ଜୟନ୍ତୀ ଯେନା ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବୃଦ୍ଧବୃଦ୍ଧା ଧୂଷୁରୀ ଥାନାରେ ପୁଅ ଅମରେନ୍ଦ୍ର ଯେନା ବୋହୂ ଭାନୁମତୀ ବିରୋଧରେ ଅଭିଯୋଗ କରିଛନ୍ତି । ଥାନାରୁ କୌଣସି ପ୍ରକାର ସହାୟତା ନ ପାଇ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରକାଶ ଯେ ଗତ ୧୫ବର୍ଷ ହେବ ତାଙ୍କ ପୁଅ ତାଙ୍କୁ ଅଲଗା କରିଦେଇଛନ୍ତି । କୌଣସି ଦିନ ବାପାମାଆ ଙ୍କୁ ଭରଣ ପୋଷଣ ଦେଉନାହାନ୍ତି କି ବିବାହତା ଝିଅଙ୍କୁ ଅନାଉ ନାହାନ୍ତି । ବହୁତ ହଇରାଣ ହରକତରେ ଭତ୍ତା ପଇସାରେ ଚଳନ୍ତି । ମୋ ନାଁରେ ବିଦ୍ୟୁତ ଉପଭୋଗା ଅଛି । ଥାନାରେ ବୃଦ୍ଧବୃଦ୍ଧା ଏତଲା ଦେଇଥିଲେ ଯେ ପୁଅବୋହୂ ଭରଣ ପୋଷଣ ଦେଉନାହାନ୍ତି କ୍ଷପ୍ରତିମାସ ୫୦୦ଟଙ୍କା ବିଦ୍ୟୁତ ବିଲ୍ ଭରିବାକୁ ମନା କରିବାରୁ ପୁଅ ତାଙ୍କ ସହ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ । ତେଣୁ ବାଧ ହୋଇ ସୁନା ବିକି ବିଦ୍ୟୁତ ବିଲ୍ ପୈଠ କରିଥିଲେ ବୃଦ୍ଧା ବୃଦ୍ଧ । ପୁଅ ବୋହୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ମାଡ ମାରି ଧମକ ଦେଇଥିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ।ଘଟଣା ସମ୍ପର୍କ ରେ ବୃଦ୍ଧ ବୃଦ୍ଧା ଥାନାରେ ନ୍ୟାୟ ନ ପାଇ ଏସିପି ଙ୍କ ଦ୍ୱାରସ୍ଥ ହୋଇଛନ୍ତି କ୍ଷ

# ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାମକୃଷ୍ଣ ସାହୁଙ୍କ ଏକାଦଶାହଃ ଉପଲକ୍ଷେ ସ୍ମୃତି ଚାରଣ ସଭା

ଜଳେଶ୍ୱର, ୧୬/୩-(ନିପ୍ର): ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାମକୃଷ୍ଣ ସାହୁଙ୍କ ଏକାଦଶାହଃ ଉପଲକ୍ଷେ ସ୍ମୃତି ଚାରଣ ସଭା ରବିବାର ସନ୍ଧ୍ୟାରେ ଏକତାଳି ଗ୍ରାମର ନିଜ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି ।ସ୍ୱର୍ଗତ ସହପାଠୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଖଗେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଅଧକ୍ଷ ଅକ୍ଷୟ କୁମାର ପରିଡ଼ା, ଆଇନଜୀବି ରାମଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ଦାସ, ତାଙ୍କର ସମୁଦୀ ଡାକ୍ତର ଜୀବନକୃଷ୍ଣ ସାହୁ ପ୍ରମୁଖ ମଞ୍ଚାସିନ ରହି ସ୍ୱର୍ଗତ ସାହୁ ଜଣେ ବନ୍ଧୁ ବତ୍ସଳ, ଛାତ୍ର ବତ୍ସଳ, ସମସ୍ତଙ୍କୁ ଭଲ ପାଉଥିବା ଜଣେ ଆଦର୍ଶ



ଶିକ୍ଷକ ଥିଲେ ।ସେ ରାମକୃଷ୍ଣ ପରମହଂସ ଭଳି ବହୁ ସଂସାର କୁ ସୁଧାର ଆଣିଥିଲେ ବୋଲି ବକ୍ତାମାନେ ବକ୍ତବ୍ୟରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଣେଶ ଚନ୍ଦ୍ର ପରିଡ଼ା, ଅଧିର କୁମାର ପ୍ରମାଣିକ, ଦେବେନ୍ଦ୍ର ନାଥ ପାଳ, ଗୌରହରୀ ସାହୁ, ଡାକ୍ତର ସମୀର କୁମାର ପାତ୍ର, ବିକର୍ତ୍ତନ କବି, ରାଜିବ କୁମାର ପାତ୍ର, ସୁଧାମଞ୍ଜରୀ ସାହୁ, ଲକ୍ଷ୍ମୀନାରାୟଣ ପାତ୍ର, ମନ୍ତୋଷ କୁମାର କାମିଲା, ଦିଲ୍ଲୀପ କୁମାର ସାହୁ, ଶିବ ଶଙ୍କର ସାହୁ, ପରମାନନ୍ଦ ନାୟକ ଉପସ୍ଥିତ ହୋଇ ସ୍ୱର୍ଗତ ସାହୁଙ୍କ ଗୁଣ ଗାରିମା ବାବଦରେ ବକ୍ତବ୍ୟ ରଖିବା ସହିତ ତାଙ୍କର ଆତ୍ମାର ସଦଗତି କାମନା କରିଥିଲେ।

# ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ ହେଉଛି ସରକାରୀ କାର୍ଯ୍ୟ




ବାଲେଶ୍ୱର : ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ଯୋଗୁଁ ଜିଲ୍ଲା ସଦର ମହକୁମା ସହ ସମସ୍ତ ବ୍ଲକର ସମସ୍ତ ସରକାରୀ ବିଭାଗର କାର୍ଯ୍ୟ ଦିନକୁଦିନ ଠପ ହେବାରେ ଲାଗିଛି । ସ୍ୱାସ୍ଥ୍ୟ, ଜଙ୍ଗଲ, ଶିକ୍ଷା, ତହସିଲ, ବ୍ଲକ,ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ସମସ୍ତ ସରକାରୀ ବିଭାଗକୁ ଆସୁଥିବା ଜଣସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବିଗତ ବର୍ଷଠାରୁ ପ୍ରତିଶୃତି ଦେଇ କର୍ମଚାରୀଙ୍କ ପାଇଁ ସରକାର କୌଣସି ସୁବିଧାସୁଯୋଗ ଯୋଗେଇଦେଇ ନାହାନ୍ତି, କର୍ମଚାରୀଙ୍କୁ ଛଟେଇ କରୁଛନ୍ତି । ତେଣୁ ବାଧହୋଇ କର୍ମଚାରୀମାନେ ଆଜକୁ ୬ ଦିନ ହେବ ଡହଡହ ଖରାରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନରେ ବସିଛନ୍ତି । ସରକାର ଲିଖିତ ପ୍ରତିଶୃତି ସହ ନିର୍ଦ୍ଦେଶନାମା ଜାରିକଲେ କର୍ମଚାରୀମାନେ ପୁଣି କାର୍ଯ୍ୟକ୍ଷେତ୍ରରେ ଯୋଗଦାନ କରିବେ ବୋଲି ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ଶାସମଲ କହିଛନ୍ତି । ରାଜ୍ୟ ସରକାର ତୁରନ୍ତ ମହାସଂଘ ସହ ଆଲୋଚନା କରି ସରକାରୀ କାର୍ଯ୍ୟ ସ୍ୱଭାବିକ କରିବାକୁ ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି । ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ଯଥାର୍ଥ, ତେଣୁ ସରକାର ଯଥାଶୀଘ୍ର ଦାବି ଉପରେ ବିଚାରକରି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀ ମୋହଲରେ ଆଲୋଚନା ହେଉଛି ।

# ଇନ୍ଧନ ସଙ୍କଟରେ ସମଗ୍ର ଏସିଆରେ ହାହାକାର

## କେଉଁଠି ୱାର୍କ ଫ୍ରମ୍ ହୋମ୍ ତ ଆଉ କେଉଁ ସ୍କୁଲ ବନ୍ଦ

ନୂଆଦିଲ୍ଲୀ : ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ମଧ୍ୟ-ପୂର୍ବରେ ଲାଗି ଥିବା ସଂଘର୍ଷ ଓ ତୈଳ ଗ୍ୟାସର ଦାମ୍‌ରେ ଖୁବ୍ ବୃଦ୍ଧି ମଧ୍ୟରେ ଭାରତ ସମେତ ସବୁ ଏସିଆନ ଦେଶ ଶକ୍ତି ବଞ୍ଚାଇବା ଏବଂ ଆର୍ଥିକ ପ୍ରଭାବକୁ ହ୍ରାସ କରିବା ପାଇଁ ଅନେକ ଜରୁରୀକାଳୀନ ପଦକ୍ଷେପ ଉଠାଇଛନ୍ତି । ବିଶେଶଜ୍ଞଙ୍କ ଅନୁସାରେ, ଏସିଆ ନିଜର ମୋଟ ତୈଳ ଆବଶ୍ୟକତାର ପାଖାପାଖି ୬୦ ପ୍ରତିଶତ ମଧ୍ୟ-ପୂର୍ବରୁ ଆମଦାନୀ କରିଥାଏ , ଏଥିପାଇଁ ଏନର୍ଜୀ ମାର୍କେଟ୍‌ରେ ଉତ୍ଥାନ ପତନର ପ୍ରଭାବ ଏହି କ୍ଷେତ୍ରରେ ସବୁଠୁ ଅଧିକ ପଡ଼ିଥାଏ।

ଇନ୍ଧନ ସଙ୍କଟକୁ ଦେଖି ଭାରତ ରଣନୀତିକ ତୈଳ ଭଣ୍ଡାରର ଉପଯୋଗ , ରୁଷ୍‌ରୁ ତୈଳ ଆମଦାନୀରେ ବୃଦ୍ଧି ଓ ଘରୋଇ ରିଫାଇନାରୀ ଗୁଡ଼ିକୁ ଏଲପିଜି ଉତ୍ପାଦନ ବଢାଇବାର ନିର୍ଦ୍ଦେଶ ଭଳି ଅନେକ ପଦକ୍ଷେପ ନେଇଛି । ଏହା ବ୍ୟତୀତ ସରକାର ମଧ୍ୟ ହେରଫେରକୁ ରୋକିବା ପାଇଁ କଡ଼ା ନଜର ରଖିଛନ୍ତି, ବୈକଳ୍ପିକ ଯୋଗାଣ ମାର୍ଗର ଅନୁସନ୍ଧାନ ଓ ଖୁଚୁରା ମୂଲ୍ୟରେ ସ୍ଥିରତା ଆଣିବାକୁ ପ୍ରୟାସ କରୁଛନ୍ତି । ଭାରତ ଜରୁରୀକାଳୀନ ପ୍ରାବଧାନର ଉପଯୋଗ କରି ଏଲପିଜିକୁ ଔଦ୍ୟୋଗିକ ଉପଯୋଗରୁ ହଟାଇ ଘରୋଇ ଉପଭୋକ୍ତାଙ୍କ ଆଡ଼କୁ ମୋଡ଼ିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯାହାକି ସାଧାରଣ ଲୋକେ ଗ୍ୟାସର ଅଭାବର ସମ୍ମୁଖୀନ ହେବେ ନାହିଁ। ସରକାର ରାଜ୍ୟଗୁଡ଼ିକୁ ଏଲପିଜିର କଳାବଜାରୀ ରୋକିବା ପାଇଁ ସତର୍କ ରହିବା ଓ ମନିଟରିଂ ବଢାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବୀୟ




ପଡୋଶୀ ଦେଶ ବାଂଲାଦେଶ ବର୍ତ୍ତମାନ ଗୁରୁତର ଇନ୍ଧନ ସଙ୍କଟ (ଫୁଏଲ କ୍ରାଏସେସ)ର ସମ୍ମୁଖୀନ ହେଉଛି, ଯାହାର ମୁଖ୍ୟ କାରଣ ମଧ୍ୟ ପୂର୍ବରେ ଚାଲିଥିବା ଇରାନ ଯୁଦ୍ଧ। ଦେଶର ୯୫ ପ୍ରତିଶତ ଶକ୍ତି ଆବଶ୍ୟକତା ଆମଦାନୀ ଉପରେ ନିର୍ଭରଶୀଳ, ଯାହା ବୈଶ୍ୱିକ ସପ୍ଲାଇ ବାଧାପ୍ରାପ୍ତ ହେବାର କାରଣରୁ ପ୍ରଭାବିତ ହୋଇଛି। ଭାରତ ଜରୁରୀକାଳୀନ ପ୍ରାବଧାନର ଉପଯୋଗ କରି ଏଲପିଜିକୁ ଔଦ୍ୟୋଗିକ ଉପଯୋଗରୁ ହଟାଇ ଘରୋଇ ଉପଭୋକ୍ତାଙ୍କ ଆଡ଼କୁ ମୋଡ଼ିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯାହାକି ସାଧାରଣ ଲୋକେ ଗ୍ୟାସର ଅଭାବର ସମ୍ମୁଖୀନ ହେବେ ନାହିଁ। ସରକାର ରାଜ୍ୟଗୁଡ଼ିକୁ ଏଲପିଜିର କଳାବଜାରୀ ରୋକିବା ପାଇଁ ସତର୍କ ରହିବା ଓ ମନିଟରିଂ ବଢାଇବାକୁ

ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବୀୟ ପଡୋଶୀ ଦେଶ ବାଂଲାଦେଶ ବର୍ତ୍ତମାନ ଗୁରୁତର ଇନ୍ଧନ ସଙ୍କଟ (ଫୁଏଲ କ୍ରାଏସେସ)ର ସମ୍ମୁଖୀନ ହେଉଛି, ଯାହାର ମୁଖ୍ୟ କାରଣ ମଧ୍ୟ ପୂର୍ବରେ ଚାଲିଥିବା ଇରାନ ଯୁଦ୍ଧ। ଦେଶର ୯୫ ପ୍ରତିଶତ ଶକ୍ତି ଆବଶ୍ୟକତା ଆମଦାନୀ ଉପରେ ନିର୍ଭରଶୀଳ, ଯାହା ବୈଶ୍ୱିକ ସପ୍ଲାଇ ବାଧାପ୍ରାପ୍ତ ହେବାର କାରଣରୁ ପ୍ରଭାବିତ ହୋଇଛି। ଏହି ସଙ୍କଟର କାରଣରୁ ବାଂଲାଦେଶରେ ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। କାରଣ ସରକାର ଇନ୍ଧନ ସପ୍ଲାଇ ସୀମିତ କରି ଦେଇଛନ୍ତି। ଶକ୍ତି ସଞ୍ଚୟ ପାଇଁ ଅନେକ ବିଶ୍ୱବିଦ୍ୟାଳୟକୁ ମଧ୍ୟ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ସଙ୍କଟ ମଧ୍ୟରେ ଭାରତ ନେବରହୁଡ୍ ଫଷ୍ଟର ନୀତି ଅନୁସାରେ ବାଂଲାଦେଶକୁ ୫,୦୦୦ ଟନ୍ ଡିଜେଲର ପ୍ରଥମ ପର୍ଯ୍ୟାୟ ପାଇପ୍‌ଲାଇନ ମାଧ୍ୟମରେ ପଠାଇଛି। ପଶ୍ଚିମ ପଡୋଶୀ ଦେଶ ପାକିସ୍ତାନ ମଧ୍ୟ ଇନ୍ଧନ ସଙ୍କଟ ମଧ୍ୟରେ ଶକ୍ତି ସଞ୍ଚୟ ପାଇଁ ଅନେକ ଦୃଢ ପଦକ୍ଷେପ ନେଇଛି। ପାକ୍ ସରକାର ସରକାରୀ ଗାଡ଼ି ଗୁଡ଼ିକର ଇନ୍ଧନରେ ୫୦ ପ୍ରତିଶତ ରିହାତି କରିଦେଇଛି, ଅନ୍ୟପଟେ ଅଫିସ ଗୁଡ଼ିକରେ ୪ ଦିବସୀୟ କାର୍ଯ୍ୟ ସପ୍ତାହ ଲାଗୁ କରାଯାଇଛି। ଏହା ବ୍ୟତୀତ ୫୦ପ୍ରତିଶତ କର୍ମଚାରୀଙ୍କ ପାଇଁ ୱାର୍କ ଫ୍ରମ୍ ହୋମ୍ କରିବାର ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ୍ ଗୁଡ଼ିକୁ ଦୁଇ ସପ୍ତାହ ପାଇଁ ବନ୍ଦ କରିବା ଏବଂ ସରକାରୀ ସ୍ତରରେ ଅନାବଶ୍ୟକୀୟ କାର୍ଯ୍ୟକ୍ରମ ଉପରେ ମଧ୍ୟ ରୋକ୍ ଲାଗିଛି। ପାକିସ୍ତାନ ମନ୍ତ୍ରୀ, ପରାମର୍ଶଦାତା ଓ ସରକାରୀ ଅଧିକାରୀଙ୍କ ବୈଦେଶିକ ଗସ୍ତରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି। ସରକାରୀ ଅଫତାର ପାର୍ଟି ଓ କାର୍ଯ୍ୟକ୍ରମ ଗୁଡ଼ିକରେ ମଧ୍ୟ ପୂର୍ଣ୍ଣ ପ୍ରତିବନ୍ଧକ ଲାଗିଛି। ଚୀନ ମଧ୍ୟ ଏହି ଇନ୍ଧନ ସଙ୍କଟରୁ ରକ୍ଷା ପାଇବା ପାଇଁ ନିଜର ବିଶାଳ ଷ୍ଟ୍ରାଟେଜିକ୍ ଅଏଲ ରିଜର୍ଭ (ରଣନୀତିକ ତୈଳ ଭଣ୍ଡାର)ର ଉପଭୋଗ ଆରମ୍ଭ କରି ଦେଇଛି, ଯାହା ୧୦୦ଦିନରୁ ଅଧିକର ଆବଶ୍ୟକତା ପୂରା କରିପାରେ। ଏହାସହ ଚୀନ କ୍ରୁଡ୍ ଅଏଲର କ୍ରୟକୁ ବଢାଇ ଦେଇଛି। ଇନ୍ଧନ ରପ୍ତାନୀକୁ ଅସ୍ଥାୟୀ ଭାବେ ରୋକି ଦେଇଛି।

ଆମର ପ୍ରୟାସ
AAMAR PRAYAS



# ଆସାମରେ ୫୨୬ କୋଟି ଟଙ୍କାର ଜଳପଥ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ମୋଦୀ



ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ଗୁଓ୍ୱାହାଟୀଠାରେ ଉତର-ପୂର୍ବ ଭାରତର ବିକାଶ ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ୫୨୬ କୋଟି ଟଙ୍କାର ଚାରିଟି ଗୁରୁତ୍ୱପୂର୍ଣ୍ଣ ଜଳପଥ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ ଗୁଓ୍ୱାହାଟୀର ପାଣ୍ଡୁ ପୋର୍ଟକୁ ଜାତୀୟ ରାଜପଥ-୨୭ ସହିତ ସଂଯୋଗ କରୁଥିବା ଏକ ଆଧୁନିକ ଉଚ୍ଚସ୍ଥିତ ସେତୁ କୁ ଜାତି ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଏହାସହ ବିଶ୍ୱନାଥ ଘାଟ ଓ ନେଆମତିରେ ନୂତନ କ୍ରୁଜ୍ ଟର୍ମିନାଲ ଏବଂ ଡିବ୍ରୁଗଡ଼ର ବୋଗୀବୀଲଠାରେ ଏକ ଆଂଚଳିକ କେନ୍ଦ୍ର ଅଫ୍ ଏକ୍ସିଲେନ୍ସ ପାଇଁ ଭୂମି ପୂଜନ କରିଛନ୍ତି। ବ୍ରହ୍ମପୁତ୍ର ନଦୀର ଜାତୀୟ ଜଳପଥ-୨ ଉପରେ ଏହିସବୁ ପ୍ରକଳ୍ପଗୁଡ଼ିକ ଭାରତୀୟ ଅ'ର୍ଦେଶୀୟ ଜଳପଥ ପ୍ରାଧିକରଣ ଦ୍ୱାରା ନିର୍ମାଣ କରାଯାଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡ଼ିକ କେବଳ ଭିତିଭୂମିର ବିକାଶ ନୁହେଁ, ବରଂ ଆସାମର ପର୍ଯ୍ୟଟନ ଏବଂ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ଏକ ମୁଖ୍ୟ ମାଧ୍ୟମ ସାଜିବ। ଗୁଓ୍ୱାହାଟୀର ଜ୍ୟୋତି-ବିଷ୍ଣୁ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଡା. ହିମ' ବିଶ୍ୱ ଶର୍ମା ଏବଂ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ଉପସ୍ଥିତ ଥିଲେ। ଶ୍ରୀ ସୋନୋଓ୍ୱାଲ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଉତର-ପୂର୍ବ ଭାରତ ସମ୍ଭାବନାର ଅଂଚଳରୁ ଉନ୍ନତିର ଅଂଚଳରେ ପରିଣତ ହୋଇଛି ଏବଂ ବ୍ରହ୍ମପୁତ୍ର ନଦୀ ଏବେ ଲକ୍ଷାଧିକ ଲୋକଙ୍କ ପାଇଁ ନୂତନ ସୁଯୋଗର ରାସ୍ତା ଫିଟାଇଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡ଼ିକ ଆସାମର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟର ସମୃଦ୍ଧିକୁ ବଢ଼ାଇବ। ଏହାଦ୍ୱାରା ବ୍ରହ୍ମପୁତ୍ର ନଦୀ ଏବେ କେବଳ ଏକ ନଦୀ ହୋଇ ରହିବ ନାହିଁ, ବରଂ ବ୍ୟାପାର ଓ ପର୍ଯ୍ୟଟନ ପାଇଁ ଏକ ବଡ଼ ମାଧ୍ୟମ ସାଜିବ। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ 'ଆକ୍ଟ ଇଷ୍ଟ ପଲିସି' ଯୋଗୁଁ ବ୍ରହ୍ମପୁତ୍ର ନଦୀ ଏବେ ଆସାମକୁ ଦକ୍ଷିଣ-ପୂର୍ବ ଏସିଆ ସହିତ ଯୋଡ଼ିବ। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଜାତୀୟ ଜଳପଥ-୨ ମାଧ୍ୟମରେ ପରିବହନ ଖର୍ଚ୍ଚ କମିବ ଏବଂ ଆଂଚଳିକ ସଂଯୋଗୀକରଣ ଶକ୍ତିଶାଳୀ ହେବ। ଏହା ସମଗ୍ର ଉତର-ପୂର୍ବ ଭାରତ ପାଇଁ ଏକ ପରିବର୍ତନଶୀଳ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି।

ଆସାମର ଡିବ୍ରୁଗଡ଼ସ୍ଥିତ ବୋଗୀବୀଲଠାରେ ୧୮୮ କୋଟି ଟଙ୍କା ବିନିଯୋଗରେ ଉତର-ପୂର୍ବ ଭାରତର ପ୍ରଥମ 'ଆଂଚଳିକ କେନ୍ଦ୍ର ଅଫ୍ ଏକ୍ସିଲେନ୍ସ' ପ୍ରତିଷ୍ଠା ହୋଇପାରିଛି। ଏହି ଅତ୍ୟାଧୁନିକ କେନ୍ଦ୍ର ପ୍ରତିବର୍ଷ ୫,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଜାହାଜ ଚାଳନା, ନାଭିଗେସନ୍ ଏବଂ ମାରିଟାଇମ୍ ଲଜିଷ୍ଟିକ୍ସ ଭଳି ବିଭିନ୍ନ ବୈଷୟିକ କ୍ଷେତ୍ରରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବ। ଏଥିସହ ନେଆମତି ଓ ବିଶ୍ୱନାଥ ଘାଟଠାରେ ୧୫୮ କୋଟି ଟଙ୍କା ବ୍ୟୟରେ ଦୁଇଟି ନୂତନ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ଜାତୀୟ ଜଳପଥ-୨ରେ କ୍ରୁଜ୍ ପର୍ଯ୍ୟଟନକୁ ଅଧିକ ଗତିଶୀଳ କରିବା ସହ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇଦେବ। ଏହି ପଦକ୍ଷେପଗୁଡ଼ିକ ଆସାମର ଭିତିଭୂମିକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତନ ଆଣିବ।

# ଆଦିବାସୀ ଅଞ୍ଚଳରେ ବନ୍ଦ ୧୫,୬୩୨ ବିଦ୍ୟାଳୟ ପୁନଃ ଖୋଲିବାକୁ କେନ୍ଦ୍ରକୁ ଦାବୀ

ନୂଆଦିଲ୍ଲୀ: ସଂସଦର ବଜେଟ ଅଧିବେଶନ ରେ ରାଜ୍ୟସଭା ରେ ସାଂସଦ ନିରଞ୍ଜନ ବିଶି ଭାରତ ତଥା ଓଡିଶା ର ଆଦିବାସୀ, ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ର ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା ବିକାଶ, ବିସ୍ଥାପିତ ଙ୍କ ପୁନର୍ବାସ ଥାଇଥାନ, କ୍ଷତିପୂରଣ ପ୍ରଦାନ ପାଇଁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ କ୍ଷ ସାଂସଦ ଶ୍ରୀ ବିଶି କହିଲେ ଯେ ଦେଶରେ ଦେଢ଼ କୋଟି ରୁ ଉର୍ଦ୍ଧ ଆଦିବାସୀ ଡ୍ୟାମ ପ୍ରୋଜେକ୍ଟ, ଖଣି ଖାଦାନ, ଶିଳ୍ପ କାରଖାନା, ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ଅଭୟକ୍ଷରଣ୍ୟ ଭଳିଆ ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଛନ୍ତି କ୍ଷ ଦେଶର ଝାଡଖଣ୍ଡ, ଓଡିଶା, ଛତିଶଗଡ, ଅନ୍ଧ୍ରପ୍ରଦେଶ ରାଜ୍ୟରେ ଆଦିବାସୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି କ୍ଷ ସର୍ଦାର ସରୋବର ଡ୍ୟାମ ପ୍ରକଳ୍ପ ରେ ୮୫ ହଜାର ଆଦିବାସୀ ପରିବାର ବିସ୍ଥାପିତ ହୋଇଥିବା ବେଳେ ପୋଲାଭରମ ନଦୀବନ୍ଧ ଯୋଜନାରେ ୩ ଶହ ଗାଁ ର ଆଦିବାସୀ ବିସ୍ଥାପିତ କ୍ଷ ଓଡିଶା ରାଜ୍ୟରେ ଆଦିବାସୀ ଗାଁ ମାନଙ୍କ ରେ ୧୫୬୩୨ ସରକାରୀ ବିଦ୍ୟାଳୟ ବନ୍ଦ ହୋଇଯାଇଛି କ୍ଷ ସେହି ସ୍କୁଲ ପୁଣି ଆରମ୍ଭ କରିବାକୁ ଭାରତ ସରକାର ପାଣ୍ଠି ବିନିଯୋଗ କରନ୍ତୁ ବୋଲି ସାଂସଦ ଶ୍ରୀ ବିଶି ଦାବୀ କରିଥିଲେ କ୍ଷ ସେହିପରି ବେସରକାରୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ମାନଙ୍କ ରେ ଏସଟି ଏସସି ଛାତ୍ରଛାତ୍ରୀ ନିଃଶୁଳ୍କ ପାଠ ପଢ଼ିବା ସୁଯୋଗ ପାଉଥିଲେ କ୍ଷ ୨ବର୍ଷ ହେଲା ଏହି ଯୋଜନା ବନ୍ଦ ରହିଛି ତେଣୁ ପାଣ୍ଠି ମଞ୍ଜୁରୀ କରାଯାଉ କ୍ଷ ବିଏସସି ନର୍ସିଂ ଓ ଜିଏନଏମ କୋର୍ସ ପଢୁଥିବା ଏସଟି ଏସସି ଛାତ୍ରଛାତ୍ରୀ ମାନଙ୍କୁ ବର୍ଷ କୁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା ୨ ବର୍ଷ ବନ୍ଦ ହୋଇଯାଇଛି ସେଥିପାଇଁ ଅତିରିକ୍ତ ବଜେଟ ବ୍ୟବସ୍ଥା କରି ପାଣ୍ଠି ଦିଆଯାଉ କ୍ଷ




ଆଦିବାସୀ ଉପ ଯୋଜନା (ଟିଏସପି ) ଉପଜାତି ଉପ ଯୋଜନା ରେ ପାଣ୍ଠି ମଞ୍ଜୁରୀ, ଜାତୀୟ ଏସଟି ଏସସି ଆର୍ଥିକ ବିକାଶ ନିଗମ ମାଧ୍ୟମ ରେ ଆଦିବାସୀ ଦଳିତ ମାନଙ୍କୁ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ଋଣ ସବସିଡି ଦିଆଯାଉ, ପିଭିଟିଜି ଆଦିବାସୀ ମାନଙ୍କ ଅର୍ଥନୈତିକ ପ୍ରଗତି ପାଇଁ ବଜେଟ ଏସ୍ଟିମେଟ କରାଯାଉ, ଲଘୁ ବନଜାତ ଦ୍ରବ୍ୟ ମହୁଲ, ଝୁଣା, ହରିଡ଼ା ବାହାଡ଼ା,ଅଂଳା ଆଦି ସଂଗ୍ରହ ବିକ୍ରୟ କରି ଜୀବନ ଜୀବକା ନିର୍ବାହ କରୁଥିବା ଆଦିବାସୀ ମାନଙ୍କ ପାଇଁ ଏମଏସପି ଏବଂ ଇନପ୍ୟୁଟି ସବସିଡ଼ି ଦିଆଯାଉ ବୋଲି ଦାବୀ କରିଥିଲେ କ୍ଷ ଆଦିବାସୀ ଦଳିତ ଏବଂ ସମାଜର ପଛ ଧାଡ଼ି ରେ ଥିବା ଲୋକଙ୍କ ବିକାଶ ନ ହେଲେ ସେମାନେ ଦେଶର ମୁଖ୍ୟ ସ୍ରୋତ ରେ ସାମିଲ ହୋଇପାରିବେ ନାହିଁ କ୍ଷ ବାବା ସାହେବ ଭୀମ ରାଓ ଆମ୍ବେଦକର ଙ୍କ ସପ୍ନ ଏବଂ ଲକ୍ଷ ପୂରଣ କରିବାକୁ ହେଲେ ପଛୁଆ ବର୍ଗ ର ବିକାଶ ଜରୁରୀ ଏ ଦିଗରେ ସରକାର ଯତ୍ନବାନ ହେବା ଉଚିତ ବୋଲି କହିଥିଲେ।

# ଏକାଧିକ ସ୍ୱତନ୍ତ୍ର ଟ୍ରେନକୁ ନିୟମିତ ଏକ୍ସପ୍ରେସରେ ପରିଣତ କଲା ଭାରତୀୟ ରେଳବାଇ



ଭୁବନେଶ୍ୱର: ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ନିରନ୍ତର ଓ ସୁବିଧାଜନକ ଯାତ୍ରା ସେବା ଯୋଗାଇବା ଉଦ୍ଦେଶ୍ୟରେ, ଭାରତୀୟ ରେଳବାଇ ପୂର୍ବରୁ ସ୍ୱତନ୍ତ୍ର (ସ୍ପେଶାଲ୍) ଟ୍ରେନ୍ ଭାବରେ ଚାଲୁଥିବା କିଛି ଟ୍ରେନକୁ ନିୟମିତ କରିବା ପାଇଁ ଅନୁମୋଦନ କରିଛି। ଏହା ଦ୍ୱାରା ଯାତ୍ରୀମାନେ ଅଧିକ ସୁବିଧା, ସ୍ଥିରତା ଓ ନିର୍ଭରଯୋଗ୍ୟ ରେଳ ସେବାର ଲାଭ ଉଠାଇପାରିବେ। ସେହି ଟ୍ରେନ ଗୁଡିକ ହେଲା :-

୧. ଟ୍ରେନ ନମ୍ବର ୦୨୮୩୨/ ୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ।

୨. ସେହିପରି, ଟ୍ରେନ ନମ୍ବର ୦୮୪୩୯/୦୮୪୪୦ ପୁରୀ-ପାଟନା-ପୁରୀ ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ-ପାଟନା-ପୁରୀ ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ।

୩. ଟ୍ରେନ୍ ନମ୍ବର ୦୮୫୮୩/ ୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୭/ ୧୮୫୦୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ।

୪. ଟ୍ରେନ୍ ନମ୍ବର ୦୮୫୮୧/ ୦୮୫୮୨ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୯/୧୮୫୧୦ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ।

୫. ଟ୍ରେନ୍ ନମ୍ବର ୦୮୫୪୭/ ୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୫/ ୧୮୫୦୬ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ।

୬. ଟ୍ରେନ୍ ନମ୍ବର ୦୮୫୭୯/ ୦୮୫୮୦ ବିଶାଖାପାଟଣା-ଚାର୍ଲାପାଲି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୨୭/ ୧୮୫୨୮ ବିଶାଖାପାଟଣା-ଚାର୍ଲାପାଲି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚାଲିବ।

ଏହି ଟ୍ରେନଗୁଡ଼ିକ ସ୍ୱତନ୍ତ୍ର ଟ୍ରେନ ଭାବରେ ଚଳାଚଳ କରିବା ଦିନଠାରୁ ଯାତ୍ରୀ ମାନଙ୍କର ଉତ୍ସାହଜନକ ସମର୍ଥନ ପାଇଆସୁଛି। ନିରନ୍ତର ଚାହିଦା ଏବଂ ଉନ୍ନତ ରେଳ ସଂଯୋଗୀକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଏହି ଟ୍ରେନଗୁଡ଼ିକର ନିୟମିତ ସେବାରେ ପରିଣତ କରାଯିବା ଦ୍ୱାରା ଯାତ୍ରୀମାନେ ବହୁତ ଉପକୃତ ହେବେ।

ନିୟମିତ ଟ୍ରେନ୍ ସେବା ଭୁବନେଶ୍ୱର, ପୁରୀ, ପାଟନା, ଧନବାଦ, ବିଶାଖାପାଟଣା, ତିରୁପତି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍ ସହର ଭଳି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବା ସହ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଝାଡ଼ଖଣ୍ଡ ଏବଂ କର୍ଣ୍ଣାଟକ ରାଜ୍ୟମାନଙ୍କ ମଧ୍ୟରେ ଯାତ୍ରାକୁ ଅଧିକ ସୁବିଧାଜନକ ଓ ସୁଗମ କରିଥାଏ।

ଏହି ଟ୍ରେନ୍ ଗୁଡ଼ିକର ରହଣି, ସମୟସୂଚୀ ଏବଂ ସରଞ୍ଜନା ପୂର୍ବରୁ ସ୍ୱତନ୍ତ୍ର ସେବା ଭାବେ ଚାଲୁଥିବାବେଳେ ଯେପରି ଥିଲା ସେହିପରି ଅପରିବର୍ତ୍ତିତ ରହିବ। ନିୟମିତ ହେବାକୁ ଥିବା ଏହି ଟ୍ରେନ ଗୁଡିକର ସେବା ଆରମ୍ଭ ତାରିଖକୁ ଅଲଗା ଭାବେ ସୂଚିତ କରାଯିବ।

ଏହି ପଦକ୍ଷେପ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ନିରାପଦ, ଆରାମଦାୟକ ଏବଂ ବିଶ୍ୱସନୀୟ ଯାତ୍ରା ସୁନିଶ୍ଚିତ କରିବା ସହିତ ଯାତ୍ରୀଙ୍କ ଆବଶ୍ୟକତାକୁ ସକ୍ରିୟ ଭାବରେ ପୂରଣ କରିବା ପାଇଁ ଭାରତୀୟ ରେଳବାଇର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ।

# ନବରଙ୍ଗପୁର ରେଳପଥ ପ୍ରକଳ୍ପର ନୂଆ ଅଧ୍ୟାୟ ଆରମ୍ଭ




ନବରଙ୍ଗପୁର : ଆଜି ସ୍ଥାନୀୟ ତହସିଲଦାର ,ନବରଙ୍ଗପୁର ଙ୍କ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ଜମି ହରାଇଥିବା ୮ ଜଣ ବ୍ୟକ୍ତିଙ୍କୁ ମୋଟ ୨୪ କୋଟି ୫୭ ଲକ୍ଷ ୬୮ ହଜାର ୮୧୩ ଟଙ୍କା ର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।ତହସିଲଦାର ଭୁଲେଶ୍ୱର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି ପ୍ରକଳ୍ପ ନିମନ୍ତେ ନବରଙ୍ଗପୁର ଏବଂ ନନ୍ଦାହାଣ୍ଡି ତହସିଲ ର ୬ ଟି ମୌଜା ର ୬.୩୯୩ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ବଳକା ୦.୫୮୮ ଏକର ଜମିର ଅଧିଗ୍ରହଣ ପ୍ରକ୍ରିୟା ରେ ଅଛି।ନବରଙ୍ଗପୁର ତହସିଲର କେଶରିଗୁଡ଼ା ମୌଜା ରେ ୩୦.୧୫୫ ଏକର ଜମି ଓଡ଼ିଶା ସରକାରଙ୍କ ପାଖରେ ବିଚାରଧିନ ଅଛି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ କ୍ରମେ ଜମି ଅଧିଗ୍ରହଣ କାମ ଆରମ୍ଭ ହେବ।

ମାନ୍ୟବର ସାଂସଦ ନିଜ ବକ୍ତବ୍ୟରେ ୨୦୧୬ ରୁ କଳ୍ପନା କରିଥିବା ନବରଙ୍ଗପୁର ରେଳପଥ ଆଜି ଆରମ୍ଭ ହୋଇଥିବା 'ଜମି ଅଧିଗ୍ରହଣ କ୍ଷତି ପୂରଣ ରାଶି ବିତରଣ' କାର୍ଯ୍ୟକ୍ରମକୁ ନିଜ ଜୀବନର ଏକ ସ୍ମରଣୀୟ ଘଟଣା ହୋଇ ରହିବ ଏବଂ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲା ବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ବୋଲି କହିଥିଲେ।ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଜମି ଅଧିଗ୍ରହଣ ରେ ନିଜ ପୈତୃକ ଜମି ହରାଇଥିବା ବ୍ୟକ୍ତିଙ୍କୁ ଜିଲ୍ଲାର ପ୍ରଗତିରେ ନିଜ ର ଯୋଗଦାନକୁ ଜିଲ୍ଲାବାସୀ ସବୁଦିନ ମନେ ରଖିବେ ବୋଲି କହିବା ସହ ସରକାର ଙ୍କ କ୍ଷତି ପୂରଣ ଆର୍ଥିକ ସହାୟତା ରେ ସନ୍ତୁଷ୍ଟ ନ ହେଲେ ଉଚ୍ଚ କତୃପକ୍ଷ ଠାରେ ଆବେଦନ କରିପାରିବେ ବୋଲି କହିଥିଲେ।

ପ୍ରସ୍ତାବିତ ଜୁନାଗଡ - ନବରଙ୍ଗପୁର ,ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି - ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ ଅଟେ ଏବଂ ଏହା ୨୦୨୯ -୩୦ ସୁଦ୍ଧା ସମ୍ପୂର୍ଣ୍ଣ ହେଲେ ନବରଙ୍ଗପୁର ଜିଲ୍ଲା ର ଆର୍ଥିକ ଅଭିବୃଦ୍ଧି ରେ ବଡ ସହାୟକ ହେବ ବୋଲି ସାଂସଦ କହିଥିଲେ। କାର୍ଯ୍ୟକ୍ରମରେ ଜମି ହରାଇଥିବା ବ୍ୟକ୍ତି, ବରିଷ୍ଠ ଆଇନଜୀବି ଝାଡେଶ୍ୱର ଖାଡ଼ଙ୍ଗା, ଜ୍ୟୋତି ରଞ୍ଜନ କଂସ,ଡି ଆଇ ପି ଆର୍ ଓ ମନୋଜ ବେହେରା, ବିଡିଓ ସୁନିଲ ଖରାଙ୍କ ସମେତ ଅନେକ ଚାଷୀ, ବୁଦ୍ଧିଜୀବି, ସ୍ଥାନୀୟ ଜନ ସାଧାରଣ,ତହସିଲ କାର୍ଯ୍ୟାଳୟ କର୍ମଚାରୀ,ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଆଶୁତୋଷଙ୍କୁ ନ୍ୟାୟ ମିଳିବ କେବେ ?

ଭୁବନେଶ୍ୱର : ଗତ କିଛି ଦିନ ପୂର୍ବ ଆଶୁତୋଷ ପରିଜା (୧୯)ବର୍ଷ କିଟ କଲେଜ ଆରକେ ଟେକଚର ୩ବର୍ଷର ଛାତ୍ର, ନିଜ ସାଙ୍ଗ ମାନଙ୍କ ସହ ପୁରୀ ଯାଉଥିବା ବେଳେ ହାଇଟେକ ପୁରୀ ଜାତୀୟ ରାଜପଥ ସାଇ ମନ୍ଦିର ଟ୍ରାଫିକ ଛକଠାରେ ମୃତ ଦେହ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକ ପିସିଆରକୁ ଫୋନ କଲେ। ବଡ଼ଗଡ଼ ପିସିଆର ଆସି ମୃତ ଦେହ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ବଡ଼ଗଡ଼ ପୋଲିସ ତଦନ୍ତ କରି ଜାଣିବା ପରେ ଆଶୁତୋଶର ସାଥିରେ ଥିବା ସାଙ୍ଗ ମାନଙ୍କୁ ପଚାରିଲେ। ବଡ଼ଗଡ଼ ପୋଲିସ ଆଇଆଇସି ତୃପ୍ତିରଞ୍ଜନ ନାୟକ, ଏସଆଇ ସୁବୋଧ ପ୍ରଧାନ ତଦନ୍ତ କରି ତରବରିଆ ଭାବେ ଚାର୍ଜସିଟି କୋର୍ଟକୁ ପଠେଇ ଦେଲେ ବୋଲି ମୃତ ଆଶୁତୋଷର ମା' ସସ୍ମିତା ପରିଜା ଅଭିଯୋଗ କରିଛନ୍ତି। ମୃତ ଆଶୁତୋଷର ମା' ସସ୍ମିତା ପରିଜା ଘଟଣା ଦିନ ସକାଳୁ ନିଜ ଫ୍ଲାଟରୁ ସ୍କୁଟି ଆଶୁତୋଷ କୁ ନେଇଥିବା ପିଲା ଓ ୫ଜଣ ସାଙ୍ଗ ପିଲା ନାମରେ ଏଫଆର ଦେଇଥିଲେ ମଧ୍ୟ ପୋଲିସ କୌଣସି ତଦନ୍ତ ନ କରି ଏକ ଦୁର୍ଘଟଣା ଅପମୃତ୍ୟୁ ମାମଲା ରୁଜୁ କରି କେଶ ଚପାଇ ଦେଇଥିବା ଆଶୁତୋଷ ର ମା ଅଭିଯୋଗ କରିଛନ୍ତି। ମୁଖ୍ୟ ଶାସନ ସଚିବ, ପୋଲିସ ଡ଼ିଜି, ସିପି, ଅତିରିକ୍ତ ଶାସନ ସଚିବଙ୍କୁ ଯେତେ ଗୁହାରି କଲେ ମଧ୍ୟ ନ୍ୟାୟ ମିଳିପାରିନାହିଁ, ଆଶୁତୋଷ କୁ ହତ୍ୟା କରି ତାର ସାଙ୍ଗ ମାନେ ଦୁର୍ଘଟଣାର ରୂପ ଦେଇଥିବାର ଆଶୁତୋଶର ମା' ଅଭିଯୋଗ କରୁଥିବାବେଳେ ,ଏହିକୁ କ୍ରାଇବ୍ରାଞ୍ଚ ତଦନ୍ତ କଲେ ଏହାର ସତ୍ୟା ସତ୍ୟ ପ୍ରକାଶ ପାଇବବୋଲି ଆଶୁତୋଶର ମା'ଗଣମାଧରେ ଅନୁରୋଧ କରିଛନ୍ତି।

# ଐତିହାସିକ ଗୁପ୍ତଗଙ୍ଗା ପୀଠରେ ବାରୁଣୀ ମେଳା, ବୁଡ ପକାଇଲେ ଶହସ୍ରାଧିକ ଶ୍ରଦ୍ଧାଳୁ

ତିହିଡି: ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଐତିହ୍ୟ ଓ ପରମ୍ପରାର ଗାଥା ବହନ କରୁଥିବା ଅଚକ ଓ ପାଳିଆବିନ୍ଧା ପଞ୍ଚାୟତର ମଧ୍ୟମ ସ୍ଥଳ ବରୁଣେଇସ୍ଥିତ ଗୁପ୍ତଗଙ୍ଗା ପୀଠରେ ପବିତ୍ର ବାରୁଣୀ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହା ତିନିଦିନ ଧରି ଚାଲିବ । ପ୍ରଥମ ଦିନରେ ଶହସ୍ରାଧିକ ଶ୍ରଦ୍ଧାଳୁ ଓ ଭକ୍ତ ଏହି ଐତିହ୍ୟ ସମ୍ପନ୍ନ ପୋଖରୀରେ ବୁଡ ପକାଇ କରି ନିଜକୁ କୃତାର୍ଥ ମନେ କରିଛନ୍ତି । ଏଥିସହ ସଦ୍ୟ ବିବାହିତ ଦମ୍ପତିଙ୍କ ବିବାହ ସମୟରେ ବ୍ୟବହାର କରା ଯାଇଥିବା ନୋଳ, ମୁକୁଟ ଓ ପଇଡି ମଶିଣା ଏହି ପୋଖରୀରେ ବିଷର୍ଜନ କରି ସେମାନଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ବୋଲି ବିଶ୍ୱାସ ଅତୁଟ ରହିଛି । ପ୍ରକାଶ ଥାଉକି, ୧୯୦୫ ମସିହାରେ ଏହି ଗୁପ୍ତଗଙ୍ଗା ପୀଠରେ ବିଭିନ୍ନ ସାଧୁ ସନ୍ଥମାନେ ନିଜର ଆଶ୍ରମ ପ୍ରତିଷ୍ଠା କରି ନିଜର ଅଲୌକିକ ପ୍ରତିଭା ବଳରେ ଜନ ମାନସକୁ ଏକ ଶୁଦ୍ଧ, ପବିତ୍ର ଓ ଆଧାତ୍ମିକ ଭାବଧାରାରେ ଉଦ୍ ?ବୃଦ୍ଧ କରାଇପାରିଥିଲେ । ସନ୍ଥ ରାମାନୁଜ ଦାସ ମହାରାଜ ଏଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରିବା ପୂର୍ବରୁ ୧୯୪୮ ମସିହାରେ ସ୍ୱପ୍ନାଦେଶ ପାଇ 'ଗୁପ୍ତ ଗଙ୍ଗା'ର ସନ୍ଧାନରେ ଏହି ଗୁପ୍ତଗଙ୍ଗା ନାମକ ସ୍ଥାନକୁ ଚିହ୍ନଟ କରିବା ସହ ମାଟି ତଳୁ ପ୍ରଭାହିତ ଜଳର ଉତ୍ସ ଠାବ କରିଥିଲେ । ସେହିଦିନରୁ ଏଠାରେ ବାରୁଣୀ ମେଳାର ଅୟମ ଆରମ୍ଭ ହୋଇଛି । କେବଳ ବାରୁଣୀ ମେଳା ଦ୍ୱାଦଶୀ ତିଥିରେ ଗୁପ୍ତଗଙ୍ଗା ଠାରେ ଗଙ୍ଗାଙ୍କ ଅଦୃଶ୍ୟ ଝରରେ ପାଣି ବାହାରିବାର ନଜିର ରହିଛି । କିଛିବର୍ଷ ତଳେ ଏହି ପୋଖରୀର ପଙ୍କ ଉଦ୍ଧାର ସମୟରେ ଗୁପ୍ତଗଙ୍ଗାର Se(ba)ରେ ବାହାରୁଥିବା ପାଣିକୁ ଆୟତ୍ତ କରାଯାଇ ପାରିନଥିବା ବେଳେ ସେଠାରେ ପଥର ଦେଇ ବନ୍ଦ କରା ଯାଇଥିଲା । ତଥାପି ଉକ୍ତ ପୋଖରୀରେ





ଏବେବି ଆପେ ଆପେ ପାଣି ବାହାରୁଛି ବୋଲି ପ୍ରତ୍ୟକ୍ଷଦର୍ଶୀ ସନ୍ୟାସୀମାନେ ମତବ୍ୟକ୍ତ କରିଥାନ୍ତି । ଏବଂ ଏହି ବାରୁଣୀ ତିଥିରେ ପୋଖରୀର ପାଣି ଉଚ୍ଛୁଳି ଥାଏ । ସରକାରୀ ଉଦାସିନତା ତଥା ପ୍ରତ୍ନତାତ୍ୱିକ ବିଭାଗର ନଜର ଆଢୁଆଳରେ ରହିଯାଇଛି ଏହି ପୀଠ । ଏହି ଆଶ୍ରମ ପରିସରରେ ବହୁ ବର୍ଷ ତଳେ କୋଣାର୍କର ଏକ ଅବିକଳ ପ୍ରତିମୂର୍ତ୍ତୀ ଓ ଆକାରରେ ଛୋଟିଆ ମନ୍ଦିରଟିଏ ନିର୍ମାଣ କରିବାକୁ ଶୁଭାରମ୍ଭ କରାଯାଇଥିଲା । ତେବେ ଏହି ମନ୍ଦିର ନିର୍ମାଣ କଲେ ବିପଦର ସମ୍ଭାବନା ରହିଛି ବୋଲି ସନ୍ଥ ରାମାନୁଜ ଦାସ ମହାରାଜଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ସେବେଠାରୁ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା ଏବଂ କିଛି ବର୍ଷ ହେବ ତାହାକୁ ଭାଙ୍ଗି ଦିଆ ଯାଇଛି । ଏହି ପୀଠରେ ଦଶମାଇ ମା'କାଳୀ, ଲକ୍ଷ୍ମୀନାରାୟଣ, ଗଣେଷ, ସରସ୍ୱତୀ, ଅନ୍ନପୂର୍ଣ୍ଣା, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ରାମ, ଲକ୍ଷ୍ମଣ ଓ ସୀତା ଦେବାଦେବୀ ଆଦି ପୂଜା ପାଉଛନ୍ତି । ଏହି ପୀଠର ଉନ୍ନତି କରଣ ଲାଗି ବିଧାୟକ ପାଣ୍ଠି ଓ ପଞ୍ଚାୟତ ପକ୍ଷରୁ କେତେକ ଉନ୍ନୟନ କାର୍ଯ୍ୟ ହାତକୁ ନିଆ ଯାଇଥିବା ବେଳେ ପାଚେରୀ ନିର୍ମାଣ କରାଗଲେ ବୁଲା ଷଣ୍ଢ ଓ ଗୃହ ପାଳିତ ପଶୁଙ୍କ ଅବାଧ ପ୍ରବେଶରୁ ମୁକ୍ତି ମିଳିବ ବୋଲି ଦାବୀ କରାଯାଇଛି । ସନ୍ଥ ରାମାନୁଜଙ୍କ ପରେ ବାବା ସୁରେଶଚନ୍ଦ୍ର ଦାସ ଏବଂ ବାବାଜୀ ବିଷ୍ଣୁମୋହନ ଦାସ ମଧ୍ୟ ଇହଲୀଳା ସମ୍ବରଣ କରିଛନ୍ତି । ଅଧୁନା ବାବା ଅଚ୍ୟୁତ ନନ୍ଦ ଦାସ ପରିଚାଳନା କରୁଛନ୍ତି । ଏହି ଅବସରରେ ଏକ ବିଶାଳ ମେଳା ଲାଗିଛି । ପ୍ରଥମ ଦିନରେ ନାହିଁନଥିବା ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ହେଲେ ଏହି ପୀଠକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଅତ୍ୟନ୍ତ୍ୟ ଶୋଚନୀୟ ହୋଇ ପଡି ରହିଛି । ମଠ ପରିଚାଳନା କମିଟିର ସଭାପତି ଗଣେଶ ପ୍ରସାଦ ବିଶ୍ୱାଳ, ସମ୍ପାଦକ ସନ୍ତୋଷ ମଲ୍ଲିକ, ରଣଜିତ ମଲ୍ଲିକ, ଭାଗିରଥି ମଲ୍ଲିକ, ସଞ୍ଜୟ ମଲ୍ଲିକ, ବ୍ରଜକିଶୋର ମଲ୍ଲିକ, ବିଭୁରଞ୍ଜନ ମଲ୍ଲିକ, ଅକ୍ଷୟ ମଲ୍ଲିକ, ବିଶ୍ୱଜିତ ଧଳ, ବିରେନ୍ଦ୍ର ମଲିକ, ଗୌରାଙ୍ଗ ମଲିକ, ଶଙ୍କର୍ଷଣ ଦଳେଇ, ଚକ୍ରଧର ପରିହାରୀଙ୍କ ପ୍ରମୁଖ ପରିଚାଳନା କରୁଛନ୍ତି । ଏପରି ଐତିହ୍ୟ ପରମ୍ପରା ସମ୍ପନ୍ନ ପୀଠକୁ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ କ୍ଷେତ୍ରୀୟ ତଦନ୍ତ କରି ହାତକୁ ନେବାକୁ ସାଧାରଣରେ ଦାବୀ ହେଉଅଛି ।

# ପଶ୍ଚିମ ଏସିଆରେ ସାମ୍ପ୍ରତିକ ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ




ନୂଆଦିଲ୍ଲୀ: ପଶ୍ଚିମ ଏସିଆର ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ ଆଜି ନୂଆଦିଲ୍ଲୀସ୍ଥିତ ନେସନାଲ ମିଡିଆ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଛି। ପରିସ୍ଥିତିର ପରିବର୍ତନ ଉପରେ ସଦ୍ୟତମ ସୂଚନା ପ୍ରଦାନ କରିବା ପାଇଁ ଏପରି ସାମ୍ବାଦିକ ସମ୍ମିଳନୀ ନିୟମିତ ଭାବରେ କରାଯାଉଛି। ଆଜିର କାର୍ଯ୍ୟକ୍ରମରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇନ୍ଧନ ଯୋଗାଣ, ସାମୁଦ୍ରିକ କାର୍ଯ୍ୟକଳାପ, ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସ୍ଥିତି ଏବଂ ଅନ୍ୟାନ୍ୟ ସୂଚନା ପ୍ରଦାନ କରାଯାଇଥିଲା।

ହର୍ମୁଜ୍ ପ୍ରଣାଳୀ ସମ୍ବନ୍ଧୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ବର୍ତ୍ତମାନର ଇନ୍ଧନ ଯୋଗାଣ ସ୍ଥିତି, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲା। ସମସ୍ତ ତୈଳ ବିଶୋଧନାଗାର ଉଚ୍ଚ କ୍ଷମତା ସହିତ କାର୍ଯ୍ୟ କରୁଛି ଏବଂ ପର୍ଯ୍ୟାପ୍ତ ଅଶୋଧିତ ତୈଳ ମହଜୁଦ ରଖାଯାଇଛି। ଭାରତ ପେଟ୍ରୋଲ ଏବଂ ଡିଜେଲ ଉତ୍ପାଦନରେ ସ୍ୱାବଲମ୍ବୀ ରହିଛି ଏବଂ ଘରୋଇ ଚାହିଦା ପୂରଣ କରିବା ପାଇଁ କୌଣସି ଆମଦାନୀ ଆବଶ୍ୟକ ନାହିଁ। ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ଖୁଚୁରା ଦୋକାନରେ ଇନ୍ଧନ ଶୁଖିଯିବାର କୌଣସି ମାମଲା ରିପୋର୍ଟ କରାଯାଇ ନାହିଁ। ପେଟ୍ରୋଲ ଏବଂ ଡିଜେଲର ଯୋଗାଣ ନିୟମିତ ଭାବରେ ଜାରି ରହିଛି।ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଥିବାରୁ ନାଗରିକମାନଙ୍କୁ ଭୟଭୀତ ହୋଇ କିଣାକିଣି ନ କରିବାକୁ ପରାମର୍ଶ ଦିଆଯାଇଛି।

PRINTED BY- PRASANTA KUMAR POTHAL AND OWNED,PUBLISHED AND EDITED BY **JYOTIRMAYA PANDA**, PRINTED AT OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

**EDITOR : JYOTIRMAYA PANDA** Email:-aamarprayas@gmail.com Mob:-9937020732 **ସଂପାଦକ : ଜ୍ୟୋତିର୍ମୟ ପଣ୍ଡା**